
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ଅଗଷ୍ଟ ୨୦୧୮
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE







*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଚତୁର୍ଥ ବର୍ଷର ପଞ୍ଚମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।<br>କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-4, August 2018, Issue No. V
**RNI No. : ODIODI/2015/64435**
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**

## ଏଇ ସଂଖ୍ୟାରେ...

### ପ୍ରବନ୍ଧ

| | | |
|---|---|---|
| **ଜାତୀୟ ପତାକା, ଦେଶପ୍ରେମୀ ଓଡ଼ିଆ କବି ଓ କବିତା** | ଶ୍ରୀକୁଞ୍ଜ ବିହାରୀ ସାହୁ | ୦୭ |
| **ଗାନ୍ଧୀବାଦ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ** | ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ | ୧୨ |
| **ନାହିଁ ସ୍ୱାଭିମାନ ନାହିଁ ଅଭିମାନ** | ନିଶିକାନ୍ତ ପାଢ଼ୀ | ୧୬ |

### ଗଳ୍ପ

| | | |
|---|---|---|
| **ଏମିତି ବି ହୁଏ** | ଶ୍ରୀ ସତ୍ୟବ୍ରତ ସାହୁ | ୧୮ |
| **ଉଷୁମ ପରଶ** | ସୁସ୍ମିତା ପଟେଲ | ୧୯ |
| **ନିପା ଭାଇରସ** | ଲୀଳାବତୀ ମହାପାତ୍ର | ୨୧ |
| **ମାୟାବିନୀ** | ବନଲତା ସିଂହ | ୨୩ |
| **ମନ ଗହନର୍ କଥା** | ଡକ୍ଟର ବିଦ୍ୟୁତ ପ୍ରଭା *ମିଶ୍ର* | ୨୬ |
| **ସ୍ମୃତି ଓ ଅନୁଭୂତି** | ସାସ୍ୱତି ସାମଲ | ୨୯ |
| **ବିଗତ ଓ ଅନାଗତର୍ ମଝାମଝି** | ବିନୟ ମହାପାତ୍ର | ୩୦ |
| **ରୂପାଜହ୍ନ** | ଶ୍ରୀମତୀ ସୁଷମା ରାଣୀ ରଥ | ୩୧ |
| **ଡାଏରୀ** | ଅନିଲ ସାହୁ | ୩୨ |
| **ନୀଳକଣ୍ଠ** | ଗୀତାଞ୍ଜଳୀ ନାୟକ | ୩୩ |

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................

ଠିକଣା .............................................................. ପିନ୍‌କୋର୍ଡ୍ ..................................

ମୋବାଇଲ୍ ନମ୍ବର ......................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................... ତାରିଖ......................................

ବ୍ୟାଙ୍କ୍......................................... ସ୍ଥାନ.....................................................

ତାରିଖ......................................... ଦସ୍ତଖତ.....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**
ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheevoice.in

# ଜାତୀୟ ପତାକା, ଦେଶପ୍ରେମୀ ଓଡ଼ିଆ କବି ଓ କବିତା

*- ଶ୍ରୀକୁଞ୍ଜ ବିହାରୀ ସାହୁ*

ତ୍ରିରଙ୍ଗା ପତାକା ଜାତିର ଗରବ, ଦେଶର ସୌରଭ
ଗରବରେ ଛାତି ବୁଢ଼େ,
ଅଗଷ୍ଟ ପନ୍ଦରେ ନୀଳ ଆକାଶରେ, ଖୋଲା ପବନରେ
ଫର ଫର ହୋଇ ଉଡ଼େ ।
କେତେ ଯେ ସଂଗ୍ରାମୀ କାରାଗାର ଗଲେ, ବଳିଦାନ ଦେଲେ
ଖାଇଲେ ଇଂରେଜ ମାଡ଼
ମାଟି ମାଆ ପାଇଁ ଖରା କି ବରଷା, ଶୀତର ପରଷ
ସହିଲେ କାକର ଜାଡ଼ ।

*ତ୍ରିରଙ୍ଗା ପତାକା* କବିତାଟିର ଏଇ କେତୋଟି ଧାଡ଼ି ପଢ଼ିଲାବେଳକୁ ଭାରତର ସ୍ୱାଧୀନତା କଥା ସ୍ମୃତି ପଟରେ ଉଦ୍‌ଭାସିତ ହେଉଛି । ଦେହ-ମନରେ ପୁଲକ ଜାଗୁଛି ଆପଣାଛାଏଁ । ସ୍ୱାଧୀନତାର ପ୍ରତୀକ ଏହି ତ୍ରିରଙ୍ଗା ପତାକା ଦେଶ-ଜାତିର ସମ୍ମାନ । ଜାତୀୟ ପତାକା, ଜାତୀୟ ଚିହ୍ନ ଓ ଜାତୀୟ ସଙ୍ଗୀତ ଭାରତର ସାର୍ବଭୌମତ୍ୱର ପ୍ରତୀକ ।

କୁଚକ୍ରୀ ଇଂରେଜୀ ଶାସନରୁ ମୁକୁଳିବା ପାଇଁ ଭାରତ ବର୍ଷର କୋଣେ ଅନୁକୋଣେ ବସବାସ କରୁଥିବା ଜନତା ପ୍ରାଣମୂର୍ଚ୍ଛା ଉଦ୍ୟମ କଲେ । ସ୍ୱାଧୀନତାର ବୈଜୟନ୍ତୀ ଉଡ଼ାଇବାକୁ ତତ୍ପର ହୋଇଉଠିଲେ । ପରାଧୀନ ଭାରତରେ ଇଂରେଜମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରିବାକୁ ଯାଇ ଇଂଲଣ୍ଡର ଜାତୀୟ ପତାକାକୁ ଭାରତ ଆଣିଥିଲେ । କ୍ରମେ ଭାରତର ବିଭିନ୍ନ ରାଜ୍ୟକୁ ଅକ୍ତିଆର କରି ଇଂରେଜ ମାନେ ରାଜ୍ୟ ବିସ୍ତାରରେ ଲାଗିପଡ଼ିଲେ । ୧୮୫୭ ମସିହାର ସିପାହୀ ବିଦ୍ରୋହର ସୂତ୍ରପାତ ହେଲା ଏବଂ ଭାରତୀୟ ସିପାହୀମାନେ ସୂର୍ଯ୍ୟଚିହ୍ନ ଥିବା ପତାକାକୁ ବ୍ୟବହାର କରିଥିଲେ । ୧୯୦୬ ମସିହା ଅଗଷ୍ଟ ୭ ତାରିଖରେ କୋଲକାତା ପ୍ୟାରିସ୍ ବ୍ୟାଗାନ ସ୍କୋୟାରରେ ଭାରତର ପ୍ରଥମ ଜାତୀୟ ପତାକାର ରୂପରେଖ ତିଆରି ହୋଇଥିଲା । ଏଥିରେ ଦୁଇ ଧର୍ମର ପ୍ରତୀକ ରୂପେ ସୂର୍ଯ୍ୟ ଓ ଚନ୍ଦ୍ର, ୮ଟି ପଦ୍ମ ଫୁଲ ଓ ବନ୍ଦେ ମାତରଂ ଉପସ୍ଥାପିତ କରାଯାଇଥିଲା । ୧୯୦୭ ମସିହାରେ ପତାକାର ତଳେ ସବୁଜ ରଙ୍ଗ ଓ ଉପରେ ଗେରୁଆ ରଙ୍ଗ ରଖାଗଲା । ୧୯୧୭ ମସିହାରେ ପତାକାରେ ଲାଲ ଓ ସବୁଜ ରଙ୍ଗର ଗାର, ପତାକାର ଉପର ବାମରେ ରାଜ୍ୟମାନଙ୍କର ପ୍ରତୀକ, ଉପରେ ଡାହାଣରେ ଅର୍ଦ୍ଧଚନ୍ଦ୍ର, ତାରା, ସପ୍ତରଷିର ସାତୋଟି ତାରାକୁ ଉପସ୍ଥାପିତ କରିଥିଲେ ସଂଗ୍ରାମୀ ବାଳ ଗଙ୍ଗାଧର ତିଳକ ।

୧୯୨୧ ରେ ମହାତ୍ମା ଗାନ୍ଧୀଙ୍କ ସମୟରେ ପତାକାର ରଙ୍ଗକୁ ତିନି ସମ୍ପ୍ରଦାୟ ଅନୁସାରେ ବିଭକ୍ତ କରାଯାଇଥିଲା । ଉପରେ ଅଂଶରେ ଅନ୍ୟ ସଂଖ୍ୟା ଲଘୁ ସମ୍ପ୍ରଦାୟ ପାଇଁ ଧଳା ରଙ୍ଗ, ମୁସଲିମମାନଙ୍କ ପାଇଁ ସବୁଜ ରଙ୍ଗ, ହିନ୍ଦୁମାନଙ୍କ ପାଇଁ ଲାଲ ରଙ୍ଗ, ଓ ପତାକାର ମଝିରେ ଅରଟ ଚିହ୍ନ ଦିଆଗଲା । ପରେ ପରେ ୧୯୩୧ ମସିହାରେ ପତାକାର ପରିବର୍ତ୍ତନ କରାଗଲା । ଉପରେ ଅଂଶରେ କମଳା ରଙ୍ଗ, ମଝିରେ ଧଳା, ତଳେ ସବୁଜ ରଙ୍ଗ, ମଝିରେ ଅରଟର ଚକ ଓ ଅଖକୁ ସ୍ଥାପନ କରାଯାଇଥିଲା । କାଳକ୍ରମେ ତ୍ରିରଙ୍ଗା ପତାକାର ବିବର୍ତ୍ତନ ଘଟି ଶେଷରେ ତିନୋଟି ରଙ୍ଗ, ଅଶୋକ ଚକ୍ର ରେ ରୂପାୟିତ ହୋଇ ସମଗ୍ର ସ୍ୱାଧୀନ ଭାରତବାସୀଙ୍କ ହୃଦୟରେ ସ୍ଥାନ ପାଇଲା । ପତାକାର ଉପର ଅଂଶ ଗାଢ଼ କମଳା(ନାରଙ୍ଗୀ) ରଙ୍ଗ ତ୍ୟାଗ, ସାହସ, ବଳିଦାନକୁ ବୁଝାଏ । କେନ୍ଦ୍ରରେ ଥିବା ଧଳା ଚିହ୍ନଟି ପବିତ୍ରତା ଓ ସତ୍ୟକୁ ବୁଝାଏ । ତଳ ଅଂଶରେ ଥିବା ଗାଢ଼ ସବୁଜ ରଙ୍ଗ ମାଟି ଓ ଗଛଲତା ଜୀବନ ସହିତ ନିବିଡ଼ ସମ୍ପର୍କକୁ ବୁଝାଏ । ମଝିରେ ଥିବା ଅଶୋକ ଚକ୍ର ସତ୍ୟ, ଧର୍ମର ପ୍ରତୀକ । ଏଥିରେ ଥିବା ଚକ୍ର ଗତିକୁ ବୁଝାଏ । ଏହାର ୨୪ଟି ଅଖ(ଆକାଶିଆ ନୀଳ ରଙ୍ଗ) ଓ ଏହା ସାରନାଥରେ ଅବସ୍ଥିତ ଅଶୋକ ସ୍ତମ୍ଭର ସମ୍ପୂର୍ଣ୍ଣ ପରିପ୍ରକାଶ । (ସୌଜନ୍ୟ- ଉତ୍କଳ ପ୍ରସଙ୍ଗ ଅଗଷ୍ଟ ୨୦୧୭)

୧୯୪୭ ଜୁଲାଇ ୨୨ ତାରିଖରେ ଏହି ପତାକାର ରୂପରେଖ ଦେଇଥିଲେ ଆନ୍ଧ୍ରପ୍ରଦେଶ ନିବାସୀ ତଥା ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ପିଙ୍ଗାଲି ଭେଙ୍କୟା । ତାଙ୍କର ଜନ୍ମ ୨ ଅଗଷ୍ଟ ୧୮୭୬ ଓ ମୃତ୍ୟୁ ୪ ଜୁଲାଇ ୧୯୬୩ରେ ହୋଇଥିଲା । ଏହି ମହନୀୟ ବ୍ୟକ୍ତିଙ୍କ ପାଖରେ ଆମର ଶତ ପ୍ରଣାମ ।

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ରଚିତ ଦେଶାତ୍ମବୋଧକ ସଙ୍ଗୀତ ***ଜନ-ଗଣ-ମନ-ଅଧିନାୟକ ଜୟ ହେ ଭାରତ-ଭାଗ୍ୟ-ବିଧାତା..*** କବିତାଟି ଜାତୀୟ ସଙ୍ଗୀତ ରୂପେ ପରିଚିତ ଲାଭ କଲା । ***ଅଗଷ୍ଟ ୧୫ (ସ୍ୱାଧୀନତା ଦିବସ) ଓ ଜାନୁଆରି ୨୬ (ସାଧାରଣତନ୍ତ୍ର ଦିବସ)*** ରେ ଜାତୀୟ ପତାକା ଉତ୍ତୋଳନ ସମୟରେ ଏହି ଜାତୀୟ ସଙ୍ଗୀତ ସମୂହଭାବରେ ଗାନ କରାଯାଏ । ଏକାଗ୍ରତା ମୁଦ୍ରାରେ ସମସ୍ତେ ଭାରତମାତାଙ୍କ ସ୍ମରଣ କରିଥାନ୍ତି । ଏହି ମଧୁର ସଙ୍ଗୀତ ଆନ୍ତର୍ଜାତୀୟ ତଥା ଭାରତୀୟ ଖେଳକୁଦ ପ୍ରତିଯୋଗିତାରେ ଆବୃତି

କରାଯାଇଥାଏ । ଆମେ ଭାରତୀୟ, ଭାରତ ଆମର ମାଆ- ଏଭଳି ଭାବନା ମନରେ ସାଇତି ରହେ ଭାରତବାସୀଙ୍କର ।

ଜାତୀୟ ପତାକା ତଥା ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ପୁରୋଧା ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଅବିଚଳିତ ଉଦ୍ୟମକୁ ସମ୍ମାନ ଜଣାଇ ଜାତୀୟ କବି ବୀର କିଶୋର ଦାସ ନିଜର କବିତା 'ପତାକା ତଳକୁ ଆସରେ' ରେ ଲେଖିଥିଲେ-

ଗାନ୍ଧୀ ନାମେ ଯେବେ ବିଶ୍ୱାସ ଅଛି ପତାକା ତଳକୁ ଆସରେ,
ମୁକତି ଗଙ୍ଗାର ଢେଉ ଛୁଟି ଆସେ ବେଗାବେଗି ଦିଅ ଝାସରେ ।
ଜଳିଲାଣି ଅରି ପ୍ରଳୟ ଅନଳ
ଥରିଉଠେ ଆଜି ଅଷ୍ଟ କୁଳାଚଳ
ଦେବତା ଦେଶରେ ଦାନବ ରାଜତ୍ୱ ବୋଲି ଅଛି ନାଗ ଫାଶରେ ।

(ସୌଜନ୍ୟ- ଉତ୍କଳ ପ୍ରସଙ୍ଗ- ଅଗଷ୍ଟ ୨୦୧୭)

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଭୂମିକା ଅଦ୍ୱିତୀୟ । ପାଇକ ବିଦ୍ରୋହ ଓ ପରେ ପରେ ସିପାହୀ ବିଦ୍ରୋହର ସୂତ୍ରପାତ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ଘନୀଭୂତ କରିବାକୁ ଲାଗିଲା । ମହାତ୍ମା ଗାନ୍ଧୀଙ୍କ ଅହିଂସା ଯୁଦ୍ଧରେ ସମଗ୍ର ଓଡ଼ିଶାବାସୀ ସାମିଲ ହୋଇ ସ୍ୱାଧୀନତାର ମନ୍ତ୍ର ଉଚ୍ଚାରଣ କଲେ । ଗାନ୍ଧିଜୀଙ୍କ ଆଗମନ ଓଡ଼ିଆମାନଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରାଇବାରେ ସହାୟକ ହୋଇଥିଲା । ସେ କହିଥିଲେ- *'ଆମ୍ଭମାନଙ୍କ ହାତରେ ତରବାରୀ ବା ଶାରୀରିକ ବଳ ନାହିଁ । ମୋ ମତରେ*
*ତରବାରୀ ଥିଲେ ସୁଦ୍ଧା ଶତ୍ରୁ ଓ ପାପୀ ଆଗରେ ତାହାକୁ ଉତ୍ତୋଳନ କରିବା ନାହିଁ । ଅସହଯୋଗ ଆମର ଧର୍ମ । ସ୍ୱରାଜ ଆମର ମୁକ୍ତି ।'* (ସୌଜନ୍ୟ- ଉତ୍କଳ ପ୍ରସଙ୍ଗ-୨୦୧୭ ପୃଷ୍ଠା-୪୩) ।

ଉତ୍କଳର ସୁଯୋଗ୍ୟ ସନ୍ତାନ ଜୟୀ ରାଜଗୁରୁ, ବୀର ସୁରେନ୍ଦ୍ର ସାଏ, ବାଜି ରାଉତ, ଲକ୍ଷ୍ମଣ ନାଏକ, ବିର୍ସା ମୁଣ୍ଡା, ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଦିବାକର ପରିଡ଼ା, ରଘୁନାଥ ମହାନ୍ତି, ଉତ୍କଳମଣି ଗୋବପନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ହରେକୃଷ୍ଣ ମହତାବ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଚନ୍ଦନ ହଜୁରୀ, ବିଜୁ ପଟ୍ଟନାୟକ ଓ ଆହୁରି ଅନେକ ସ୍ୱାର୍ଥରହିତ କାର୍ଯ୍ୟ କରି ଦେଶମାତୃକାର ମୁକ୍ତିପଥରେ ଅଗ୍ରସର ଥିଲେ । ସେହିଭଳି ମା ରମାଦେବୀ, ସରଳା ଦେବୀ, ମାଳତୀ ଚୌଧୁରୀ, ପାର୍ବତୀ ଗିରି, ଜାହ୍ନବୀ ଦେବୀ, କୁଜଙ୍ଗର ପୂର୍ବତନ ରାଣୀ ଭାଗବତୀ ପାଟ ମହାଦେଈ, କୁନ୍ତଳାକୁମାରୀ ସାବତ, ଅନ୍ନପୂର୍ଣ୍ଣା ଦେବୀ ଆଦି ମହିଳା ଗଣ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ ହୋଇ ମା-ମାଟି ପାଇଁ ଅନେକ ଯାତନା ସହିଥିଲେ । ଇଂରେଜ ଶାସନକାଳରେ ପୋଲିସମାନଙ୍କ ସହ ଯୁଝି କାରାଗାର ବରଣ କରିଥିଲେ । ସେମାନଙ୍କର ଅଦମ୍ୟ ସାହସ, ଅଟଳ ପ୍ରତିଜ୍ଞା ସ୍ୱରାଜ୍ୟ ସାଧନାରେ ବତୀଘର ସଦୃଶ ମନେ ହୁଏ ।

ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଯୁଦ୍ଧ ଡାକରାରେ ଜନ୍ମ ମାଟି ଓଡ଼ିଶା ପାଇଁ ସ୍ୱପ୍ନ ଦେଖିଥିବା ଅନେକ ଓଡ଼ିଆ କବି ଅଗ୍ନିବର୍ଷୀ କବିତା ରଚନା କରିଥିଲେ । ମୁକ୍ତି ସଂଗ୍ରାମକୁ ଜାତୀୟବାଦୀ କବିମାନେ ବ୍ୟାପକ ଭାବେ ପ୍ରଭାବିତ କରିଥିଲେ । ସେଗୁଡ଼ିକ ମନ ପ୍ରାଣରେ ଜାଗରଣ ସୃଷ୍ଟି କରିବା ସହ ସମୟାନୁକ୍ରମେ କାଳଜୟୀ ହୋଇପାରିଥିଲା ।

ରାଷ୍ଟ୍ରର ସ୍ୱାଧୀନତା ପାଇଁ ଶାସନର ପଦପଦବୀ, କ୍ଷମତା, ଅର୍ଥ ସବୁକିଛି ତୁଚ୍ଛ । ହଜାରୀବାଗ ବନ୍ଦୀଗୃହରେ କଏଦୀଭାବେ ଜୀବନ ବିତାଉଥିବା ବେଳେ *'ବନ୍ଦୀର ଆତ୍ମକଥା'* କବିତା ରଚନା କରିଥିଲେ । ମନ ଭିତରେ ବୈପ୍ଳବିକ ଚିନ୍ତାଧାରା ଉଦ୍ରେକ କରି ସମସ୍ତ ଉତ୍କଳବାସୀ ସାହସର ସହ ନିଜର ପାରିଲା ପଣିଆକୁ ଜାହିର କରିବା ପାଇଁ ଆହ୍ୱାନ ଦେଇଥିଲେ । ନିମ୍ନୋକ୍ତ ପଦରୁ ଏହା ସ୍ପଷ୍ଟ ଅନୁମେୟ ।

ଦଗ୍ଧ ହେଉ ଦେହ, ଭସ୍ମ ହେଉ ଘର
ସ୍ୱରାଜ୍ୟେ ସାଧନେ କେବେ ହେଁ ନ ଡର ।
ନ ଛାଡ଼ ସାହସ ନ ହୁଅ ନିରାଶ
ହେଲେ ହେଉ ପଛେ କାରାଗାରେ ବାସ ।

(ବନ୍ଦୀର ଆତ୍ମକଥା- ପୃଷ୍ଠା-୪)

ଗୋପବନ୍ଧୁଙ୍କ ଏଭଳି ଦେଶାତ୍ମବୋଧକ କବିତା ତଥା ନିଜର ସ୍ୱାର୍ଥରହିତ ସଂଗ୍ରାମୀ ଭାବନା ସେତେବେଳର ସ୍ୱାଧୀନତା ପାଇଁ ଉତ୍ସାହ ଯୋଗାଇଥିଲା । ସେ କହିଥିଲେ- ***'ପରାଧୀନ ଭାବ ଦାସତ୍ୱ, ସ୍ୱାଧୀନତାର ଭାବ ବିଭୂତ୍ୱ । ସ୍ୱାଧୀନତାର ଭାବରେ ସାକ୍ଷାତ ଭଗବାନଙ୍କୁ ଆଗରେ ଦେଖି ତାଙ୍କର ସତା ଅନୁଭବ କରିବାକୁ ହେବ । ତାଙ୍କର ଆହ୍ୱାନ ଶୁଣିବାକୁ ହେବ । ସ୍ୱାଧୀନତା ବାହାରେ ନାହିଁ । ଏହା ଆତ୍ମାରେ ପ୍ରତିଷ୍ଠିତ । ଆତ୍ମଶାସନ ହିଁ ଏହାର ସାଧନା, ତିତିକ୍ଷା ହିଁ ଏହାର ମନ୍ତ୍ର ।'***

ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍କଳର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ, ଇଂରେଜୀ ଓ ବଙ୍ଗଳା ସାହିତ୍ୟରେ ଜଣେ ଉଚ୍ଚକୋଟୀର ବାଗ୍ମୀ ଥିଲେ ବି ଖୁବ୍ ସ୍ୱାଭିମାନୀ ସେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୁରୋଧା ତଥା ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଭାବେ ନିଜକୁ ପରିଚୟ ଦେଇଥିଲେ । ଦେଶ ଓ ଜାତିର ଉନ୍ନତି ନିମନ୍ତେ ତାଙ୍କ ପ୍ରାଣ କାନ୍ଦୁଥିଲା । ଦେଶବାସୀଙ୍କ ପାଇଁ ଲେଖିଥିଲେ-

'ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ, ପୂରୁବ ମହିମା ପଡ଼ିବକି କେବେ ମନେ ।'

ତୋଷାମଦ, ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ମାଟି-ମାଆର ସେବାରେ ଲାଗିଲେ ଦେଶ ଉନ୍ନତି ପଥରେ ଆଗେଇ ପାରିବ, ଏହା ଥିଲା ତାଙ୍କର ଦେଶବାସୀଙ୍କ ପ୍ରତି ଆବେଦନ । ତାଙ୍କର ପ୍ରତ୍ୟେକ କବିତା ରସୋତୀର୍ଣ୍ଣ ଓ ଭାବ ମଞ୍ଜୁଳ ।

ଓଡ଼ିଆ ପ୍ରାଣରେ ବୈପ୍ଲବିକ ଧାରା ସଂଚାର କରି ସ୍ୱାଧୀନତା ପଥରେ ଚାଲିବାକୁ ବାଟ ଦେଖାଇଥିଲେ ଜାତୀୟ କବି ବୀର କିଶୋର ଦାସ । ମୁକ୍ତି ଆନ୍ଦୋଳନରେ ସଭିଏ ଝାସ ଦେବାକୁ ଆହ୍ୱାନ ଦେଇଥିଲେ । ମନର ତାତିଲା ପଣକୁ ପ୍ରକାଶ କରି '*ରଣ ଦୁନ୍ଦୁଭି*' କବିତାରେ ସେ ଲେଖିଥିଲେ-

'ଦିନରାତି ମୋର ସେହି ଚିନ୍ତା, ବନ୍ଧୁ ସେହି ଚିନ୍ତା
ଏ ସରକାର ଶବ ଦାହ କେବେ ହେବ,
ଦେଖିବି ମୁଁ ତାର ଶେଷ ଚିତା ।'

**XX XX XX**

ନିଜର ମନୋଭାବକୁ ସମସ୍ତ ସ୍ୱାଧୀନ ପ୍ରେମୀ ଉତ୍କଳବାସୀଙ୍କ ହୃଦୟରେ ସ୍ଥାନିତ କରିବାର ଦୃଢ଼ ସଂକଳ୍ପ ନେଇ ଲେଖିଥିଲେ-

'ଦେଶ ଲାଗି ଯା'ର ଦେହ କାନ୍ଦି ଉଠେ ଜାତି ଲାଗି କାନ୍ଦେ ମନ
ଲୋଡ଼ା ନାହିଁ ତା'ର ଯୋଡ଼ା ଘୋଡ଼ା ଗାଡ଼ି କୁଆଁର ପୁନେଇଁ ଜହ୍ନ'

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ୱାଧୀନତା ଆନ୍ଦୋଳନର ଏକ ଚର୍ଚ୍ଚିତ ନାଁ । ଉତ୍କଳ ସମ୍ମିଳନୀର ବାଲେଶ୍ୱର ଅଧିବେଶନରେ '*ବନ୍ଦେ ଉତ୍କଳ ଜନନୀ*' କବିତା ରଚନା କରି ଉତ୍କଳ ଜନନୀ ପ୍ରତି ଭକ୍ତିଭାବ ପ୍ରଦର୍ଶନ କରିଥିଲେ ।

ବନ୍ଦେ ଉତ୍କଳ ଜନନୀ
ବନ୍ଦେ ଉତ୍କଳ ଜନନୀ
ଚାରୁ ହାସ୍ୟମୟୀ,
ଚାରୁ ଭାଷମୟୀ ଜନନୀ, ଜନନୀ...

ଓଡ଼ିଆ ଭାଷା ମୃତ୍ୟୁଶଯ୍ୟାରେ ଛଟପଟ ହେଉଥିଲାବେଳେ ଉନବିଂଶ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାର ଅନ୍ୟତମ ଚିର ସ୍ମରଣୀୟ କବି ଗଙ୍ଗାଧର ମେହେର ନିଜ କାବ୍ୟକୃତିରେ ଓଡ଼ିଆ ମାଆର ସମ୍ମାନ ରଖିବା ପାଇଁ ସଦାସର୍ବଦା ଚେଷ୍ଟିତ ଥିଲେ । ଓଡ଼ିଆ ଭାଷାକୁ ଅଗ୍ରାଧିକାର ଦେବା ସହ ଉତ୍କଳ ଜନନୀର ଅସହାୟତାକୁ ଅନୁଭବ କରିପାରିଥିଲେ । ସେ ଲେଖିଥିଲେ-

'ଉଠ ଭାଇ ଉଠ ନବୀନ ଆଲୋକେ
ଶୋଇଥିଲେ ଚାହିଁ ହସୁଥିବେ ଲୋକେ
ଶୁଭକର୍ମ ପଥେ ହୁଅ ଅଗ୍ରସର
ଚକ୍ଷୁ ମିଳିବାକୁ ନାହିଁ ଅବସର ।'

ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ଦାସ, ପଣ୍ଡିତ ଗୋଦାବରୀଶ ମହାପାତ୍ର, ପଣ୍ଡିତ ନୀଳକଣ୍ଠ ଦାସ ବ୍ରିଟିଶ ଶାସନକୁ ପରାହତ କରିବାର ସ୍ୱପ୍ନ ଦେଖିଲେ । ଆଖି ସାମ୍ନାରେ ଉତ୍କଳ ଜନନୀର ଦୁଃଖ ଦେଖି ସେମାନଙ୍କର ସରଳ ତରଳ ମନପ୍ରାଣ ଉଦ୍‌ବେଳିତ ହୋଇଥିଲା । ସେଥିପାଇଁ ବିପ୍ଲବାତ୍ମକ କବିତା ରଚନା କରି ଉତ୍କଳ ଜନନୀ ପ୍ରତି ନିଜର ଅନୁରକ୍ତି ପ୍ରକାଶ କରିବା ସହ ଉତ୍କଳବାସୀଏ ଏକଜୁଟ ହେବା ପାଇଁ ପ୍ରେରଣା ଦେଇଥିଲେ ।

ଓଡ଼ିଆ ଗଳ୍ପର ଆଦ୍ୟ ପ୍ରତିଷ୍ଠାତା ଫକୀରମୋହନ । ମକରସଂକ୍ରାନ୍ତିରେ ଜନ୍ମ ହୋଇଥିବାରୁ କେହି କେହି ତାଙ୍କୁ ସଂକ୍ରାନ୍ତି ପୁରୁଷ ବୋଲି କହିଥାନ୍ତି । ଭାଷାର ସୁରକ୍ଷା ପାଇଁ ଆଗେଇ ଆସିଥିଲେ । ସେଇଥିପାଇଁ ଲେଖିଥିଲେ-

ପଢ଼ ରାଜ ଭାଷା ଅଛି ତହିଁ ଲାଭ
ମାତ୍ର ନହରାଅ ଜାତୀୟ ସ୍ୱଭାବ ।

**XX XX XX**

ନ କରିଲେ ମାତୃଭାଷାରେ ଉନ୍ନତି
ଫୁଟିବ କି କେବେ ଦେଶର ଦୁର୍ଗତି ।

୧୯୩୦ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନ ବିଶେଷ କରି ଲବଣ ସତ୍ୟାଗ୍ରହରେ ଭାଗ ନେଇ ଜାତୀୟ କବି ବାଂଛାନିଧି ମହାନ୍ତି ସ୍ୱାଧୀନତା ସଂଗ୍ରାମର ଲବଣ ସତ୍ୟାଗ୍ରହରେ ଯୋଗଦାନ କରି କାରାବରଣ କରିଥିଲେ । ସାମ୍ରାଜ୍ୟବାଦ ଫିରିଙ୍ଗି ଶାସନ ବିରୋଧରେ ସ୍ୱର ଉଠେଇ ଦେଶାତ୍ମବୋଧକ ଗୀତଟିଏ ଗାଇଥିଲେ-

'ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନରେ
ଗାଏ ସାଗର, ଭୂଧର ଅମ୍ବର ଚୁମ୍ବିତ
ଭାଲ ହିମାଚଳ ଗିରିବର କମ୍ପିତ- ସ୍ୱାଧୀନ ସ୍ୱାଧୀନରେ ।'

ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କ ***ଉଠ କଙ୍କାଳ*** କବିତାଟିରେ ଓଡ଼ିଶାର ହୃତ ଗୌରବକୁ ଉଜ୍ଜୀବିତ କରିବା ପାଇଁ ଚେଷ୍ଟିତ ହୋଇଥିଲେ ।

'ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି,
ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ ।
ପୃଥ୍ୱୀ ବିଦାରି ବାରବାଟୀ ମଜା ଉଠ ଉଠ ଚଂଚଳ
ଖୋର୍ଦ୍ଧାର ଶତ ସର୍ଦ୍ଦାର କର ଶିର ଉନ୍ନତ ଭର
ଉଠ କଙ୍କାଳ ଛିଡ୍ରୁ ଶୃଙ୍ଖଳ ଜାଗ ଦୁର୍ବଳ ଆଜି
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି ।'

ଆଧୁନିକ ସାହିତ୍ୟର ଯୁଗସ୍ରଷ୍ଟା କବବିର ରାଧାନାଥ ରାୟ ବଙ୍ଗାଳି ହେଲେ ବି ଓଡ଼ିଆ ସାହିତ୍ୟ ପ୍ରତି ଗଭୀର ରୁଚି ରଖିଥିଲେ । ୧୯୦୮ ମସିହାରେ ଉତ୍କଳ ସମ୍ମିଳନୀ ପାଇଁ ମଧୁସୂଦନ ଦାସ ଙ୍କ ଅନୁରୋଧ କ୍ରମେ *ସର୍ବେଷାଂ ନୋ ଜନନୀ ଭାରତ.. ଧରଣୀ କଳ୍ପଲତେୟଂ* କବିତାଟି ଲେଖିଥିଲେ । କ୍ରମଶଃ ଏହି ସୁମଧୁର ଲଳିତ ଦେଶାତ୍ମବୋଧକ କବିତାଟି ସମ୍ମିଳନୀ ମଣ୍ଡପରେ ଗାନ କରାଯାଇଥିଲା ଏବଂ ଜନାଦୃତି ଲାଭ କରିଥିଲା । ବେଶ୍ ଖୁସି ଖବର ଯେ ଏଭଳି ଉଚ୍ଚକୋଟୀର ସଙ୍ଗୀତଟି ରାଧାନାଥଙ୍କୁ ସର୍ବଭାରତୀୟ ଦେଶାତ୍ମବୋଧକ କବି ଭାବରେ ପରିଚିତି ଆଣିଦେଲା ।

ନାରୀକବି କୁନ୍ତଳା କୁମାରୀ ସାବତ ସ୍ୱାଧୀନତା ଆନ୍ଦୋଳନରେ ଇଂରେଜୀମାନଙ୍କ ବିଦ୍ରୂପ ଶୁଣିଛନ୍ତି । ଓଡ଼ିଆ ଦେଶପ୍ରେମୀର ଦୁଃଖ କାହାଣୀ ଶୁଣି କାତର ହୋଇଛନ୍ତି । ସରଳ, ତରଳ ମା' ମନ କାନ୍ଦିଉଠିଛି । ତାଙ୍କର କବିତା ସେ ଲେଖିଥିଲେ-

'ପଖାଳ ଗଣ୍ଡାକୁ ଟିପେ ନାହିଁ ଲୁଣ,
ବାହୁନିବା କିସ ଶାସନର ଗୁଣ
ଅପୂର୍ବ ରଚନା ଶାସନ ପ୍ରଣାଳୀ,
ତେତ୍ରିଶକୋଟି ଯା' କବଳେ କାଙ୍ଗାଳୀ ।'

ପାଇକ ପୁଅ ସ୍ୱାଭିମାନୀ । ହାରିବାର ସ୍ୱପ୍ନ ଦେଖିନି । ବ୍ରିଟିଶର ଲୋମହର୍ଷଣକାରୀ ଦୃଶ୍ୟରେ ସେ ମୁହ୍ୟମାନ ନୁହେଁ । ଅବିଚଳିତ ଢଙ୍ଗରେ ତଲବାର, ଖଣ୍ଡା ଚଳାଇ ବ୍ରିଟିଶ ଶାସନକୁ ଅଣାୟତ କରିପାରିଛି । ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ବିପ୍ଳବୀ କବି ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଲେଖିଛନ୍ତି-

'ପାଇକ ପୁଅର ଢାଲ ତଲବାର କଳଙ୍କ ଲାଗିବ ନାହିଁ
ଏବେ ବି ଜାଗିଛି ଖୋରଧା ପାଇକ ମୁକ୍ତି ସଂଗ୍ରାମ ପାଇଁ ।'

(ସୌଜନ୍ୟ - ଜାତୀୟ ସାମରିକ ପରମ୍ପରା ଓ ସଂସ୍କୃତି ମହୋତ୍ସବ ର ସ୍ମରଣିକା- ଶୌର୍ଯ୍ୟ)

ପାଇକ ପୁଅର ଦାୟାଦ ଡଃ ମାୟାଧର ମାନସିଂହ *ଜେମା* କବିତାରେ ସାମରିକ ପରମ୍ପରାକୁ ମନେ ପକାଇ ଲେଖିଛନ୍ତି-

'ଯାଇଛି ଚାଲି ସେ କାଳ ହାତେ ଧରି ତଲବାର'
ଦାଣ୍ଡକୁ କୁହାଟି ଖଣ୍ଡେଇତ ଡେଇଁବା
ଖଣ୍ଡା ମୁନେ ମଥା ଛୁଇଁ ମଣିମାକୁ ଆଗ ଭୂଇଁ
ମ ହାତୀ ପରି ଖେଳି ଧସେଇବା
ମଣିମା ତ ହେଲା ସାଇବ
ଦଳେଇକି ପଟୁଆରେ କିଏ ଡାକିବ ।'

(ଜାତୀୟ ସାମରିକ ପରମ୍ପରା ଓ ସଂସ୍କୃତି ମହୋତ୍ସବ ର ସ୍ମରଣିକା- ଶୌର୍ଯ୍ୟ)

ରଣପୁର ମାଟିର ସୁଯୋଗ୍ୟ ସନ୍ତାନ ଶହିଦ ଦିବାକର ପରିଡ଼ା ଭାରତୀୟ ସ୍ୱାଧୀନତା ସଂଗ୍ରାମ ତଥା ଗଡ଼ଜାତ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ । ଓଡ଼ିଆ ସଂସ୍କୃତି, ଜନସାଧାରଣଙ୍କ ପ୍ରତି ଶ୍ରଦ୍ଧା ଏପରିକି ମାଳଭୂମି ପ୍ରତି ମୋହ, ମାୟାକୁ ସାଉଁଟୁ ଥିଲେ । ବ୍ରିଟିଶ ବାହିନୀକୁ ପରାହତ କରି ଦେଶ ସ୍ୱାଧୀନ କରିବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା । ନିଜ ଜୀବନକୁ ପାଣି ଛଡ଼େଇ ଦେଶମାତୃକାର ସେବାରେ ବ୍ରତୀ ହୋଇଥିଲେ । ସେ ଲେଖିଥିବା ଏକ କବିତାର କିୟଦଂଶ ହେଲା-

'ସ୍ୱାଧୀନ ରଖିବେ ଜନମ ଭୂଇଁକି
ଚିର ଦିନ ପାଇଁ ତ୍ରିରଙ୍ଗାକୁ ଟେକି
ପୂର୍ଣ୍ଣ ହେବ ସତେ ଦିବାକର ଆଶା
ସୁଜଳା, ସୁଫଳା, ସମୃଦ୍ଧ ଓଡ଼ିଶା ।'

ଗଣତନ୍ତ୍ରର ପ୍ରକୃତ ଦାୟାଦ ଭାବରେ ଭାରତର ସ୍ୱାଧୀନତାକୁ ମୂଳମନ୍ତ୍ର କରି ନିଜର ସ୍ୱାଭିମାନ, ଐତିହ୍ୟକୁ ବଜାୟ ରଖି ଗର୍ବରେ ଛାତି ଫୁଲେଇ କହୁଥିବା ଓଡ଼ିଶାର ପ୍ରଥିତଯଶା ଶିଶୁ ସାହିତ୍ୟିକ ତଥା ଗବେଷକ ଡଃ ଦିଗରାଜ ବ୍ରହ୍ମା ନିଜ କବିତା *ଜୟ ମୋ ଭାରତ ଦେଶ* ସେ ସୁଚେଇଛନ୍ତି-

ସ୍ୱାଧୀନତା ଆମ ମୂଳମନ୍ତ୍ର
ଜୀବନର ଧର୍ମ ଗଣତନ୍ତ୍ର
ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଆମେ ସବୁ ଭାରତୀୟ
ସଂସ୍କୃତି ଆମର ଚିର ଉନ୍ନତ ଐତିହ୍ୟ ନମନୀୟ । (୧)
ସ୍ୱାଧୀନତା ଆମ ବୁଦ୍ଧ ଗାନ୍ଧୀ
ସ୍ୱାଧୀନତା ଆମ ଜୟହିନ୍ଦ
ସ୍ୱାଧୀନତା ଆମ ଗୁରୁ ଗଉରବ ଆମେ ସବୁ ଭାରତୀୟ
ବିଶ୍ୱ ଇତିହାସେ ଆମେ ସଂଭ୍ରମ ଉନ୍ନତ ନମନୀୟ । (୨)
ଆମେ ଭାରତୀୟ ଏକତନ୍ତ୍ର
ସ୍ୱାଧୀନତା ଆମ ମୂଳମନ୍ତ୍ର
ଅର୍ଦ୍ଧଶତାବ୍ଦୀର ଚିନ୍ତା ଚେତନାରେ ଆମେ ଲେଖୁ ଇତିହାସ
ଆମେ ତ ଜାତିର ଗୁରୁ ଗଉରବ ଜୟ ମୋ ଭାରତ ଦେଶ । (୩)

ଶିଶୁ ମନରେ ଉତ୍କଳ ପ୍ରୀତିରେ ମହକ ବୋଳିଥିବା ବିଶିଷ୍ଟ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ କବିତା ସଂକଳନ '*ଝୁମୁକା*' ର '*ଓଡ଼ିଶା ମୋର ଦେଶ*' ରେ ଲେଖିଛନ୍ତି-

'ଏଇ ଦେଶର ପାଣି ପବନେ ଶରୀର ହେଲା ଗଢ଼ା
ଏଇ ଦେଶର ଚାଟଶାଳୀରେ ଶିଖିଲୁ ପାଠ ପଢ଼ା ।
ଏଇ ଦେଶର ସେବାରେ ଆମ ଜୀବନ ହେଉ ଶେଷ,
ଓଡ଼ିଆ ଆମେ, ଓଡ଼ିଆ ଆମେ, ଓଡ଼ିଆ ଆମ ଦେଶ ।'

ଶିଶୁ କବିତାର ବରେଣ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ କୋମଳମତି ଶିଶୁମାନଙ୍କ ମନରେ ଦେଶପ୍ରତି ବୀରତ୍ୱ ଭାବ ଜାଗ୍ରତ କରାଇବା ସଙ୍ଗେ ସଙ୍ଗେ ସମର କଳାରେ ପାରଦର୍ଶିତା

ଦେଖାଇବାର ସୁଯୋଗ ତିଆରି କରିଛନ୍ତି । ନିଜ କବିତା ସଂକଳନ *ଦେଶ ଓ ଦଶ* ରେ ସ୍ଥାନିତ କବିତା *ମୋ ଭାଇଟି ଓଡ଼ିଆ* ରେ ଲେଖିଛନ୍ତି-

'ମୋ ଭାଇଟି ଓଡ଼ିଆ ଥିଲାରେ ଦିନେ ଓଡ଼ିଆ
ମଣୁଥିଲା ସେ ରଣଭୂଇଁକୁ ପିଲାଙ୍କ ଖେଳ ପଡ଼ିଆ ।
ବୀରମଦରେ ଗାଇଲା ଗୀତ ଯେବେ ମୋ ଭାଇ ଫୁଲାଇ ଛାତି
ଥରାଇଦେଲା କୋଟି ଅରାତି କରାଇ ହଡ଼ବଡ଼ିଆ ।'

ଗୋପବନ୍ଧୁ ଦାସଙ୍କ ଅନନ୍ୟ କବି ପ୍ରତିଭା, ସୃଜନଶୀଳତା, ନିଛକ ବ୍ୟକ୍ତିତ୍ୱ, ଜନ୍ମମାଟି ପ୍ରତି ଅନାବିଳ ପ୍ରେମ, ତିତିକ୍ଷା, ଆତ୍ମୋତ୍ସର୍ଗର ପ୍ରକୃଷ୍ଟ ଉଦାହରଣ କୁ ଲକ୍ଷ୍ୟ କରି କବିବର ରାଧାନାଥ ରାୟ ଲେଖିଥିଲେ-

'ଧନ୍ୟ କବି ! ତୁମ୍ଭ ଜନ୍ମ ଶୁଭ କ୍ଷଣେ
ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳ ଭୁବନେ ।
ତୁମ୍ଭ ମାଟି ଦେହ ଗ୍ରାସିଛି ଶ୍ମଶାନ,
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।'(ଚିଲିକା କାବ୍ୟ)

କବିବର ରାଧାନାଥଙ୍କ ଏଭଳି ଶ୍ରଦ୍ଧାଶୀଳ ଉକ୍ତି କେବଳ ଯେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପାଇଁ ପ୍ରଯୁଜ୍ୟ, ତା ନୁହେଁ ସ୍ୱାଧୀନତାର ସୂର୍ଯ୍ୟାଲୋକ ଦେଖି ଆସୁଥିବା ସମସ୍ତ ଓଡ଼ିଆ କବିମାନଙ୍କ ପାଇଁ ଯଥୋଚିତ କାବ୍ୟିକ ସମ୍ମାନ ।

ଅଗଷ୍ଟ ପନ୍ଦର ତାରିଖରେ ମହନୀୟତାକୁ ଉପଲବ୍ଧି କରି ବିଶିଷ୍ଟ ସାହିତ୍ୟିକା ତଥା ନବରବି ପତ୍ରିକାର ସଂପାଦିକା କବୀ ସଂଧ୍ୟା ମହାନ୍ତି *'ଆଉ ଏକ ଅଗଷ୍ଟ ପନ୍ଦର...'* କବିତାରେ ଲେଖନ୍ତି-

ଆମେ ଦେଖୁ ଆଉ ଏକ ଅଗଷ୍ଟ ପନ୍ଦର.. !
ମୃତ୍ୟୁର ଶ୍ମଶାନ ଘାଟେ
ଯନ୍ତ୍ରଣାର ଶୋକେ,
ଆପଣାକୁ ଆପେ ଚାପି, ଭିତରେ-ବାହାରେ ।

**XX XX XX**

କିପରି ଉଡ଼ଉଚି ବାନା.. ପ୍ରତି ପ୍ରାଣ-ସ୍ୱାଧୀନତା ନାମେ
ଆନନ୍ଦର- ଆହ୍ଲାଦେ, ବିହ୍ୱଳେ..
ଛିଡ଼ାଇ ସହସ୍ର ଗଣ୍ଠି ବନ୍ଧନର,
ଭିତରେ-ବାହାରେ
ପାଟିରୁ ବାହାରୁଥିବା ଶବ୍ଦଙ୍କ ସାଙ୍ଗରେ... (ସୌଜନ୍ୟ- ଉତ୍କଳ ପ୍ରସଙ୍ଗ ଅଗଷ୍ଟ ୨୦୦୪ ପୃଷ୍ଠା ୭୨)

ଦେଶର ଗର୍ବ ଓ ଗୌରବ ତ୍ରିରଙ୍ଗା ପତାକା ଆକାଶରେ ଉଡ଼ାଇଲା ବେଳେ ମନେ ପଡ଼ିଯାଏ ପାଠ୍ୟ ପୁସ୍ତକର କବିତାଟିଏ-

ବଜାରେ ବଜା ବାଇଦ ବଜା,
ଚଉଦିଗ ଆଜି ସଜାରେ ସଜା ।
କେତେ ନୂଆ ଆଶା ଆନନ୍ଦ ଆଣି,
ଅଗଷ୍ଟ ପନ୍ଦର ଆସିଛି ପୁଣି ।
ଏହି ଦିନ ଆମେ ସ୍ୱାଧୀନ ହେଲୁ,
ବିଦେଶୀ ହାତରୁ ଶାସନ ନେଲୁ ।
ଆମେ ଚଳାଉଛୁ ଦେଶ ଆମରି,
ଆମରି ନାଆରେ ଆମେ ନାଉରି ।
ଏଇ ପତାକାକୁ କର ସଲାମ,
ଉଡ଼ାଅ ଏହାକୁ ଦେଶ ତମାମ ।

ଆପଣମାନେ ଟିକିଏ ଭାବିଲେ- ସତରେ ତ୍ରିରଙ୍ଗା ପତାକାର ସ୍ୱପ୍ନ ଦେଖୁଥିବା ମହାମନୀଷୀମାନେ କେତେ ମହାନ୍ ! ଦିନ ଓ ରାତିକୁ ଏକାକାର କରି ବିଦେଶୀ ହାତରୁ ଶାସନଡୋରକୁ ଛିଣ୍ଡେଇ ନିଜ ଅକ୍ତିଆରେ ରଖିବା ଯେ କେତେ କଷ୍ଟଦାୟକ ଥିଲା ! ନିଜର ଅଦମ୍ୟ ସାହାସ, ଧୈର୍ଯ୍ୟ , କର୍ମକୁଶଳତା, ଏକାଗ୍ରତା, ପାରିଲାପଣିଆରେ ହଜେଇ ଦେଇ 'ଅସୀ ଠାରୁ ମସୀ ବଡ଼'ର ପରିଚୟ ଦେଇପାରିଥିଲେ । ସାଂସାରିକ ମୋହ ମାୟାକୁ ଏଡ଼ାଇ ପ୍ରିୟ ମାତୃକାର ସମ୍ମାନକୁ ଉଚ୍ଚରେ ରଖିବାକୁ ସତତ ପ୍ରୟାସ ଜାରି ରଖିଥିଲେ । ଶାଣିତ କାବ୍ୟକବିତାରେ ବ୍ରିଟିଶ ବାହିନୀକୁ ପରାସ୍ତ କରି ସ୍ୱାଧୀନତାର ସ୍ୱାଦ ଚାଖିଥିଲେ ।

ଆଜି ଅଗଷ୍ଟ ପନ୍ଦର ଆସିଛି । ଚାରିଆଡ଼େ ସ୍ୱାଧୀନତାର ବୈଜୟନ୍ତୀ ଉଡୁଛି ଫରଫର ହୋଇ । ପ୍ରତ୍ୟେକ ମଣିଷ ଖୁସିରେ ବିଭୋର । ସର୍ବସୂରୀଙ୍କ ମହନୀୟତାକୁ ସ୍ମରଣ କରି ଜୟଜୟକାର କରୁଛି । ଏଭଳି ସ୍ମରଣୀୟ ଦିନକୁ ମନେ ପକାଇ କବି ଓମ୍ ପ୍ରକାଶ ମହାପାତ୍ର ନିଜ କବିତା 'ଅଗଷ୍ଟ ପନ୍ଦର' ରେ ଲେଖିଛନ୍ତି-

ଅଗଷ୍ଟ ପନ୍ଦରେ ଭାରତ ମନ୍ଦିରେ ଶାନ୍ତି ମୈତ୍ରୀ ଖେଳୁଥାଉ ଗଙ୍ଗା ଗୋଦାବରୀ ତୀରେ
ସ୍ୱଧୀନଭାରତ ଡିଣ୍ଡିମ ପିଟୁ ଉଡ଼ାଇ ତ୍ରିରଙ୍ଗା ସଂସ୍କୃତି ବୈଭବ ସାରା ବିଶ୍ୱରେ । (ଉତ୍କଳ ପ୍ରସଙ୍ଗ-୨୦୦୪)

ସେହି ଜାତୀୟ ପତାକାକୁ ଥରୁଟେ ଚାହିଁଦେଲେ କବିତାଟିଏ ଆପେ ଆପେ ଲେଖି ହୋଇଯାଏ-

'ହେ ପ୍ରିୟ ମୋର ତ୍ରିରଙ୍ଗା ପତାକା,
ଆଜି ପୂଣ୍ୟ ଅଗଷ୍ଟ ପନ୍ଦରେ
ପବନରେ ଉଡୁଥାଅ ଫରଫର ହୋଇ
ତୁମ ପାଦେ ଜଣାଉଛି ନିର୍ଲିପ୍ତରେ କୋଟି ନମସ୍କାର
ଏକତାର ଗୀତ ଗାଇ ଗାଇ... ।
ହେ ପ୍ରିୟ ସ୍ୱାଧୀନ ପ୍ରତିଭାଧର,
ଲେଖନୀରେ ବିପୁଳ କାବ୍ୟ ପ୍ରତିଭା
ମାଟିରୁ ଆକାଶ ଯାଏଁ ହୋଇଅଛି ବ୍ୟାପ୍ତି
ଶାଣିତ ଶବ୍ଦର ଝଙ୍କାର
ମୋ ସରଳ ମନ-ପ୍ରାଣେ ଆଣିଅଛି ଦୀପ୍ତି ।'

ଏଲ୍.ଆଇ.ଜି-୧୫ ନୟାପଲ୍ଲୀ ବ୍ରିଟ୍ କଲୋନୀ

# ଗାନ୍ଧୀବାଦ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ

*- ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ*

ସମୟ ପରିବର୍ତ୍ତନ ସଙ୍ଗେ ସଙ୍ଗେ ମଣିଷ ଜୀବନର ପରିବର୍ତ୍ତନ ଘଟେ । ସମାଜରେ ବିଭିନ୍ନ ସମୟରେ ଅସତ୍ୟ ଓ ହିଂସାର ପ୍ରଭାବ ଆସିଥାଏ । କିଛି ସମୟ ପାଇଁ ଜଣାପଡ଼େ ଅସତ୍ୟର ଜିତ୍ ହେଉଛି; କିନ୍ତୁ ବାସ୍ତବରେ ସତ୍ୟର ଜିତ୍ ହୋଇଥାଏ । ସତ୍ୟ ଆଗରେ ଅସତ୍ୟ ଲୀନ ହୋଇଯାଏ । ବ୍ରିଟିସ୍ ସରକାରଙ୍କର ଅସତ୍ୟ ମାର୍ଗ ଗାନ୍ଧିଜୀଙ୍କ ସତ୍ୟମାର୍ଗକୁ ସମ୍ମାନ କରିବା ପାଇଁ ସକ୍ଷମ ହୋଇ ପାରିନଥିଲା । ବିଶ୍ୱ ଇତିହାସ ସାକ୍ଷୀ ଅଛି ନିରୀହ, ଦୀନହୀନ, ଦରିଦ୍ର ଜନତାଙ୍କର ବାପୁ ନେତା ଥିଲେ । ତାଙ୍କ ପ୍ରଭାବରେ ପୃଥିବୀର ଅନେକ ଦିଗରେ ମୁକ୍ତିପାଇଁ ଅହିଂସା ଆନ୍ଦୋଳନ ଚାଲିଥିଲା । ଏକଶତ ବର୍ଷ ତଳେ ଗାନ୍ଧିଜୀଙ୍କର ଉପସ୍ଥିତି ଭାରତୀୟ ସମାଜରେ ଗୋଟେ ବଡ଼ ଧରଣର ପରିବର୍ତ୍ତନ ଘଟାଇଥିଲା ।

ସମୟ ପରିବର୍ତ୍ତନ ହୋଇଛି । ଦେଶ ସ୍ୱାଧୀନତା ପାଇ ସତୁରି ବର୍ଷ ବିତିଯାଇଛି । ଆମ ଦେଶରେ ଆଧୁନିକତାର ପ୍ରବେଶ ଗଭୀର ଭାବେ ଜଡ଼ ବିସ୍ତାର କରିଛି । ଏହି ଆଧୁନିକତା ଆମ ସ୍ୱାଧୀନତା ଉପରେ ଶକ୍ତ ଆଘାତ ହାଣିଛି । ଯେଉଁ ସ୍ୱାଧୀନତାର ସ୍ୱପ୍ନ ଗାନ୍ଧିଜୀ ଦେଖିଥିଲେ ବର୍ତ୍ତମାନ ଆଧୁନିକ ସମାଜର ସ୍ୱାଧୀନତା ନିଶ୍ଚିନ୍ତ ନୁହେଁ । ଆଧୁନିକତାର ଅର୍ଥ ପରିବର୍ତ୍ତନ, କିନ୍ତୁ ସ୍ୱାଦୀନତାର ଅର୍ଥ ମୁକ୍ତ । ଯେଉଁଠି ଦୁଃଖ, କଷ୍ଟ, ଯନ୍ତ୍ରଣା ନଥିବ, ଖାଲି ସ୍ନେହ, ମମତା ଏବଂ ଭଲପାଇବା ଭରିରହିଥିବା ଏକ ସ୍ୱାଧୀନ ମଣିଷ ହିଁ ଆଧୁନିକତାକୁ ଅନୁଭବ କରିପାରିବ । ସେହି ମଣିଷର ଆଚରଣ ଗୋଟିଏ ସୁସ୍ଥ ବାତାବରଣ ସୃଷ୍ଟି କରିପାରିବ । କିନ୍ତୁ ପ୍ରଶ୍ନ ଉଠେ ଏ ଆଧୁନିକ ମଣିଷମାନଙ୍କର କ'ଣ ମୁକ୍ତ ଚିନ୍ତାଧାରା ଅଛି ? ଯେଉଁଠି ମଣିଷର ମୂଲ୍ୟବୋଧ ଥିବ ବସ୍ତୁର ନୁହେଁ । ବସ୍ତୁ ବ୍ୟବହାର ଯୋଗ୍ୟ ।

ବାସ୍ତବରେ କହିବାକୁ ଗଲେ ଆଜିର ମଣିଷ ଆଜିର ସମାଜ ବସ୍ତୁବାଦ ହାତରେ ବନ୍ଧା ପଡ଼ିଛି । ଆଧୁନିକତାକୁ ଆପଣେଇବା ପାଇଁ ଅନେକ ସ୍ୱାଧୀନତାକୁ ହରାଇ ବସିଛନ୍ତି । ବସ୍ତୁର ଶାସନ ଚାଲିଛି । ବସ୍ତୁ ପାଇଁ ଆଜିର ମଣିଷ ସାମାଜିକ ମୂଲ୍ୟବୋଧକୁ ହରାଇ ବସୁଛି । ବସ୍ତୁବାଦ ସମାଜ ତା'ର କାୟା ବିସ୍ତାର ନିରଙ୍କୁଶ ଭାବରେ କରିଚାଲିଛି । ଦେଖା ସେଖା ସମାଜରେ ମନୁଷ୍ୟ ତା'ର ମୂଲ୍ୟବୋଧକୁ ଅନାୟସରେ ହରାଇ ବସୁଛି । ବେଳେବେଳେ ପୁରି ମନୁଷ୍ୟ ତା'ର ବସ୍ତୁର ବଳରେ ଅନ୍ୟକୁ ଲଜ୍ଜିତ, ଅସମ୍ମାନ କରୁଛି । କିନ୍ତୁ ବୁଝି ହୁଏ ନାହିଁ ଅନ୍ୟକୁ ଅପମାନିତ, ଲଜ୍ଜିତ କରି ସେହି ବ୍ୟକ୍ତିଟି କେଉଁ ଧନ ଓ ସନ୍ତୋଷ ପାଇଥାଏ ? ସଂଗ୍ରାମ କରୁଛି ଏବଂ ସଂଘର୍ଷ କରୁଛି କିଛି କିଛି ଅଧିକ ବସ୍ତୁ ଉପାର୍ଜନ କରି ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ । କଳେବଳେ କୌଶଳେ ସେ ତା'ର ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ ଆପ୍ରାଣ ଉଦ୍ୟମ କରୁଛି । ଏମିତିକି ନିଜର ଲକ୍ଷସ୍ଥଳରେ ପହଞ୍ଚିବା ପାଇଁ ଆପ୍ରାଣ ଉଦ୍ୟମ କରୁଛି । ଏମିତିକି ନିଜର ଲକ୍ଷସ୍ଥଳରେ ପହଞ୍ଚିବା ପାଇଁ ଅନ୍ୟକୁ ହତ୍ୟା ମଧ କରିବାକୁ ପଶ୍ଚାତ୍‌ପଦ ହେଉ ନାହିଁ । ଏହି ଯୁଦ୍ଧ ଅନେକେ ଜିତିଥିବା ବେଳେ ଅନେକେ ହାରୁଛନ୍ତି । କିନ୍ତୁ ଏ ଗଗଦ୍‌ଘର୍ମାପ୍ଳୁତ ସଂଘର୍ଷ କାହିଁକି ??? ସମୟ ସାକ୍ଷୀ ଅଛି ଅନେକ ଜିତିଥିବା ଲୋକ ଜୀବନ-ରାସ୍ତାରେ ହାରିଛନ୍ତି । ବାପୁଙ୍କର ଯୁକ୍ତି ଥିଲା ସରଳ ଖାଇବା, ସରଳ ପିନ୍ଧିବା ଏବଂ ସରଳ ଜୀବନ ଯାପନ କରିବା । କୁଟିଖାଇବା, କାଟି ପିନ୍ଧିବା । ଯଦି ଆମେ ଦୈନନ୍ଦିନ ଜୀବନରେ ଖର୍ଚ୍ଚ କାଟ କରିବା ଜୀବନ ଆନନ୍ଦମୟହେବ । ଅଧିକ ଉପାର୍ଜନ କରିବାକୁ ପଡ଼ିବ ନାହିଁ । ଅଧିକ ଉପାର୍ଜ୍ଜନ କରିବାପାଇଁ ମନୁଷ୍ୟ ପ୍ରତିଯୋଗିତା ମୂଳକଭାବେ କଠିନ ପରିଶ୍ରମ କରୁଛି । ଯାହାଦ୍ୱାରା ବିଭିନ୍ନ ରୋଗବୈରାଗର ଶିକାର ହେଉଛି । କମ୍ ପରିଶ୍ରମ କରିବା ଫଳରେ ବଞ୍ଚିବା ଆରାମ ଦାୟକ ହୋଇ ପାରିବ । ଜୀବନର ଅର୍ଥ ନୁହେଁ ଯେ ବଞ୍ଚିବା ପାଇଁ ସଂଘର୍ଷ କରିବା । କିନ୍ତୁ ଜୀବନରେ ଈଶ୍ୱରଙ୍କର ଶରଣାପନ୍ନ ହେବା, ଏବଂ ମୁକ୍ତିପଥର ଯାତ୍ରୀ ହେବା, ଜୀବନକୁ ମନଭରି ଉପଭୋଗ କରିବା କଥା ମନୁଷ୍ୟ ମନରୁ

ଲିଭିଯାଇଛି ।

ଆଜିର ପ୍ରତ୍ୟେକ ସମ୍ବାଦପତ୍ରରେ ସମାଜର ପ୍ରତ୍ୟେକ ବେକାର ସମସ୍ୟାର ଚର୍ଚ୍ଚା ଚାଲିଛି । ଗାନ୍ଧିଜୀଙ୍କର ଯୁକ୍ତିଥିଲା ସବୁହାତକୁ କାମ ମିଳୁ । ଭାରତ ଗୋଟିଏ ଜନ ବହୁଳ ରାଷ୍ଟ୍ର ଏଠାରେ ଯଦି ଅତ୍ୟାଧୁନିକ ଯନ୍ତ୍ରାଂଶ ଏବଂ ଆଧୁନିକ କଳ କାରଖାନାର ସ୍ଥାପନ କରାଯିବା ବେକାର ସମସ୍ୟାର ସମାଧାନ ହୋଇ ପାରିବ ନାହିଁ । ଏଥି ପାଇଁ କୁଟୀର ଶିଳ୍ପର ସ୍ଥାପନହିଁ ଏକମାତ୍ର ଉପାୟ । ବାପୁ କିନ୍ତୁ ଆଧୁନିକ ଯାନ୍ତ୍ରାଂଶର ବିରୁଦ୍ଧରେ ନଥିଲେ, କିନ୍ତୁ ଯେଉଁ ଯନ୍ତ୍ରାଂଶ ପରିବେଶର କ୍ଷୟ ଘଟାଇଥାଏ ତାହାକୁ ସଭ୍ୟତାର ଅଭିଶାପ ବୋଲି ଗଣନା କରିବା ଆବଶ୍ୟକ । ବାପୁଙ୍କର ଯୁକ୍ତିଥିଲା ଯେଉଁ ଆଧୁନିକ ଯନ୍ତ୍ରାଂଶ ଆମକୁ ସେବା ଦେଇ ପାରିବ ଆମେ ତାକୁ ବନ୍ଧୁ ପରି ପରିଚୟ ଦେଇପାରିବା । ତେଣୁ ସେ କହୁଥିଲେ ସମସ୍ତଙ୍କ ହାତକୁ କାମ ମିଳିଲେ ପ୍ରତ୍ୟେକ ପରିବାର ଖୁସିରେ ରହିବେ । ଆଜିର ଆଧୁନିକ କଳ କାରଖାନା ବେକାର ସମସ୍ୟା ବଢ଼ାଇବାର ପ୍ରମୁଖ ଭୂମିକା ଆଦରିଛି । ତାହାଛଡ଼ା ଆମ କୁଟୀର ଶିଳ୍ପର ଉତ୍ପାଦନ ବିଶ୍ୱସ୍ତରୀୟ ମାନ୍ୟତା ପ୍ରାପ୍ତ ସମାଜରେ କୃଷକ ଆତ୍ମହତ୍ୟା ଠାରୁ ଆରମ୍ଭ କରି ଚୋରି, ରାହାଜାନି ବଢ଼ି ଚାଲିଛି । ଯଦି ଗୋଟିଏ ସମାଜରେ ଅର୍ଥନୈତିକ ସମାନତା ଏବଂ ସ୍ଥିରତା ରହିବ ସେ ସମାଜ ଗୋଟିଏ ସୁସ୍ଥ ସମାଜ ହୋଇ ପାରିବ । ସମାଜକୁ ସୁପରିଚାଳନା କରିବା ଏବଂ ମଣିଷମାନଙ୍କ ମଧ୍ୟରେ ନୈତିକଭାବ ଆଣିବା ପ୍ରତ୍ୟେକ ଧର୍ମର ଅତୁଳନୀୟ ପ୍ରଭାବ ରହିଛି । ପ୍ରତ୍ୟେକ ଧର୍ମ ମନୁଷ୍ୟକୁ ସତ୍ୟପଥର ଯାତ୍ରୀ କରାଇଥାଏ । ସମାଜରେ ସତ୍ୟ ଏବଂ ଅହିଂସାର ବାଣୀ ପ୍ରଚାର ଓ ପ୍ରସାର କରାଇଥାଏ । ବାପୁ ସମସ୍ତ ଧର୍ମକୁ ସମ୍ମାନ ଦେଉଥିଲେ ଏବଂ ପ୍ରବର୍ତ୍ତାଉଥିଲେ ଜଣେ ଅନ୍ୟଜଣର ଧର୍ମକୁ ସମ୍ମାନ କରିବା ପାଇଁ । ପ୍ରତ୍ୟେକ ଧର୍ମଶାସ୍ତ୍ରକୁ ପଢ଼ି ତାର ଉଚିତ୍ ପ୍ରୟୋଗହିଁ ଧର୍ମରେ ଦୃଢ଼ତା ଆଣିଥାଏ । ଅଯଥା ତର୍କ ଧର୍ମକୁ ନିଷ୍କ୍ରିୟ କରିଦେଇଥାଏ । ଧର୍ମର ଅପପ୍ରୟୋଗ ଏବଂ ଭୁଲ୍ ପ୍ରଚାର ପ୍ରସାର ସମାଜରେ ବିଶୃଙ୍ଖଳା ସୃଷ୍ଟି କରିଥାଏ । ଫଳସ୍ୱରୂପ ହିଂସା, ସଂତ୍ରାସବାଦ, ଗୋଷ୍ଠୀ ସଂଘର୍ଷ ବଢ଼ିଥାଏ । ବାପୁଙ୍କର ବାଣିଥିଲା ଧର୍ମ ମଣିଷକୁ ବଞ୍ଚିବାକୁ ସହାୟକ ପ୍ରଦାନ କରିଥାଏ । ପ୍ରାର୍ଥନା ସବୁ ଅସୁବିଧାର ସମାଧାନ କରିଥାଏ । ତେଣୁ ଧର୍ମ ସୁଦୃଢ଼ ହେଲେ ସମାଜ ସୁଦୃଢ଼ ହେବ । ଭାରତ ପରି ବିଶାଳ ଦେଶରେ ବିଭିନ୍ନ ଧର୍ମ ଭାଷାର ଲୋକମାନେ ବସବାସ କରନ୍ତି । ଏବେ ସମସ୍ତ ଜନସାଧାରଣଙ୍କର ସୁରକ୍ଷା ଆମ ଗଣତାନ୍ତ୍ରିକ ରାଷ୍ଟ୍ରର ଦାୟିତ୍ୱ । ଆମ ଗଣତନ୍ତ୍ରରେ ରାଷ୍ଟ୍ର ପ୍ରତିନିଧିମାନେ ହେଲେ ବିଭିନ୍ନ ରାଜନୈତିକ ଦଳର ସଭ୍ୟ । ଦେଶ ସ୍ୱାଧୀନ ହେବାପରେ ଗାନ୍ଧିଜୀ ଜୋର୍ ଦେଉଥିଲେ ଆମ ପ୍ରତିନିଧିମାନେ ସରଳ ଜୀବନ ଯାପନ କରନ୍ତୁ ଏବଂ ଜନ ସାଧାରଣଙ୍କର ସାଥିରେ ରହି ସେମାନଙ୍କର ସମସ୍ୟାର ସମସ୍ୟାର ସମାଧାନ କରନ୍ତୁ । ବାପୁ ଆଜୀବନ ସାଧାରଣ ସମାଜରେ ରହି ଆମ ଦେଶକୁ ପ୍ରତିନିଧିତ୍ୱ


AK PHYSICS

Apprise Education, Reprise Innovation

+2 Sc. I CBSE (XI & XII)
JEE (Main & Adv.) I NEET I AIIMS
JIPMER I BHU I KVPY
NTSE I OLYMPIAD I NISER I IISER



SURYALOKA LANE, CHANDI CHHAK, CUTTACK
ARUN KUMAR SINGH (Lect. in Physics), MOB. : 98610 65130

କରୁଥିଲେ । ସେମାନଙ୍କ ସମସ୍ୟା ବିଷୟରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହେଉଥିଲେ । ତାଙ୍କର ଯୁକ୍ତିଥିଲା ସମାଜର ଅତି ଅବହେଳିତ ବ୍ୟକ୍ତି ଜଣକ କୌଣସି ସୁବିଧାରୁ ବଞ୍ଚିତ ନହେଉ । ତେଣୁ ଜନସାଧାରଣ ତାଙ୍କୁ ମହାତ୍ମାବୋଲି ସମ୍ବୋଧନ କରୁଥିଲେ । ବାସ୍ତବିକ ବାପୁ ଗରିବ ଜନସାଧାରଣଙ୍କର ଭାଗବାନ ସ୍ୱରୂପ ଥିଲେ । ଯଦି ଆଜିର ରାଜନେତା ବାପୁଙ୍କ ପଥ ଅନୁସରଣ କରନ୍ତେ ରାମରାଜ୍ୟ ଆଉ ବେଶୀ ଦୂର ନୁହେଁ ।

ଅଳ୍ପ ଟିକିଏ ସଚେତନତା ଏବଂ ତ୍ୟାଗ ଭାବ ଗୋଟିଏ ବିରାଟ ପରିବର୍ତ୍ତନ ନିଶ୍ଚିତ । ଆଜିର ସମାଜରେ ଆଧୁନିକ ତାର ନାମରେ ଯେଉଁ ଅରାଜକତା ବଢ଼ିଚାଲିଛି ତା'ର ଅନ୍ତ ହୋଇପାରନ୍ତା । ଏହି ଅରାଜକତାର ନିଆଁରେ କେବଳ ଗରିବ ନୁହେଁ ଧନୀମାନେ ମଧ ଜଳିପୋଡ଼ି ପାଉଁଶ ହୋଇ ଯାଉଥିବାର ମଧ ଲକ୍ଷ କରାଯାଉଛି ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ମନୁଷ୍ୟର ଚାଲିଚଳନ ରହିବା ଖାଇବା ଯଦି ସଙ୍ଗଠିତ ହୁଏ ତା ହେଲେ ଜୀବନ ସୁଖ ଓ ସରଳ ହୋଇଯାଏ । ଆଜିର ଆଧୁନକତାର ପ୍ରବେଶ ଆମର ବିଭିନ୍ନ ସାମାଜିକ ଅନୁଷ୍ଠାନ ଗୁଡ଼ିକୁ ଭାଙ୍ଗି ପକାଉଛି । ଅସହାୟତା ଏବଂ ଅସୁରକ୍ଷିତ ଜୀବନଯାପନ ଆମକୁ ଶାରୀରିକ ଏବଂ ମାନସିକ ବ୍ୟାଧିରେ ଆକ୍ରାନ୍ତ କରି ପକାଉଛି । ସଙ୍ଗଠିତ ଜୀବନ ଯାପନରେ ସମସ୍ତଙ୍କ ସାହାଯ୍ୟ ଓ ସହାନୁଭୂତିରେ ଜୀବନ ଆନନ୍ଦମୟ ହୋଇଉଠେ । ଯଦି ସାଧାରଣା ଭୋଜନାଳୟ, ଦେବାଳୟ, ଯୌଥ ପରିବାର ଏବଂ ବିଭିନ୍ନ ସାଙ୍ଗଠନିକ ସଂସ୍ଥାଗୁଡ଼ିକ ସୁରକ୍ଷା ହୋଇ ପାରନ୍ତା ସମାଜର ସବୁ ସ୍ତରର ଲୋକେ ସମାନତା ଉପଭୋଗ କରି ପାରନ୍ତେ ବାପୁ ସବୁ ସମୟରେ ସଂଗଠିତ ସମାଜ ଉପରେ ଜୋର୍ ଦେଉଥିଲେ । ଏହା ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ସମାନ ଅଧିକାର ପାଇ ପାରିବ ।

ମନୁଷ୍ୟ ଏକ ସରଳ ଜୀବ ଯାହାର ବିବେକ ଅଛି । ଏହି ବିବେକ ମାଧମରେ ସେ ସ୍ରଷ୍ଟାଙ୍କର ସୃଷ୍ଟିକୁ ସୁରକ୍ଷିତ କରିପାରେ କିନ୍ତୁ ଯଦି ଅବକାରୀ ମାଦକ ପଦାର୍ଥ ତା'ଶରୀରରେ ପ୍ରୟୋଗ କରେ ତାହେଲେ ଶରୀର ନଷ୍ଟହେବା ସଙ୍ଗେ ସଙ୍ଗେ ମାନସିକ ଭାରସାମ୍ୟ ହରାଇ ବସିଥାଏ । ଏକ ନିଶାସକ୍ତ ମନୁଷ୍ୟର ବିବେକର ହାନି ଘଟିଥାଏ । ସମାଜରେ ବିଭିନ୍ନ ସମସ୍ୟାର ମୁଖ୍ୟ କାରର ନିଶା । ବାପୁ ସବୁ ସମୟରେ ନିଶାନିବାରଣ ଉପରେ ଜୋର୍ ଦେଉଥିଲେ । ତାଙ୍କ ଭାଷାରେ ନିଶା ସଭ୍ୟତାର ଶତ୍ରୁ । ଆଜିର ଆଧୁନିକ ସମାଜରେ ନିଶାର ବ୍ୟବହାର ବହୁଳ ପରିମାଣରେ ହେଉଛି । ଏକ ଗଣତନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ନିଶା ବ୍ୟାପାର ପାଇଁ ଯଦି ସରକାର ଆଇନ୍ ତିଆରି କରନ୍ତି ତାହାହେଲେ ଏହା ଗଣତନ୍ତ୍ର ପାଇଁ ଏକ ବଡ଼ ଧରଣର ବିପଦ । ଗୋଟିଏ ପଟେ ନିରୀହ ଜନ ସାଧାରଣଙ୍କୁ ନିଶା ଖୁଆଇ ରୋଗ ଗ୍ରସ୍ତ କରିବା ଏବଂ ଅନ୍ୟପଟେ ସେ ନିଶା ବ୍ୟବସାୟରୁ କର ଆଦାୟ କରି ରାସ୍ତାଘାଟ, ବିଦ୍ୟାଳୟ, ଚିକିତ୍ସାଳୟ କରିମବରା ପ୍ରୟୋଜନ ବୁଝିହୁଏନା । କିନ୍ତୁ ପ୍ରଶ୍ନ ଉଠେ ଏ ସବୁ ସରକାରୀ ସୁବିଧା କାହାପାଇଁ ??? କ'ଣ ନିଶା ବ୍ୟବହାର କାରି ମୃତ ଜନସାଧାରଣଙ୍କ ପାଇଁ ??? ସେ ଯାହା ହେଉନା କହିଁକି ବର୍ତ୍ତମାନ ଯୁଗରେ ବାପୁଙ୍କର ବାଣୀର ଆବଶ୍ୟକତା ନିଶ୍ଚିତ ଅଛି । ନିଶା ନିବାରଣ କରି ଆମ ଦେଶକୁ ଏକ ସୁନାର ଭାରତ ଗଢ଼ିବା ଆବଶ୍ୟକ ।

ଶିକ୍ଷା ମଣିଷକୁ ଶିକ୍ଷିତ କରିଥାଏ । ଏହା ମଧ ସମାଜକୁ ଅନ୍ଧକାରରୁ ଆଲୋକକୁ ଆଣିଥାଏ । ବାପୁ ମୌଳିକ ଶିକ୍ଷାଦାନ ପାଇଁ ଜୋର୍ ଦେଉଥିଲେ । ଏହି ଶିକ୍ଷା ମଣିଷକୁ ସରଳ ଜୀବନ ଯାପନ ପାଇଁ ସହାୟକ ହେବ । ବୈଷୟିକ ଶିକ୍ଷା ନିଶ୍ଚିନ୍ତ କର୍ମ ନିଯୁକ୍ତି ଦେଇ ପାରିବ; କିନ୍ତୁ ମୌଳିକ ଶିକ୍ଷା ସୁସ୍ଥସମାଜ ପ୍ରତି ସହାୟକ ହେବ । ଏହି ଶିକ୍ଷା ଦ୍ୱାରା ମାନବିକତାର ପରିସ୍ଫୁଟନ ହେବ ।

ଭାରତ ଏକ ସାହିତ୍ୟ ଓ ସଂସ୍କୃତିର ଦେଶ ଆମ ଦେଶର କଳା ସାହିତ୍ୟ ସମୃଦ୍ଧି । ଆମ ସଂସ୍କୃତି ବିଶ୍ୱ ଦରବାରରେ ଭିନ୍ନ ଏକ ପରିଚୟ ସୃଷ୍ଟି କରିଛି । ଗାନ୍ଧିଜୀ ଭାରତୀୟ ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଗଭୀର ଶ୍ରଦ୍ଧା ରଖୁଥିଲେ । ସେ ଅନେକ ଭାଷା ଶିଖିଥିଲେ । ତାଙ୍କର ଇଚ୍ଛାଥିଲା ଭାରତର ପ୍ରତ୍ୟେକ ଭାଷାକୁ ଶିଖିବା ପାଇଁ । ସେ ବିଲାତ ଯାଇଥିଲେ ମଧ ବିଦେଶୀ ସଂସ୍କୃତି ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନଥିଲା । ସେ କେବଳ ଭାରତୀୟ ସଂସ୍କୃତିକୁ ଭଲପାଉନଥିଲେ, ତା'ର ପ୍ରଚାର ଓ ପ୍ରସାର ପାଇଁ ଅଣ୍ଟା ଭିଡ଼ୁଥିଲେ । ଆଜି ଆଧୁନିକ ସମାଜରେ ବିଦେଶୀ ସଂସ୍କୃତିର ଅପପ୍ରୟୋଗ ଆମ ସଂସ୍କୃତିକୁ

ଭୁଲ୍ ରାସ୍ତାରେ ଯିବାପାଇଁ ପ୍ରଭାବିତ କରୁଛି । ବାସ୍ତବରେ ଆମ ସଂସ୍କୃତିକୁ ସୁରକ୍ଷାକରିବା ଆମ ସମାଜ ପ୍ରତି ମଙ୍ଗଳକର ହେବ । ଯେଉଁ ସମାଜରେ ଜୀବ ଜନ୍ତୁ ପ୍ରତି ଦୟା ନାହିଁ ସେ ସମାଜ ଏକ ହିଂସ୍ର ସମାଜ । ବାପୁ ଜୀବଜନ୍ତୁଙ୍କ ପ୍ରତି ଶ୍ରଦ୍ଧା ରଖୁଥିଲେ । ତାଙ୍କ ଆଶ୍ରମରେ ସେ ଅନେକ ଗୃହପାଳିତ ପଶୁମାନଙ୍କର ଲାଳନ ପାଳନ କରୁଥିଲେ । କିନ୍ତୁ ଆଜିର ସମାଜରେ ନିଷ୍ଠୁର ମନୁଷ୍ୟ ଜୀବ ହତ୍ୟାକରି ନିଜର ଜୀବିକା ନିର୍ବାହ କରୁଛି । ଏଥି ସଙ୍ଗେ ସଙ୍ଗେ ଆମ ସମାଜର ମଧ୍ୟ ବିଭିନ୍ନ ଆଇନ୍ ତିଆରି କରି ଜୀବମାନଙ୍କର ସାଧାରଣ ଜୀବନକୁ ପ୍ରଭାବିତ କରୁଛି । ନିଜର ସ୍ୱାର୍ଥ ହାସଲ କରିବା ପାଇଁ ହିଁ ଆଇନ୍ ତିଆରି କରୁଛି । ଛାତିରେ ହାତ ବାଡ଼େଇ ନିଜକୁ ଶ୍ରେଷ୍ଠପ୍ରାଣୀ ବୋଲି କହି ମନଇଚ୍ଛା ପ୍ରକୃତି ଉପରେ ଅତ୍ୟାଚାର କରି ଚାଲିଛି । ଜୀବଜନ୍ତୁଙ୍କର ସୁରକ୍ଷା ଏବଂ ପଶୁପକ୍ଷୀ ମାନଙ୍କର ସୁରକ୍ଷା ଦିଗରେ କାମ କରିବା ଏକ ସୁସ୍ଥ ପରିବେଶ ପାଇଁ ଏକ ଶୁଭ ସୂଚନା ।

ସର୍ବୋପରି ମହାତ୍ମାଗାନ୍ଧୀ ଗୋଟିଏ ସର୍ବୋଦୟ ସମାଜ ପାଇଁ ଦୃଢ଼ଯୁକ୍ତି ବାଢୁଥିଲେ । ଯେଉଁଠି ଗୋଟିଏ ସୁସ୍ଥ ସବଳ ସମାଜ ଥିବ, ମନୁଷ୍ୟମାନଙ୍କ ମଧ୍ୟରେ ଇର୍ଷା, ଅହଂକାର ନଥିବ ଏବଂ ସମାନତାର ପରିସ୍ଫୁଟନ ହେଉଥିବ । ଇତିହାସ ପୃଷ୍ଠାରୁ ଜଣାଯାଏ ୧୯୪୭ ମସିହାରେ ଆମ ଦେଶରେ ଦୁଇଟି ଘଟଣା ଘଟୁଥିଲା ଗୋଟିଏ ପଟରେ ଦେଶ ସ୍ୱାଧୀନ ହେଉଥିଲା । ଅନ୍ୟପଟରେ ଦେଶ ବିଭାଜନ ହେଉଥିଲା । ବିଭାଜିତ ଭାରତରେ କେତେଯେ ରକ୍ତଛିଟା ଲାଗିଥିଲା ତାହାର କଳ୍ପନା କରିବା ଅସମ୍ଭବ । ସାଂପ୍ରଦାୟିକ ଦଙ୍ଗାରେ ବିଭିନ୍ନ ସଂପ୍ରଦାୟର ଲୋକମାନେ ହିଂସାରେ ଲିପ୍ତ ରହୁଥିଲେ । ସେହି ସମୟରେ ଗାନ୍ଧିଜୀଙ୍କ ଉପସ୍ଥିତି ପାଇଁ ଭାରତୀୟମାନେ ଏକ ବିରାଟ ବିପଦରୁ ରକ୍ଷା ପାଇ ଯାଇଥିଲେ ।

ଗୋଟେ ସମୟରେ ହିନ୍ଦ୍‌ବାସୀ ଗାନ୍ଧାହାର୍ ଠାରୁ ବର୍ମା ପର୍ଯ୍ୟନ୍ତ ଥିଲେ ଆଜି ସମାଜରେ ଇତିହାସ ସାକ୍ଷୀ ଅଛି । ସମୟକୁ ସମୟ ହିନ୍ଦ୍‌ବାସୀ ବିଭିନ୍ନ ବାହ୍ୟ ଶକ୍ତିର ଶିକାର ହୋଇ ଛିନ୍ନ ହୋଇଛି । କିନ୍ତୁ ସ୍ୱାର୍ଥପର ବ୍ୟକ୍ତି ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏଇ ବିରାଟ ଉପମହାଦେଶକୁ ଖଣ୍ଡ ଖଣ୍ଡ କରିବା ପାଇଁ ପଶ୍ଚାତାପ କରୁନାହାନ୍ତି । ଆଜିର ଭାରତୀୟ ସମାଜରେ ମଧ୍ୟ ସାଂପ୍ରଦାୟୀକତାବାଦ ବଢ଼ିଚାଲିଛି । ମଣିଷ ମଣିଷ ମଧ୍ୟରେ ମତାନ୍ତର ଏବଂ ମନାନ୍ତର ମାନବିକ ମୂଲ୍ୟବୋଧକୁ ହାନି ଘଟାଉଛି । ଆଜି ଗାନ୍ଧିଜୀଙ୍କର ସେହି ଅମର ବାଣୀ ସତ୍ୟ ଏବଂ ଅହିଂସା ଏକମାତ୍ର ଅସ୍ତ୍ର ସମାଜକୁ ଉଦ୍ଧାର କରିପାରିବ । ଗାନ୍ଧିବାଦର ପ୍ରାସଙ୍ଗିକତା ଯୁଗେ ଯୁଗେ ବଞ୍ଚିପାରିବ ଏଥିରେ ସନ୍ଦେହ ନାହିଁ ।

– ନୀଳାଦ୍ରୀ ବିହାର, କଟକ

LOTUS INSTITUTE OF HOTEL MANAGEMENT



ADMISSION OPEN 2018-19

ଏକ ପରିଚୟ ଆଧୁନିକ ଶିକ୍ଷା ବ୍ୟବସ୍ଥା ଏବଂ ୧୦୦% ନିଯୁକ୍ତିର...

JOIN AFTER 10TH, +2 & +3

H.O. : ARUNODAYA MARKET, LINK ROAD, CUTTACK
Ph. : 0671-2321666, 9439403174, 9439403178
JEYPORE CENTRE : 9438777265
Visit us : www.lihm.org

# ନାହିଁ ସ୍ୱାଭିମାନ ନାହିଁ ଅଭିମାନ

*- ନିଶିକାନ୍ତ ପାଢ଼ୀ*

ସାରା ବିଶ୍ୱରେ ଏ ଓଡିଆ ଜାତିର ଗୋଟିଏ ଗୌରବମୟ ଅତୀତ ଥିଲା । ଯେତେବେଳେ ଶିକ୍ଷା ଓ ବିଜ୍ଞାନର ପ୍ରସାର ଘଟିଥିଲା । ଆଧୁନିକ ସଭ୍ୟତାର ରଙ୍ଗୀନ୍ ଆଲୋକ ଓଡିଆମାନଙ୍କ ପାଖରେ ପହଂଚି ନ ଥିଲା । ସେତେବେଳେ ଓଡିଆ କାରିଗରମାନେ ତୋଳାଇ ଥିଲେ କୋଣାର୍କ । ଶ୍ରୀମନ୍ଦିର, ଲିଙ୍ଗରାଜମନ୍ଦିର, ରାଜାରାଣୀ ମନ୍ଦିର ତଥା ମୁକ୍ତେଶ୍ୱର ମନ୍ଦିର ପରି ସୁନ୍ଦର କର୍ତୀରାଜିଗୁଡିକୁ । ଆଜି ଏ ବିଜ୍ଞାନ ଯୁଗରେ ତଥା ଆଧୁନିକ ସଭ୍ୟତାର ନୂତନ ଜ୍ଞାନ କୌଶଳରେ ଜନ୍ମ ନେଇ ପାରୁନି ଦ୍ୱିତୀୟ କୋଣାର୍କ କି ଦ୍ୱିତୀୟ କୋଣାର୍କ କି ଦ୍ୱିତୀୟ ଲିଙ୍ଗରାଜ ମନ୍ଦିର । ସାତଦରିଆ ପାରି ହୋଇ ଓଡିଶା ସାଧବପୁଅ ଜାଭା, ବାଲି ସୁମାତ୍ରା ଦ୍ୱୀପକୁ ଯାଇ ବାଣିଜ୍ୟ କରି ବୋଇତ ଭର୍ତି ଧନ ସଂପଦ ବୋହି ଆଣୁଥିଲେ । ଯାହାର ସ୍ମୃତିରେ ଆଜି ଐତିହାସିକ କଟକ ନଗରରେ ପ୍ରତିବର୍ଷ ପାଳନ ହୋଇଆସୁଛି ପ୍ରସିଦ୍ଧ ବାଲିଯାତ୍ରା । କ୍ରୁର ଇଂରେଜ ଜାତି ବିରୁଦ୍ଧରେ ଯେଉଁମାନେ ଲଢେଇ କରି ଆତ୍ମବଳୀ ଦେଇଛନ୍ତି ସେମାନଙ୍କ ମଧ୍ୟରେ ବାଜି ରାଉତ, ଲକ୍ଷ୍ମଣ ନାୟକ, ବିର୍ସାମୁଣ୍ଡା, ଜୟୀ ରାଜଗୁରୁଙ୍କ ନାମ ଇତିହାସ ପ୍ରସିଦ୍ଧ । ବାଳକ ଧର୍ମପଦର ତ୍ୟାଗ ଓ ଆଦର୍ଶ ଆଜି ବିଶ୍ୱବିଦିତ । ଛିନ୍ନମସ୍ତା ଉତ୍କଳକୁ ଏକାଠିକରି ନୂଆ ଓଡିଶା ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନଙ୍କର ଭୂମିକା ଚିରସ୍ମରଣୀୟ । ଓଡିଆ ଭାଷାକୁ ବଂଚାଇ ରଖିବା ପାଇଁ ମଧୁବାବୁ, 'ଫକୀରମୋହନ, ରାଧାନାଥ ତଥା ଉପେନ୍ଦ୍ର ଭଞ୍ଜଙ୍କର ଆନ୍ତରିକତା ଓ ଉଦ୍ୟମକୁ ଏ ଓଡିଆ କେବେ ବି ଭୁଲି ପାରିବ ନାହିଁ । ଓଡିଆମାନଙ୍କ ଦୁଃଖରେ ସାମିଲ ହେଉଥିବା ସେହି ନିରୀହ ଶାନ୍ତ ମଣିଷ ଗୋପବନ୍ଧୁଙ୍କୁ କିଏ ବା ନ ଜାଣେ । ଏହି ଓଡିଶା ମାଟିରେ ଚଣ୍ଡାଶୋକ ଦିନେ ଧର୍ମାଶୋକରେ ପରିଣତ ହୋଇଥିଲେ । ଆଉରଙ୍ଗଜେବ୍‌ଙ୍କର କାରାଗାର ମଧ୍ୟରୁ ଲୁଚିଖସି ପଳାଇ ଗଲା ବେଳେ ଛତ୍ରପତି ଶିବାଜୀ ଓଡିଶା ମାଟିରେ ପାଦ ପକାଇ ଓଡିଶାର ବହୁତ ପ୍ରଶଂସା କରିଥିଲେ । ଓଡିଶାର ବୀରପୁତ୍ର ସୁବାଷ ଚନ୍ଦ୍ର ବୋଷଙ୍କର ଧମକରେ ଇଂରେଜ ଶାସକମାନେ ଡରିଯାଇଥିଲେ । ଓଡିଶାର ବରପୁତ୍ର ତଥା ଉନ୍ନତ ଓଡିଶାର ସ୍ୱପ୍ନାଭିଳାଷୀ ମହାନାୟକ ବିଜୁ ପଟ୍ଟନାୟକ ଆଜି ଓଡିଆମାନଙ୍କର ଘରେ ଘରେ ପରିଚିତ । ବିଜୁବାବୁ କେବଳ ଆଜି ଗୋଟିଏ ନାଁ ନୁହେଁ, ପ୍ରଚଣ୍ଡ ଶକ୍ତି ଉଦ୍ରେକକାରୀ ଶବ୍ଦ ଦୁଇଟି । ତେବେ ଏହି ଓଡିଆମାନଙ୍କର ଦାୟାଦ ହୋଇ ଆଜି ଆମେ ଅବହେଳିତ । ଭାରତବର୍ଷର ମାନଚିତ୍ରରେ ଓଡିଶା ପାଲଟି ଯାଇଛି ଆଜି ଏକ ଭୋକିଲା ଭୂଗୋଳର ଭୂଖଣ୍ଡ । ଓଡିଆମାନଙ୍କର ଅର୍ଥନୈତିକ ମାନଦଣ୍ଡ ସୁଦୃଢ ନୁହେଁ କି ଓଡିଆମାନେ ଆଜି ଶାରିରୀକ କି ମାନସିକ ସ୍ତରରେ ପ୍ରସ୍ତୁତ ନୁହଁନ୍ତି ଜୀବନକୁ ଚ୍ୟାଲେଞ୍ଜ କରିବା ପାଇଁ । ପରିଶ୍ରମକାତର, ଅଳସୁଆ ଓଡିଆମାନଙ୍କର ମନ ଓ ହୃଦୟକୁ ଆଜି ଜାବୁଡି ଧରିଛି ହୀନମନ୍ୟତାର ଅକ୍ଟୋପାସ୍ । ଓଡିଆମାନେ ଆଜି ପ୍ରଗତି ପଥରେ ହାତ ଧରା ଧରି ହୋଇ ଚାଲୁଥିବା ବେଳେ ଅଦୃଶ୍ୟରେ ଗୋଡ ଟଣାଟଣି ହେଉଛନ୍ତି । ଓଡିଆମାନେ ସହି ପାରୁ ନାହାନ୍ତି ନିଜ ଘରିପାଖର ମଣିଷମାନଙ୍କର ଯଶ ଆଉ କିର୍ତୀକୁ । ଈର୍ଷା ଏକ ନିଆଁ ହୋଇ ଜଳୁଛି ମଣିଷର ମନରେ ଆଉ ହୃଦୟରେ । ଓଡିଆ ଜାତିର ଗୋଟିଏ ଗୌରବମୟ ଇତିହାସ ଥିଲେ ମଧ୍ୟ ସେଥିପ୍ରତି ଓଡିଆମାନଙ୍କର ଆଜି ସ୍ୱାଭିମାନ ନାହିଁ । ନିଜ ଭାଷାକୁ ବଞ୍ଚାଇବା ପାଇଁ ଆଜି ସଂଗ୍ରାମ ଚାଲୁଛି, ଆନ୍ଦୋଳନ ଚାଲୁଛି । ନିଜ ସଂସ୍କୃତି ଓ ପରମ୍ପରାରେ ଆଜି କଳଙ୍କ କାଳିମା ଲେପି ହୋଇଗଲାଣି । ଓଡିଆ ଭାଷାର ସ୍ଥିତି ଏବେ ସଂକଟରେ । ଏଥିପ୍ରତି ଆମର ଟିକେ ଅଭିମାନ ନାହିଁ । ମା ପ୍ରତି ଆମର ଆଜି ମମତା ଟିକେ ନାହିଁ କି ମାତୃଭାଷା ପ୍ରତି ଆମର ଆନ୍ତରିକତା ମଧ୍ୟ ନାହିଁ । ଆମେ ଓଡିଆମାନଙ୍କୁ ପଦାଘାତ କରି ଅଣଓଡିଆମାନଙ୍କୁ ଆଶ୍ଲେଷା ନେଉଛୁ । ଓଡିଆର ମାଟି, ପାଣି, ପବନରେ ବଢି ଆମେ ଜୀବନକୁ ଗଢିଥିଲେ ମଧ୍ୟ ସେହି ଓଡିଶା ପାଇଁ କିଛି କରିବାର କର୍ତବ୍ୟବୋଧ ଆଜି କାହାରି ପାଖରେ ଦେଖାଯାଉ ନାହିଁ । କାହିଁକି ଆଜି ଓଡିଆମାନେ ନିଜର ସ୍ୱାଭିମାନକୁ ତ୍ୟାଗକରି ଟିକେ ଅଭିମାନକୁ ଆପଣେଇ ପାରୁନାହାନ୍ତି । କାହିଁକି ଦିନକୁ ଦିନ ଗୋଟିଏ ଜାତିର ଭାଷା ଲୀନ ହୋଇଗଲା ପରି ଲାଗୁଛି । କାହିଁକି ଆଜି ଓଡିଆମାନେ ନିଜର ଭିଟା ମାଟିକୁ ଛାଡି ପରଦେଶୀ ହୋଇ ଦାଦନ ଖଟୁଛନ୍ତି । ଦିନକୁ ଦିନ ଓଡିଆମାନଙ୍କର ଦୁଃଖ ଓ ଯନ୍ତ୍ରଣା ବୃଦ୍ଧି ପାଇବାରେ ଲାଗିଛି । କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ମାନ ଅହେତୁକ ଭାବେ ହ୍ରାସ ହେଲା ପରି ଲାଗୁଛି । ତେବେ ଏହା ପଛରେ ରହିଛି ଓଡିଆମାନଙ୍କର

ଦୁର୍ବଳ ମାନସିକତା । କିଛି କରି ନ ପାରିବାର କିଂ କର୍ତବ୍ୟ ବିମୂଢ଼ତା । ସ୍ୱାର୍ଥ, ଅର୍ଥ ଓ ଲୋଭ ମୋହରେ ଅନ୍ଧ ହୋଇ ଆଜି ଓଡ଼ିଆମାନେ ନିଜ ଜାତିର ସ୍ୱାଭିମାନ ଓ ଅସ୍ମିତାକୁ ଭୁଲିଯିବାକୁ ବସିଲେଣି । ଓଡ଼ିଶାର ଗର୍ବ ମନ୍ଦିରର କାରୁକାର୍ଯ୍ୟ । ନୌବାଣିଜ୍ୟ ପରମ୍ପରା । ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ, ବିସ୍ତୀର୍ଣ୍ଣ ବେଳାଭୂମି, ଅରଣ୍ୟ, ପ୍ରପାତ, ପାହାଡ଼, ଝରଣା, ନଦୀ, ହ୍ରଦ, ଆଉ ଶ୍ୟାମଳ ସବୁଜିମା । ଅଛି ତତଲା ଟିଟିଲାଗଡ ପୁଣି ଅଛି ଏଠାରେ ହିମଶୀତଳ ଦାରିଙ୍ଗିବାଡ଼ି, ଅଛି ସମୁଦ୍ର, ନଦୀ ଓ ପାର୍ବତ୍ୟାଂଚଳ, ଅଛି ଆଦିବାସୀ ସଂସ୍କୃତି ପୁଣି ବର୍ଣ୍ଣାଢ୍ୟ ଉଦାର ବିଶ୍ୱ ବନ୍ଦନୀୟ ଜଗନ୍ନାଥ ସଂସ୍କୃତି । ଅଥଚ ବିଶ୍ୱ ଦରବାରରେ ଆଜି ଆମେ ଅଜଣା ଅଶୁଣା । ଚୀନ୍‌ର ପଥମ ଶାସକ ସିନ୍‌ସି ହୁଆଙ୍ଗ୍ ଏ ସବୁକୁ ତିଆରି କରିଥିଲେ । ଅଢେଇ ବର୍ଗ କିଲୋମିଟର ଜାଗାରେ ଏସବୁ ପୋତି ହୋଇ ରହିଥିଲା । ୧୯୭୪ ମସିହାରେ ଯେତେବେଳେ ଏହା ଆବିଷ୍କୃତ ହେଲା, ବିଶ୍ୱର କୋଣ ଅନୁକୋଣରୁ ଲୋକମାନେ ଧାଇଁଲେ ଏହାକୁ ଦେଖିବାକୁ । ମାଟିରେ ଖୋଦିତ କାରୁକାର୍ଯ୍ୟରୁ ଚୀନ୍ ଉଜ୍ୱଳ ଭବିଷ୍ୟତକୁ ବିଶ୍ୱ ଠାବ କରିପାରିଥିଲା । କିନ୍ତୁ ଆମ ଓଡ଼ିଶାର ଇତିହାସ ଆମ ପାଖରେ ଆଜି ନିଦା ପଥରର କିର୍ତୀ ଓ ପରମ୍ପରା ଛାଡ଼ିଯାଇଛି । ଓଡ଼ିଶା ଭ୍ରମଣରେ ଆସିଥିବା ଐତିହାସିକ ଜ୍ୱେମସ ‘ର୍ଗ୍ୟୁସନ୍ କହିଥିଲେ, ସମଗ୍ର ହିନ୍ଦୁସ୍ତାନରେ ଯେତେ ମନ୍ଦିର ଅଛି ତାହାର ଅଧାରୁ ଅଧିକ ଅଛି ଓଡ଼ିଶାରେ । କୋଣାର୍କ, ଲିଙ୍ଗରାଜ, ଶ୍ରୀମନ୍ଦିର, ରାଜରାଣୀ ତଥା ମୁକ୍ତେଶ୍ୱର ମନ୍ଦିରର ପ୍ରସ୍ତରର କାରୁକାର୍ଯ୍ୟରେ ଓଡ଼ିଆ କାରିଗରମାନଙ୍କର କଳା ଓ ଆଦର୍ଶକୁ ଦେଖି ସେ ବିସ୍ମିତ ହୋଇଥିଲେ । ଉତ୍କଳର ଉତ୍କୃଷ୍ଟ କଳାଚତୁରୀ ସାରା ବିଶ୍ୱବାସୀଙ୍କୁ ଦେଇଛି ଏକ ଭିନ୍ନ ପରିଚୟ । ତଥାପି ଏ ଜାତି ଆଜି ଅବହେଳିତ । ଦାରିଦ୍ର୍ୟ କଷାଘାତରେ ନିଷ୍ପେସିତ । ଅଭାବ ଅନଟନର ଯନ୍ତ୍ରଣାରେ ନିର୍ଯ୍ୟାତିତ । ତେବେ ଏ ସବୁର କମ ପରିବର୍ତନ ଆସିପାରିବନି । !!! ପରିବର୍ତନ ହିଁ ପ୍ରଗତିର ପୃଷ୍ଠଭୂମି । ପରିବର୍ତନ ଆସିବାଟା ଖୁବ୍ ଜରୁରୀ, କିନ୍ତୁ ପରିବର୍ତନ କେବେ ଆପେ ଆପେ ଆସି ପାରିବନି । ପରିବର୍ତନ ଆଣିବା ପାଇଁ ଓଡ଼ିଆମାନଙ୍କ ହୃଦୟରେ ଗୋଟିଏ ଆଲୋଡ଼ନ ସୃଷ୍ଟି ହେବା ଦରକାର । ଭୂମି ନୁହେଁ ଭୂମା ହେଉ ଓଡ଼ିଆମାନଙ୍କର ଆଦର୍ଶ । ଅଳ୍ପରେ ସନ୍ତୁଷ୍ଟ ନ ହୋଇ ଗତାନୁଗତିକ ଜୀବନ ଧାରାରେ ନିଜକୁ ସୁପ୍ତ ନ କରି ଆଗକୁ ଆଗେଇ ଯିବା ପାଇଁ ଓଡ଼ିଆମାନେ ସଂକଳ୍ପବଦ୍ଧ ହୁଅନ୍ତୁ । ଓଡ଼ିଆମାନେ ନିଜ ଜାତିର ଅତୀତ ଗୌରବକୁ ମନେପକାଇ ସ୍ମୃତିର ଶାମୁକାରୁ ଶକ୍ତି ଆହରଣ କରି ଅବହେଳିତ ହୋଇ ପଡ଼ିଥିବା ଗୋଟିଏ ଜାତିର ଉନ୍ନତି ପଥ ଖୋଜନ୍ତୁ । ଆମର ଭାଷା, ସଂସ୍କୃତି ଓ ପରମ୍ପରା କିଭଳି ବିଶ୍ୱବ୍ୟାପୀ ପ୍ରଚରିତ ହେଉ ତଥା ଓଡ଼ିଆ ଜାତିର ଅସ୍ମିତାକୁ ସମଗ୍ର ବିଶ୍ୱବାସୀ ଜାଣନ୍ତୁ । ପାଠପଢ଼ି ଯେତେବଡ ଚାକିରୀ କଲେ ତଥା ବିଦେଶ ଯାତ୍ରା କଲେ ମଧ୍ୟ ଓଡ଼ିଆମାନେ ନିଜର ସ୍ୱାଭିମାନକୁ ଜାବୁଡ଼ି ଧରନ୍ତୁ । ମାତୃଭୂମି ତଥା ମାତୃଭାଷାର ମମତାକୁ କେବେ ଅବହେଳିତ କରନ୍ତୁ ନାହିଁ । ଯେଉଁଠି ଜାତିର ଭାଷା ଓ ସଂସ୍କୃତି ତଥା ପରମ୍ପରା ପ୍ରତି ଅବମାନନା କରାଯାଉଛି ସେଠି ଓଡ଼ିଆମାନେ ନିଜ ନିଜର ଅଭିମାନକୁ ଜାହିର କରନ୍ତୁ । ଗୁଜୁରାଟ ପ୍ରଦେଶର ଗୋଟିଏ ସହରରେ ବୁଲୁଥିବା ବେଳେ ଗୋଟିଏ ଦୋକାନରେ ଲେଖାଥିବା ଗୁଜରାଟୀ ଭାଷାର ସାଇନ୍ ବୋର୍ଡକୁ ପଢ଼ି ହେଲା ନାହିଁ । ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କୁ ଦୋକାନର ନାମ ଜାଣିବାକୁ ପଚାରି ଥିବା ବେଳେ ଭଦ୍ରବ୍ୟକ୍ତି କହିଥିଲେ ଆପଣ ଗୁଜୁରାଟୀ ଭାଷା ଜାଣିନାହାନ୍ତି । ଗୁଜରାଟ କାହିଁକି ଆସିଛନ୍ତି ? ଭାରି ସଙ୍କୋଚ ଲାଗିଲା ସେ ଦିନ । ଭାଷା ପ୍ରତି ରହିଥିବା ଅତୁଟ ମମତାକୁ ଜାଣି ଗୁଜରାଟୀମାନଙ୍କ ପାଖରେ ମୁଣ୍ଡ ନଇଁଗଲା ପରି ଲାଗିଲା । ଏତିକି ଦେଖିବାକୁ ମିଳେନା ଓଡ଼ିଆମାନଙ୍କ ପାଖରେ । ଆଜି ଓଡ଼ିଆମାନେ ନିଜ ଭାଷାକୁ ଭୁଲି ଅନ୍ୟ ଭାଷାରେ କଥାବାର୍ତା ହେଉଛନ୍ତି । ଖଡ଼ଗପୁର ଟପିଲେ ଓଡ଼ିଆମାନେ ଆଉ ନିଜକୁ ଓଡ଼ିଆର ପରିଚୟ ଦେଉନାହାନ୍ତି । ଓଡ଼ିଶାର ସଂସ୍କୃତି ଓ ପରମ୍ପରା ମଧ୍ୟ କଳୁଷିତ ହୋଇପଡ଼ିଗଲାଣି । ପୂର୍ବର ପାଲ୍ଲା, ଦାସକାଠିଆ, ଛାନ୍ଦ, ଚମ୍ପୁ ଆଉ ନାହିଁ । ଭାଗବତ ତୁଙ୍ଗିରେ କ୍ଲବ୍ ପିଲାଙ୍କର ବୋତଲ ଗଡ଼ିଲାଣି । ଶିବ ବିବାହ, ଚଇତିରାସ, କାର୍ତିକ ହବିଷ ଏ ସବୁଥିରେ ଆଧୁନିକତା ପ୍ରବେଶ କରିଗଲାଣି । ପରିବାର ମଧ୍ୟରେ ଆଉ ସେତେ ନିବିଡ଼ ସଂପର୍କ ନାହିଁ । ନିଜ ବାଡ଼ି ପଟେ ଶହ ଶହ ଏକର ଜମି ପଡ଼ିଆ ପଡ଼ିଥିଲେ ମଧ୍ୟ ଓଡ଼ିଆମାନେ ବିପିଏଲ୍ ତାଲିକାରେ ନାଁ ଲେଖାଇ ସରକାରଙ୍କ ଶସ୍ତା ଯୋଜନାକୁ ହାତେଇବାର ହୀନମନ୍ୟତାକୁ କେବେ ଦୂର କରିପାରୁନାହାନ୍ତି । ଆଗକୁ ନିର୍ବାଚନ ଆସୁଥିବା ବେଳେ ସରକାର ରାଜକୋଷ ଖାଲି କରି ଅସନ୍ତୁଷ୍ଟମାନଙ୍କୁ ସନ୍ତୁଷ୍ଟ କରିବାରେ ପ୍ରାଣପଣେ ଲାଗିପଡ଼ିଛନ୍ତି । ହେଲେ ଗୋଟିଏ ଗୌରବମୟ ଜାତିର ସ୍ୱାଭିମାନ ଆଉ ଅଭିମାନ କାଳର କରାଳ ଗର୍ଭରେ ଲୀନ ହୋଇଗଲା ପରି ମନେ ହେଉଛି ।

*– ନନ୍ଦିଗ୍ରାମ, ନାଉଗାଁ ହାଟ, ଜଗତସିଂହପୁର*

# ଏମିତି ବି ହୁଏ

- ଶ୍ରୀ ସତ୍ୟବ୍ରତ ସାହୁ

ସେଦିନ ମୁଁ ଡ୍ୟୁଟି ସାରି ବୈତରଣୀ ରୋଡ୍‌ରୁ ଫେରୁଥାଏ ମୋ ବାଇକ୍‌ରେ । ସନ୍ଧ୍ୟା ଆଗତ ପ୍ରାୟ । ଘରେ ପହଂଚିବା ପାଇଁ ବ୍ୟାକୁଳତା ଥାଏ । ଷଠିପୁରରୁ ଯାଜପୁର ଟାଉନ୍ ଯିବା ରାସ୍ତାରେ ଓଭରବ୍ରିଜ ପାଖରେ ତରୁଣୀଟିଏ ଲିଫ୍‌ଟ ପାଇଁ ହାତ ମାରିଲା । ଟିକେ ଭାବିଲି । କ'ଣ କରିବି ? ଲିଫ୍‌ଟ ଦେବି କି ନାହିଁ । ଆଜିକାଲି ସମୟ ଯାହା, ଭଲ କଲେ ବି ଭେଲ ହୋଇଯିବ । ଝିଅଟି ସୁନ୍ଦରୀ ତ ନିଶ୍ଚୟ ମୁଖ ମଣ୍ଡଳ କହୁଥାଏ ସେ ନମ୍ର ଏବଂ ବ୍ୟସ୍ତ । ଦୋ ଦୋ ପାଂଚ ହୋଇ ଗାଡ଼ିରେ ବ୍ରେକ୍ ଦେଲି । ପଚାରିଲି- କୁଆଡ଼େ ଯିବେ ? ଟାଉନ୍- କହିଲା ଝିଅଟି । ଟାଉନ୍‌ର କେଉଁଠାକୁ ? ବଡ଼ ମେଡ଼ିକାଲ- କହିଲା ସେ । ବଡ଼ ମେଡ଼ିକାଲରେ ମୋ ମା' ଚିକିତ୍ସିତ ହେଉଛନ୍ତି । ସନ୍ଧ୍ୟା ପୂର୍ବରୁ ତାଙ୍କ ପାଖରେ ପହଂଚିବାର ଅଛି । ପାଖାପାଖି ଅଧଘଂଟେ ହେବ ଏଠାରେ ଠିଆ ହୋଇଛି । କିଛି ଗାଡ଼ି ଆସୁନି । ହଉ ବସ, ମୁଁ କହିଲି । ସେ ବସିଲା । ଦୁଇ ଗୋଡ଼ ଫାଡ଼ି ନୁହେଁ, ଏକ ପାଖିଆ । ସ୍ୱଭାବରେ ନମ୍ର ଲାଗୁଥାଏ । ମୋ' ଦେହକୁ ତା' ଦେହ ଲାଗିବାକୁ ଦେଉନଥାଏ । ପଚାରିଲି- ଘର କେଉଁଠି ? ମଙ୍ଗଳପୁର- କହିଲା ସେ । ମଙ୍ଗଳପୁର ମାନେ ଆମ ପାଖାପାଖି । ଟିକେ ସାହସ ପାଇ ଝିଅଟି କହିଲା- ଆପଣଙ୍କ ଘର କେଉଁ ଗାଁ ? ମୁଁ କହିଲି- ପଲ୍ଲୀସାହି । ଏପଟେ କୁଆଡ଼େ ଆସିଥିଲ ବୋଲି ପଚାରିଲାରୁ ସେ କହିଲା ସାଙ୍ଗ ପାଖକୁ ଆସିଥିଲା । ତାପରେ ବେଶି କିଛି କଥାବାର୍ତ୍ତା ନଥିଲା ଆମ ଭିତରେ । ଅଳ୍ପ ସମୟ ଭିତରେ ମୁଁ ପହଂଚିଗଲି ବଡ଼ ମେଡ଼ିକାଲ ସାମ୍ନାରେ । ଚଟାପଟ ଓହ୍ଲାଇ ପଡ଼ିଲା ଝିଅଟି । ଧନ୍ୟବାଦ ଦେଲା ପରେ କହିଲା- ଆପଣଙ୍କ ମୋବାଇଲ ନମ୍ବର ଟା ଦେଇଥା'ନ୍ତୁ । ମୋ' କାହିଁକି ପ୍ରଶ୍ନର ଉତ୍ତରରେ ସେ କହିଲା- ଆପଣ ଏତେ ସାହାଯ୍ୟ କଲେ, ଇଛା ହେଲା କେତେବେଳେ ଆପଣଙ୍କୁ ଫୋନ ତ କରିପାରିବି । କୃତଜ୍ଞତା ତ ଜଣାଇପାରିବି । ହଉ ଲେଖ କହି ମୁଁ କହିଲି ୯୦୦୦୦୦୦୦୦୦ । ଝିଅଟି ତା' ମୋବାଇଲ ରେ ନମ୍ବର ଟିପିଲା । ଏହା ଭିତରେ ରୁମାଲ କାଢ଼ିବା ବାହାନାରେ ମୋ' ପଛ ପକେଟ୍‌ରେ ମନି ପର୍ସ ସୁରକ୍ଷିତ ଅଛି ବୋଲି ଜାଣିପାରିଲି ।

ସେତେବେଳକୁ ସେ ଛୋଟ କାଗଜରେ କିଛି ଲେଖି ସାରିଥାଏ । ମୋତେ ଚାରିଚଉଡ଼ା କାଗଜଟି ବଢ଼ାଇ ଦେଇ କହିଲା- ମୋ' ନମ୍ବରଟା ବି ରଖିଥା'ନ୍ତୁ । ମୁଁ କାଗଜଟି ଧରୁ ଧରୁ ସେ ଭିତରକୁ ପଶିଗଲା । ମୁଁ କାଗଜଟି ଆଗ ପକେଟ୍‌ରେ ରଖି ଗାଡ଼ି ଗଡ଼ାଇଲି ଘର ଅଭିମୁଖେ ।

ଘରେ ପହଂଚିଲା ପରେ ମନେ ପଡ଼ିଲା ଝିଅଟି କଥା । ଭାବିଲି ଫୋନ୍ କରି ପଚାରିଦେବି ମା'ଙ୍କ ଦେହ ବିଷୟରେ । ପକେଟ୍‌ରୁ କାଗଜଟି କାଢ଼ି ଖୋଲିଲି । ଲେଖାଥିଲା, ପୂର୍ଣ୍ଣିମା- ୯୦୦୦୦୦୦୦୦୦ । ଆଶ୍ଚର୍ଯ୍ୟ ହେଲି ମୁଁ । ମୋ' ନମ୍ବର ମୋତେ.... । ମନେ ମନେ ହସିଲି । ଭାବିଲି କେଡ଼େ ସୁନ୍ଦର ଭାବରେ ଠକାଇ ଦେଲା ଝିଅଟି ମୋତେ । ମୁଁ ତ ତାକୁ ନମ୍ବର ମାଗି ନଥିଲି । ତେବେ କ'ଣ ପାଇଁ ଏମିତି ଅଭିନୟଟେ କଲା ମୋ' ନିକଟରେ ? ତା' ନିରୀହ ମୁହଁଟା ନାଚି ଉଠିଲା ମୋ' ମାନସ ପଟରେ । ଏତେ ନିରୀହ ଲାଗୁଥିବା ଝିଅଟି ବି ଏମିତି କରିପାରେ ଭାବି ନିଜକୁ ନିଜେ ବୁଝାଇଦେଲି.... ହଁ, ବେଳେବେଳେ ଏମିତି ବି ହୁଏ ।

- ପଲ୍ଲୀସାହି, କମାଳପୁର, ଅହିୟାସ,ଯାଜପୁର

# ଉଷୁମ ପରଶ

- *ସୁସ୍ମିତା ପଟେଲ*

ଆଖିରେ ଆଖିଏ ଲୁହ, ନା ବୋହି ପାରୁନି, ନା ରୋକି ପାରୁନି ସୁନନ୍ଦା । କାଳେ ବହିଯିବ ସେ ଭୟରେ ଚପେଇବାକୁ ଚେଷ୍ଟିତ ସେ । ମାତ୍ର ଲୁହ ମାନେ ତ ଅମାନିଆ । କୋଉ ସ୍ଥାନ, କାଳ, ପାତ୍ର ଦେଖି କ'ଣ ବୋହିବ ? ଯେଉଁଠି ଅଧିକ ଖୁସି ସେଠି ବି ଗଦ୍ ଗଦ୍ ହୋଇ ବୋହିଯିବ । ଆଉ ଯେଉଁଠି ଟିକେ ଆଘାତ ହେଲେ ବି ବୋହିବ । ପରିସ୍ଥିତି ଯାହା ହେଉନା କାହିଁକି ?

ଥପ୍ ଥପ୍ କେଇ ବୁନ୍ଦା ଲୁହ ନିଗିଡ଼ି ପଡ଼ିଲା ସୁନନ୍ଦା ଆଖିରୁ । ଯେତେ ଲୁଚେଇ ବା ଲୁଚୁଛି କେଉଁଠି । ହଠାତ୍ କାହାର ହାତର କୋମଳ ସ୍ପର୍ଶରେ ଚମକି ପଡ଼ିଲା ସେ । କ'ଣ ହୋଇଛି କିଲୋ ମାଆ ଏମିତି ବସିଛୁ । ମୁହଁ ଏମିତି ଦିଶୁଛି । କ'ଣ ହେଲା କି ମାଆ ର କୋମଳ ପରଶ ରେ ସ୍ୱାଭାବିକ ହୋଇଗଲା ସୁନନ୍ଦା । ଲୁହ ପୋଛି କିଛି ନ ହେବା ପରି ମା ହାତକୁ ଦୁଇ ପାପୁଲିରେ ଜାବୁଡ଼ି ଧରିଲା ସେ ।

କାହିଁ କିଛି ନାହିଁ ତ ମା.........

ଏମିତି ଖାଲି ବସିଛି । କାଲିଠୁ ଦେହ ଟିକେ ନିସ୍ତେଜ ଲାଗୁଛି । ଅସୁସ୍ଥ ଲାଗୁଛି ଏଣୁ ଏପରି ବସିଛି । ମାଆ ବି ତା କଥାରେ ରାଜି । ହଉ ଶୋଇପଡ଼ । ବସିଛୁ କାହିଁକି ? ମୁଁ ଚା ଟିକେ କରି ଆଣି ଦେଉଛି । କ'ଣ ଗୋଡ଼ ଘଷିଦେବି ?

ମାଆ ର ବ୍ୟସ୍ତବିବ୍ରତ ଦେଖି ଚାଲିଥାଏ ସୁନନ୍ଦା । ମା କୁ ଆସି ଅଶୀ ହେଲାଣି, ମୁଁ ବି ପଚାଶରେ ପଦାର୍ପଣ କଲିଣି ? ହେଲେ ବି ସେ କାଲିର ମାଆ, ମୋତେ ତା ଛୋଟ ଛୁଆଟେ ପରି ସେବା କରୁଛି. ଯତ୍ନ ନେଉଛି । ଦେଖିବାକୁ ତ ସିଏ ବି ଦୁର୍ବଳ । ହାଡ଼ କେଇଖଣ୍ଡ ରେ ଚମଡ଼ା ଲଟକି ଗଲାଣି । ହାଡୁଆ ମୁଁ ସାଙ୍ଗକୁ ପାକୁଆ ପାଟି । ଆଉ ମୁଁ............. ପଚାଶ ବର୍ଷର ଜଣେ ପୌଢ଼ା । ହେଲେ ବି ତା ପାଖରେ ମୁଁ ଛୋଟ ଛୁଆଟିଏ । ଧନ୍ୟ ସେ ଭଗବାନ । ଯିଏ କି ମାଆ ହୃଦୟକୁ ତିଆରିଛି । ଭରିଦେଇଛି ଅମୃତ ପସରା ।

ମୁଁ ବି ଛୋଟ ଛୁଆଟେ ପରି ଶୋଇଗଲି । ମାଆ ଚାକରିବାକୁ ଗଲେ । ପୁଣି ଅମାନିଆ ଲୋତକ କାହୁଁ ଥିଲା କେଜାଣି, ବଢ଼ିଲା ନଈ ପରି ବହିଚାଲିଲା । ଥମିବାକୁ ନାଁ ଧରୁନି । ସୁକାନ୍ତ କହୁଥିବା ସମସ୍ତ କଥା ଏବେ ବି କାନରେ ପିଟି ହେଉଛି । କ'ଣ ନା...... ମୁଁ ତାଙ୍କ ପାଇଁ କିଛି ବି କରିନି । କରିଛି ସାନ ପାଇଁ ତାକୁ ବେଶୀ ଗେହ୍ଲା କରିଛି । ତା ଭାଗର ବି ସ୍ନେହ ସାନକୁ ଦେଇଛି । ଏବେ ବି କୁଆଡ଼େ ସାନର ପୁଅ, ଝିଅକୁ ବେଶୀ ଭଲ ପାଉଛି । ତା'ର ନାହିଁ । ଆଉ ସେଇ ଏକା କଥା ସାନ ପୁଅ ସଂଦୀପର ବି ।

ହରଡ଼ ଘଣାରେ ପେଶି ହୋଇଯାଉଛି ସୁନନ୍ଦା । କାହା ପାଇଁ କ'ଣ କରିବାକୁ ଗଲେ ଅନ୍ୟ ଜଣେ କହୁଛି । ଦିନ ଥିଲା ଦି ପୁଅକୁ ପାଇ ବେଶ୍ ଖୁସି ହେଉଥିଲା ସେ । କେତେ ସୁଖର ସଂସାର ଥିଲା ତାର । ଭାଇ, ପ୍ରତି ଭାଇର ସ୍ନେହ ବି ଥିଲା ପ୍ରଗାଢ଼ ।

ସେତେବେଳେ ସେ ଦିହେଁ ଥିଲେ ଅବୋଧ । ମୋ କଥା ତାଙ୍କ ପାଇଁ ସବୁ କିଛି । କ'ଣ କରିବେ, କ'ଣ ନାହିଁ ସବୁ ପଚାରିବେ । ଇମିତିକି ତାଙ୍କ ସ୍କୁଲରେ କ'ଣ ହେଲା, କେଉଁ ସାର୍ ତାଙ୍କୁ କ'ଣ କହିଲେ, ଟିକିନିଖି ସବୁ । ଘର କାମ ସାରି ଦିଜଣଙ୍କ କଥା ଶୁଣନ୍ତି ସେ ।

ଏକା ମଣିଷ, ସ୍ୱାମୀହରା । ସନ୍ଦୀପକୁ ମାତ୍ର ଚାରିବର୍ଷ ହେଇଥିଲା, ଯେତେବେଳେ ସ୍ୱାମୀ ଏକ ଆକ୍ସିଡେଂଟରେ ଚାଲିଗଲେ । ସେବେଠୁ ସେ ପିଲାଙ୍କର ମା ବି ବାପା ବି । ସ୍କୁଲଠୁ ଆରମ୍ଭ କରି ଘରକରଣା ସବୁ ସେ ଏକା ବହନ କରିଛନ୍ତି । ଦିନଟିଏ ବି ଜାଣିବାକୁ ଦେଇନାହାନ୍ତି ବାପାର ଅନୁପସ୍ଥିତି । ଏମିତିକି ରାତି ରାତି କେତେ ଥର ହସ୍ପିଟାଲ ବି ଏକା ଯାଇଛନ୍ତି । ଉଚ୍ଚଶିକ୍ଷା ପାଇଁ ବାରଦୁଆର ହାତ ପତେଇଛନ୍ତି ନିଜ ସ୍ୱାଭିମାନ କୁ ଛାଡ଼ି । ମନ କଥା ମନ ଜାଣୁଥାଏ ହେଲେ ବି ତ ଛୁଆଙ୍କୁ ବଡ଼ କରିବାକୁ ହେବ । ଦିନରାତି ଏକ କରିଛନ୍ତି । ତାଙ୍କର ପ୍ରତିପୋଷଣ ପାଇଁ କେଉଁଠି ତାଙ୍କର କ'ଣ ଭୁଲ ରହିଗଲା..........ସେ ଜାଣିପାରୁନାହାନ୍ତି ।

ଆଜି ସୁକାନ୍ତ, ସନ୍ଦୀପ ଦି ପୁଅ ବଡ଼ ହୋଇଗଲେଣି । ଚାକିରି ଖଣ୍ଡେ ଖଣ୍ଡେ କରୁଛନ୍ତି । ଯୋଗ୍ୟା ପାତ୍ରୀ ଦେଖି ବି ବାହା କରିଦେଇଛନ୍ତି ସୁନନ୍ଦା । ବଡ଼ପୁଅର ଦି' ଟି ପିଲା ସାନର ବି ଦି'ଟା । ସଭିଏଁ ସମାନ ତା ପାଇଁ । ସମସ୍ତେ ଆଖିର ତାରା । ଏବେ ଘର ତାଙ୍କ ପୁରି ଉଠିଛି ।

ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ- ଏତ ଦୁନିଆଁର ନିୟମ । ସେ ନିୟମରେ ସୁନନ୍ଦାବି ବନ୍ଧା । ସେ ବା ବାଦ୍ ପଡ଼ିବେ କିପରି । ଆସ୍ତେ ଆସ୍ତେ ପୁଅ, ପୁଅ ମଧ୍ୟରେ ମତାନ୍ତର ଘଟିଲାଣି । କାହା ପିଲା, କାହାକୁ ବାଡ଼େଇଲା, କିଏ କାହାର ଝାମ୍ପି ନେଲା......... ପୁଣି କଥା ସେତିକିରେ ରହିନି.... କାହା ସ୍ତ୍ରୀ

ବେଶୀ ଖଟୁଛି । ପୁଣି କିଏ ଘର ଖର୍ଚ୍ଚ ପାଇଁ ବେଶୀ ପଇସା ଦେଉଛି । କେତେ ଦିନ ବା ସମ୍ଭାଳିବେ ଏସବୁ ।

ପ୍ରଥମେ ପ୍ରଥମେ ସୁନନ୍ଦା କିଛି କହୁଥିଲା । ମାତ୍ର ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ବି ଚୁପ୍ ହୋଇ ରହିବା ଶିଖିଗଲେଣି । କାହାକୁ କ'ଣ ବା କହିବି.. ଯାହାକୁ କ'ଣ କହିବାକୁ ଗଲେ ଅନ୍ୟକୁ ବେଶୀ ଭଲ ପାଉଛୁ ବୋଲି ତାଗିଦ୍ । କ'ଣ ବା କରିବେ । ସବୁଠୁ ଚୁପ୍ ରହିବା ଭଲ ।

କାଲି ଦି ପିଲା ଝଗଡ଼ା ଲାଗୁଥିଲେ । ବଡ଼କୁ ଟିକେ ରାଗିକି କହିଦେଲି । କ'ଣ ବା ଭୁଲ କଲି । ମୁଁ ବି ଗୋଟେ ମା । ଜାଣିଛି ଛୁଆଙ୍କୁ ବଢ଼ାଇବା । ପୁଣି ମୋର ତ କିଛି ଅଧିକାର ଅଛି ଛୁଆଙ୍କ ଉପରେ । ନା...... ସେଟା ନାହିଁ ବଡ଼ ପୁଅ କହିଦେଲା ତୁ ସାନ ପୁଅ ଓ ତା ଛୁଆଙ୍କୁ ବେଶି ଭଲ ପାଉଛୁ । ଏଣୁ ଆମ ପୁଅକୁ ରାଗୁଛୁ । ମୁଁ ଜାଣିଛି ତୋ ପାତର ଅନ୍ତର ନୀତି ମୂଳରୁ ସେୟା ସଂଦୀପ କୁ ବେଶୀ ଭଲ ପାଉ । ଛୋଟବେଳେ ମୋ ଖେଳଣା ବି ତାକୁ ଦେଇଦେଉଥିଲୁ । ସେତେବେଳେ ତ ମୁଁ ନିରୀହ, ମାତ୍ର ଏବେ ମୋ ପୁଅ ଉପରେ ଅନ୍ୟାୟ ହେବାକୁ ଦେବିନି । ମୁଁ ଅଲଗା ରହିବାକୁ ଚାହେଁ.... ତୁ ଖୁସିରେ ତୋ ସାନପୁଅ ସହ ରହ ।

ଭାବି ପାରିଲାନି ସୁନନ୍ଦା । ଆଖି ବଡ଼ ବଡ଼ କରି ଚାହିଁ ରହିଲା ସେ । ଲୁହର ଜୁଆର ବନ୍ଧ ଭାଙ୍ଗୁଥାଏ । ଲୁହ ପୋଛି ପୋଛି ଘରକୁ ପଶିବା କ୍ଷଣି, ସଂଦୀପର ବି ସେ କଥା........ ଦେଖିଲୁ ବଡ଼ଭାଇ କୁ ଆଦର କରିବା, ସମ୍ମାନ ଦେବା ପାଇଁ ମୋତେ ବୁଝାଉଥିଲୁ । ଏ କି ସମ୍ମାନର ପାତ୍ର ? ଯା ମୁଁ ବି ତା ସହିତ ରହିବାକୁ ଚାହୁଁନି ।

ସୁନନ୍ଦାର ପାଦତଳୁ ମାଟି ଖସି ପଡୁଥାଏ । ଯାହେଲେ ବି ପୁଅ । କହିବା କାହାକୁ ଅଜାଗା ଘା' ଦେଖେଇ ହୁଏନି କି ଲୁଚେଇ ହୁଏନି ଅବସ୍ଥା । କ'ଣ କରିବ.... ନିଜ ରୁମରେ ବସିଛି । ସକାଳୁ ଉପରତଳ ହେଲାଣି ଚା ଟିକେ ବି ଖାଇନି ଏ ପର୍ଯ୍ୟନ୍ତ କେହ ବି ପଚାରୁନାହାନ୍ତି ।

ଆଖିରୁ ଧାର ଧାର ଲୁହ । ସେ ସମୟରେ ମାଆ ପହଂଚିଛି । ଏ ପରିସ୍ଥିତିରେ କ'ଣ ବା କହିବ ସେ । ମାଆର ତ ସେହି ଅବସ୍ଥା । ତାଙ୍କ ପୁଅ ବୋହୂର ଅବସ୍ଥା ବି ସେପରି ।

ମାଆ ଚା' କପଟେ ଆଣି କିଛି ବିସ୍କୁଟ ଧରି ଆସିଲେ । ନେ ଖା । ସକାଳୁ ବୋଧେ କିଛି ଖାଇନୁ । ପିଲା, ପିଲି ଘର । ଏମିତି ରଷିକି ବସିଲେ ହେବ । ଦେଖ ମୋତେ....... ମୁଁ ବି ତ ବଂଚିବା ଶିଖିଯାଇଛି । କ'ଣ ତୋ ପରି ହଉଛି । ପିଲା ଲୋକ...... ଆମେ ମାଆ ପରା । ସହିବାକୁ ତ ହେବ ।

ଛୋଟ ଛୁଆଙ୍କ ପରେ କଇଁ କଇଁ କାନ୍ଦି ଉଠିଲା ସୁନନ୍ଦା । ମା କୁ ଜାବୋଡ଼ି ଧରି ମା, ତାଙ୍କ ହାଡୁଆ ମାତ୍ର କୋମଳ ହାତରେ ଆଉଁସି ଚାଲିଥାନ୍ତି ସୁନନ୍ଦା ମୁଣ୍ଡକୁ ଆଉ ସୁନନ୍ଦା ମା କୋଳରେ ଅନୁଭବ କରୁଥାଏ ପରମ ଶାନ୍ତି । ଉଷୁମ ପରଶରେ ସତରେ ମାଁ ହେବା ଆଉ ଦାୟିତ୍ୱ ତୁଲାଇବାର ସବୁ ପାଠ ମା' ମାନେ ହିଁ ଜାଣନ୍ତି ।

– କୁଚିଣ୍ଡା, ସମ୍ବଲପୁର (ଘୋଷାରୋଡ଼)



# ନିପା ଭାଇରସ

*- ଲୀଳାବତୀ ମହାପାତ୍ର*

ବେଳକୁ ବେଳ ଖରାତାତି ବଢ଼ିବାରେ ଲାଗିଛି । ବର୍ଷକୁ ବର୍ଷ ପାରଦ ଟପୁଛି ସିନା କମିବାର ନା ଗନ୍ଧ ନାହିଁ । ଏ ବର୍ଷ ମେ ମାସରେ ଚଉରାଳିଶି ପଇଁଚାଳିଶି ଡିଗ୍ରୀ ପାରଦ ଛୁଇଁଲାଣି । ଅସହ୍ୟ ଗରମ । ଯେଉଁ ଦିଗକୁ ଅନେଇବ ମେଘକୁ ଛୁଇଁବ ଛୁଇଁବ ହେଉଛନ୍ତି କୋଠାଘର ସମୂହ । କଳକାରଖାନାର କଳା, ନାଲି ଧୂଆଁର ଚଦରରେ ବାୟୁମଣ୍ଡଳ ଢାଙ୍କି ହୋଇଗଲାଣି । ଗୋରୁ, ଗାଈ ଚରିବାକୁ କି ମଢ଼ ପୋଡ଼ିବାକୁ ଜାଗା ଟିକେ ନାହିଁ । ଜଣ ଜଣଙ୍କର ଚାରିପାଂଚଟାରୁ ବି ବେଶୀ ଘର କରି ପରିବେଶର ସନ୍ତୁଳନକୁ ବିଗାଡୁଛନ୍ତି ।

ରାସ୍ତାଘାଟ ଶୂନ୍‌ଶାନ୍ ହୋଇଗଲାଣି । ବେଳ ଯେତେ ଗଡୁଛି ଲୋକଗହଳି ସେତେ କମୁଛି । ଆଜି କ'ଣ ହୋଇଛି କେଜାଣି ବେପାରଟା ପୁରାପୁରି ମାନ୍ଦା ପଡ଼ିଯାଇଛି । ଅନ୍ୟଦିନ ମାନଙ୍କରେ ଏତେବେଳକୁ ସନାତନର ଠେଲାରୁ ଆମ୍ବତକ ସରି ସାରନ୍ତାଣି । ଆଜି କିଲୋଟିଏ ବି ବିକ୍ରି ହୋଇ ନାହିଁ । ଖଜୁରୀ କୋଳି ଯେମିତିକୁ ସେମିତି ପଡ଼ି ରହିଛି । ଫଳ ଭିତରେ ରାଜା ଆମ୍ବ । ସମସ୍ତଙ୍କର ପ୍ରିୟ । ତା ଛଡ଼ା ସନାତନର ଠେଲାରେ ବିଭିନ୍ନ ଜାତିର ଆମ୍ବ ଥାଏ । ଆମ୍ବଗୁଡ଼ିକୁ ଏପରି ଭାବରେ ସଜାଇ ରଖିଥାଏ ଯେ ନ କିଣିବା ଲୋକେ ମଧ୍ୟ ଘଡ଼ିଏ ଛିଡ଼ା ହୋଇ ତା ଠେଲାକୁ ଅନେଇ ରହନ୍ତି । ସୁନ୍ଦରୀ ଆମ୍ବ, ବାଇଗଣ ପଲ୍ଲୀ, କଲମୀ, ସୁଲତାନ, ପାନପତ୍ରୀ, ଛୋଟ ଆମ୍ବ, ବଡ଼ ଆମ୍ବ ଏହିପରି ବିଭିନ୍ନ ପ୍ରକାର ଆମ୍ବ ସନାତନର ଠେଲାରେ ସଜ୍ଜିତ ହୋଇ ରହିଥାଏ । ସନାତନ ମଧ୍ୟ ପ୍ରତିଦିନ ସକାଳୁ ତା ଠେଲା ରଙ୍ଗିଲା ଛକରେ ରଖି ଛିଡ଼ା ହୁଏ । ଛକ ଜାଗା ବହୁଲୋକଙ୍କ ଭିଡ଼ ତା ବ୍ୟବସାୟ ଠିକ୍‌ଠାକ୍ ଚାଲିଥାଏ । ଚାଲିବନି ବା କିପରି ଖାଲି ଠେଲା ମେଲି ସେ ଚୁପ୍ ହୋଇ ବସି ଯାଏନି । ବିଭିନ୍ନ ଆମ୍ବକୁ ନେଇ ବିଭିନ୍ନ ପ୍ରକାର ଲୋଭନୀୟ କଥା କହି ଡାକ ଛାଡ଼େ । ଯେପରି ସୁନ୍ଦରୀ ଆମ୍ବ, ଉପରେ ଯେପରି ଭିତରେ ସେପରି । ପାଟିରେ ପଡ଼ିଲେ ଯାଏ ମିଳେଇ । ବାଇଗଣପଲ୍ଲୀ ହଳଦୀରାଣୀ ଦେଖି ଲୋଭାନ୍ତି ଘରଣୀ । ଏପରି ମନରୁ ଯୋଡ଼ାଯୋଡ଼ି କରି ଡାକ ଛାଡୁଥାଏ । ଦରଦାମ ମଧ୍ୟ ଲୋକ ଦେଖି କହିଥାଏ । ଅନ୍ୟ ଠେଲା ଅପେକ୍ଷା ତାର ବେଶୀ ବିକ୍ରି ହୋଇଥାଏ ।

ସନାତନ ମୁଣ୍ଡରୁ ଝାଳ ପୋଛିଲା । ପାଣିଢୋକେ ପିଇ ହାତଘଂଟାକୁ ଦେଖିଲା । ଦିବା ବାରଟା ବାଜିବାକୁ ବସିଲାଣି । ଛାଡ଼ ଆଜି ଆଉ କିଛି ବିକ୍ରି ହେବ ନାହିଁ । ଠେଲା ଉପରେ ଓଦା କନାଟିଏ ଘୋଡ଼ାଇ ଦେଇ ତାକୁ ଛାଇ ଜାଗାରେ ରଖିଲା । ଘର ମୁହାଁ ହେବ ନା ନାହିଁ ଚିନ୍ତା କଲା । ତା ସ୍ତ୍ରୀ ସୁନୀତାକୁ ନେଇ ସଂଜରେ ସାବିତ୍ରୀ ଅମାବାସ୍ୟା ପାଇଁ ଲୁଗାପଟା କିଣାକିଣି କରିବାର ଥିଲା । ଯୋଗକୁ ଆଜି ହିଁ କିଛି ବିକ୍ରି ହୋଇ ନାହିଁ ।

ସନାତନ ତା ସ୍ତ୍ରୀ କଥା ଭାବି କାନ୍ଦି ପକାଇଲା । ଭାରି ଦୁଃଖିନୀ ଟିଏ । କି କପାଳ ନେଇ ଜନ୍ମ ହୋଇଥିଲା କେଜାଣି । ବଡ଼ ଘରର ଝିଅ ବିବାହ ସମୟରେ ସନାତନ ଏସ୍‌ଡିଓ ଅଫିସରେ ଚାକିରୀ କରୁଥିଲା । ଘରେ କିଛି ଜମି ବାଡ଼ି ଥିଲା । ଭଲରେ ଚଳୁଥିଲେ । ଭାଗ୍ୟର ବିଡ଼ମ୍ବନା, ସବୁଠାରେ ତ ସେ ସମୟର ଖେଳ । ସମୟ କାହାକୁ ରାଜ ଆସନରେ ବସାଇଦିଏ ତ କାହାକୁ ଭିକାରୀ କରି ତଳିତଳାନ୍ତ କରିଦିଏ । ସନାତନ ସମୟର କାଳଚକ୍ରରେ ପ୍ରଭାବିତ ହୋଇ ଉପର ଅଫିସରଙ୍କ ସହିତ ସାମାନ୍ୟ ବଚସାରୁ ଚାକିରୀ ଛାଡ଼ିଦେଲା । ଦୁର୍ଦ୍ଦିନ ତାକୁ ଘଂଟି ଘାଗୁଡ଼ି ବଜାଇ ଗୋଡ଼ାଇଲା । ତା ଜୀବନଟାକୁ ଓଲଟପାଲଟ କରି ଥୋଇ ଦେଲା ।

ହଠାତ୍ ସନାତନ ର ବାପା କ୍ୟାନ୍ସର ରୋଗରେ ପୀଡ଼ିତ ହେଲେ । ସୁଅ ଭଳି ପଇସା ଖର୍ଚ୍ଚ ହେବାକୁ ଲାଗିଲା । ବେମାରୀ ବି ଭଲ ହେବନି ଜାଣିଶୁଦ୍ଧା କାଳେ ଭଲ ହୋଇଯିବ ଭାବି ପାରୁପର୍ଯ୍ୟନ୍ତ ଚିକିତ୍ସା କରାଯାଉଥାଏ । କିପରି ବା କରିବେନି ନିଜର ଆତ୍ମୀୟ ସୋଜନ ଙ୍କୁ ହରାଇବାକୁ କେବେ କ'ଣ କିଏ ଚାହିଁଥାଏ କି ?

ସନାତନର ଅବସ୍ଥା ସେୟା ହେଲା । ଜମିବାଡ଼ି ବିକ୍ରି ହେଲା । କିନ୍ତୁ ତା ବାପାଙ୍କ ଦେହ ଭଲ ହେଲା ନାହିଁ । ସନାତନ ଆଉ କ'ଣ କରିପାରିଥାନ୍ତା ବାଧ୍ୟ ହୋଇ ଫଳ ବ୍ୟବସାୟ କୁ ଉପାର୍ଜନର ମାଧ୍ୟମ କଲା । ଘରେ ଦୁଇଟି କଲମୀ ଆମ୍ବଗଛ ଓ କେତୋଟି ଖଜୁରୀ ଗଛ ଅଛି । ବାକି ଫଳ ସେ ହୋଲସେଲରୁ ଆଣି ବିକ୍ରି କରିଥାଏ ।

ସୁନୀତା ମଧ୍ୟ ଖରାବେଳ ସାରା ଆମ୍ବ, ଖଜୁରୀ ଗଛକୁ ଜଗି ବସିଥାଏ । ସାଇର ବାଲୁଙ୍ଗା ଟୋକା ଗୁଡ଼ିକ ଟିକିଏ ସୁଯୋଗ ପାଇଲେ ଢେଲା ମାରି ଆମ୍ବ, ଖଜୁରୀ ନେଇ ଯାଇଥାନ୍ତି । ସୁନୀତା, ପୁଅ ଚନ୍ଦନ ଓ ଝିଅ ଚମ୍ପିକୁ ନେଇ ସନାତନର ଛୋଟ ପରିବାର । ପିଲାମାନଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇବାକୁ ସୁନୀତାର ଭାରି ଇଚ୍ଛା ଥିଲା । କିନ୍ତୁ ସବୁବେଳେ ସମସ୍ତଙ୍କ ଇଚ୍ଛା ତ ପୂର୍ଣ୍ଣ ହୋଇ ନଥାଏ । ପରିସ୍ଥିତି ଆଗରେ ମୁଣ୍ଡ ନୁଆଁଇଲା । ସୁନୀତା, ସରକାରୀ ବିଦ୍ୟାଳୟରେ ପିଲାମାନେ ପାଠ ପଢୁଛନ୍ତି । ଭଲ ପଢ଼ା ହେଉଛି । ପିଲାମାନେ ମଧ୍ୟ ଠିକ୍‌ଠାକ୍ ପଢୁଛନ୍ତି ।

ଏବେ ତ ଗ୍ରୀଷ୍ମଛୁଟି ହୋଇଛି । ପିଲାମାନେ ଘରେ ଥିଲେ । ସୁନୀତା ଆଜି କ'ଣ ରୋଷେଇ କରିଥିବ କେଜାଣି ?

ବିକ୍ରି ବଟା ତ ନାହିଁ । ଘରଆଡ଼େ ଯାଇ ଘେରାଏ ବୁଲି ଆସିଲେ ଭଲ ହେବ । ସୁନୀତା ହାତର ପଖାଳ ଭାତରେ ଯେଉଁ ସୁଆଦ ଏ ହୋଟେଲର ଶୁଖିଲା ଭାତ ସେ ଆତ୍ମତୃପ୍ତି କାହୁଁ ଦେଇ ପାରିବ । ଏତକ ଭାବି ସନାତନ ଠେଲା ଧରି ଘର ମୁହାଁ ହେଲା ।

ମୁଣ୍ଡ ଉପରେ ଓଦା ଗାମୁଛାଟାଏ ଘୋଡ଼େଇ ଠେଲାକୁ ଗଡ଼େଇ ଗଡ଼େଇ ଚାଲିବାକୁ ଲାଗିଲା । ସତରେ 'ଭାଗ୍ୟ ଫଳତି ସର୍ବତ୍ର ନ ଚ ବିଦ୍ୟା ନ ଚ ପୌରୁଷ' ଏ କଥାଟି ଯିଏ କହିଛି କିଛି ମିଛ କହିନାହାନ୍ତି । ସେ ଯଦି ଆଜି ଚାକିରିରେ ଥାନ୍ତା ପ୍ରମୋସନ ପାଇ ପାଇ କେତେ ଉପରକୁ ଉଠି ଯାଆନ୍ତାଣି । ଠେଲା ଗାଡ଼ିଟି ସଙ୍ଗେ ସଙ୍ଗେ ତା ଭାବନା ରାଜ୍ୟରେ ଏସି କାର ହୋଇଗଲା । ସ୍ତ୍ରୀ ସୁନୀତା ସହ ସେ ଏକ ଲମ୍ବାରାସ୍ତା ପାର କରିବାକୁ ଚେଷ୍ଟା କରୁଛି । ସମୟର ଚୋରାବାଲିରେ ତାଳ ଦେଇ ବହୁ ବାଟ ଅତିକ୍ରାନ୍ତ କରିଚାଲିଛି । ସତରେ ଭାବନାଟି କେତେ ସୁନ୍ଦର, ଆନନ୍ଦ ଦାୟକ । କ୍ଷଣକ ପାଇଁ ମଧ୍ୟ ହେଉ ଲୋକଙ୍କ ମନରୁ ଦୁଃଖ ଅବସାଦ ଦୂରେଇ ଦେଇଥାଏ । ହଠାତ୍ ପିଲାଙ୍କ କୋଳାହଳରେ ସନାତନ ଭାବନା ରାଜ୍ୟରେ ବସିଥିବା ଏସି କାର ର ଦ୍ୱାର ଖୋଲିଗଲା ।

ବାପା ତମେ କ'ଣ ଆଜି ଶୀଘ୍ର ଆସିଗଲ ? ଅଦ୍ଭୁତ ଦୃଷ୍ଟି ନିକ୍ଷେପ କରି ପୁଅ ଚନ୍ଦନ ପଚାରିଲା । କାରଣ ସେ ପ୍ରତିଦିନ ସକାଳ ନଅଟାରୁ ଘରୁ ବାହାରେ ଯେ ଆସି ପହଂଚେ ରାତି ନଅଟାକୁ । ପୁଅର ମୁଣ୍ଡକୁ ଆଉଁସି ଦେଇ ଠେଲାଟିକୁ ଘର ଭିତରକୁ ନେଇ ଆସିଲା । ତମେ ସବୁ ଖାଇସାରିଲଣି ? ଯା ମାକୁ କହିବୁ ମୋ ପାଇଁ ମଧ୍ୟ ଖାଇବା ବାଢ଼ିଦେବ ।

ସମସ୍ତେ ଏକାଠି ବସି ଖାଇବା ସମୟରେ ସୁନୀତା ପଚାରିଲା ଆଜି କ'ଣ ବଜାର ଆଡ଼େ ଯିବା ? ସନାତନ ମୁଣ୍ଡହଲାଇ ମନା କଲା । ସୁନୀତା ପୁଣି ପ୍ରଶ୍ନିଳ ଦୃଷ୍ଟିରେ ଅନେଇ ରହିଲା କ'ଣ ହୋଇଛି ଆଜି ପୁରା ଚୁପ୍‌ଚାପ୍ । ସୁନୀତା ସନାତନର ଏପରି ଶୁଖିଲା ମୁହଁ ଦେଖିଲେ ଆଦୌ ସହ୍ୟ କରି ପାରେନା । କିପରି ପାରିବ ? ଯେଉଁ ସନାତନ ତାର ସମସ୍ତ ଟିକିନିଖି ସୁବିଧା ଅସୁବିଧାକୁ ମହତ୍ତ୍ୱ ଦେଇଥାଏ । ତା ହସରେ ହସେ ତା ଦୁଃଖରେ କାନ୍ଦେ । ପ୍ରକୃତରେ ଏମାନେ ହିଁ ସ୍ୱାମୀ ସ୍ତ୍ରୀ । ଏକ ପରିପୂର୍ଣ୍ଣ ଯୋଡ଼ି ।

ଆଜି କାହିଁକି ବେପାରଟା ମାନ୍ଦା ହେଲା । ଆମ୍ବ ଖଜୁରୀ କୋଳିକୁ କିଏ ବି ହାତ ଲଗାଇଲେ ନାହିଁ । ଏତକ ଅତ୍ୟନ୍ତ କରୁଣ ସ୍ୱରରେ କହି ପଖାଳ କଂସାଟିକୁ ଟେକି ଧରି ତୋରାଣି ଢକ ଢକଢକ କରି ପିଇ ଉଠି ପଡ଼ିଲା । ସୁନୀତା ମନ କଷ୍ଟ ହେଲା ସେ ମନେ ମନେ ଭାବିଲା କାହିଁକି ପଚାରିଲା ଶାନ୍ତିରେ ଗଣ୍ଡାଏ ଖାଇ ଥାନ୍ତେ ।

ସନାତନର କଥା ଶୁଣି ଚନ୍ଦନ କହିଲା ବାପା ଜାଣି ନା କି ନିପା ଭାଇରସ ପରା ଏ ଆମ୍ବ ଓ ଖୁଜରୀ କୋଳିରେ ଅଛି । କାଲି ରାତିରୁ ଟିଭିର ସବୁ ନ୍ୟୁଜ ଚେନେଲରେ ବାରମ୍ବାର ଘୋଷଣା କରାଯାଉଛି । ସନାତନ ଚନ୍ଦନକୁ ପଚାରିଲା ଏ ନିପା ଭାଇରସ ପୁଣି କ'ଣ ? ଏହା ସହିତ ଆମ୍ବ, ଖଜୁରୀ କୋଳିର କି ସମ୍ପର୍କ ଅଛି ? ଚନ୍ଦନ ଛୋଟ ପିଲା ହେଲେ ମଧ୍ୟ ଭାରି ବୁଦ୍ଧିଆ । ସେ ସନାତନର ହାତ ଧରି କହିଲା ବାପା ଏଠାରେ ବସନ୍ତୁ । ମୁଁ କହୁଛି ଶୁଣ ।

୧୯୯୮ ମସିହାରେ ମାଲେସିଆର ସୁଂଗଇ ନିପାହରେ ପ୍ରଥମେ ଏହି ରୋଗ ହୋଇଥିଲା । ତେଣୁ ସେ ଗ୍ରାମର ନାମ ଅନୁସାରେ ଏ ରୋଗର ନାମକରଣ କରାଯାଉଛି । ଏବେ ଆମ ଭାରତର କେରଳ ରେ ଏ ରୋଗ ବ୍ୟାପିଛି । ଘୁଷୁରୀ ଓ ବାଦୁଡ଼ି ପକ୍ଷୀଙ୍କ ଦ୍ୱାରା ଏହି ରୋଗ ହୋଇଛି । ବାଦୁଡ଼ି ପକ୍ଷୀ ଆମ୍ବ, କଦଳୀ, ଖଜୁରୀ, ପିଜୁଳି ଇତ୍ୟାଦି ଫଳରେ ବସି ତା ଭାଇରସ ଛାଡ଼ୁଛି । ତେଣୁ ଏହି ଫଳ ସବୁ ଖାଇଲେ ଆମେ ଏହି ରୋଗରେ ଆକ୍ରାନ୍ତ ହେବା ।

ଏହି ରୋଗର ଲକ୍ଷଣ ହେଲା । ମୁଣ୍ଡ ବୁଲାଇବା, ନିଃଶ୍ୱାସ ପ୍ରଶ୍ୱାସ ନେବାକୁ କଷ୍ଟ ହେବ । ଜ୍ୱର ଜୋରରେ ହେବ । ଦେହ ହାତ ଜଳିବ । ମୁର୍ଚ୍ଛା ହୋଇଯିବ । ଅଠଚାଳିଶି ଘଂଟା ମଧ୍ୟରେ ଚିକିତ୍ସା ନ କଲେ ରୋଗୀଟି କୋମାକୁ ଚାଲିଯିବ । ଧନୀ, ଗରିବ, ଜାତି, ଅଜାତି, ସାନବଡ଼ ଏ ରୋଗ କାହାକୁ ମାନୁନି । ଏହା ଏକ ସଂକ୍ରମଣ ରୋଗ ।

ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ନିପାହ ଏକ ଭୂତାଣୁ ଜନିତ ରୋଗ । ଏହା ମନୁଷ୍ୟ ଓ ପଶୁମାନଙ୍କ ପାଇଁ ଏକ ଭୟାନକ ରୋଗ । ଡକ୍ଟର ଅରୁଣ କୁମାର ଏହି ଭୁତାଣୁ ବିଷୟରେ ପ୍ରଥମେ ଆବିଷ୍କାର କରି ଲୋକମାନଙ୍କୁ ସଚେତନ କରାଇଥିଲେ ।

ସନାତନ ଆଶ୍ଚର୍ଯ୍ୟ ହୋଇ କହିଲା ମୁଁ ତ ପିଲାବେଳେ ରାତିରେ ଆମ ବାରଣ୍ଡା ଉପରେ ବାଦୁଡ଼ି ଅଇଁଠା କରି ପକାଇଥିବା ପିଜୁଳି, ଆମ୍ବ ଇତ୍ୟାଦି ଫଳ ବହୁତ ଖାଇଛି । କାହିଁ ମୋର ତ କିଛି ହୋଇନି । ଏହା ଗୋଟାଏ ସଜମାଛରେ ପୋକ ପକାଇବା ପରି କଥା । କେତେବେଳେ ମେଗି ଖରାପ, ଅଟା ଖରାପ, ପ୍ଲାଷ୍ଟିକ୍ ଚିନି, ପ୍ଲାଷ୍ଟିକ୍ ଚାଉଳ ଖାଲି ପ୍ରଚାର ପ୍ରସାର କରି ଆମ ମାନଙ୍କ ବେପାର ମାନ୍ଦା କରିବା ଛଡ଼ା ଆଉ କିଛି ନୁହେଁ ।

ଚନ୍ଦନ ଠୋ ଠୋ ହୋଇ ହସି ଗଡ଼ିଗଲା । ବାପା ତମେ ସତରେ ବାଦୁଡ଼ି ଅଇଁଠା ଖାଉଥିଲ ? ଏହା ପରା ଏକ ଭିନ୍ନ ପ୍ରଜାତିର ବାଦୁଡ଼ି ଦ୍ୱାରା ବ୍ୟାପୁଛି ।

ଏଥିପାଇଁ ଔଷଧ ମଧ୍ୟ ବାହାରିଲାଣି ବାପା । ପ୍ରକୃତି ମଣିଷ ଉପରେ ଯେତେ ଦାଉ ସାଧୁଛି । ମନୁଷ୍ୟ ତା ବୁଦ୍ଧି ବଳରେ ପ୍ରକୃତିର ପ୍ରକୋପକୁ ସେତିକି ପରିମାଣରେ ଦବାଇ ରଖୁଛି । ତୁଳସୀ, ନିମ୍ବ, ଗଙ୍ଗଶିଉଳୀ ପତ୍ର ଏହି ରୋଗର ମହୋଷଧୀ । ଏହାର ନିରାକରଣ ପାଇଁ ଟୀକା ମଧ୍ୟ ବାହାରିଲାଣି । ଚନ୍ଦନ ଗପି ଚାଲିଛି । ପିଲା ଲୋକ ସେ ବା କା ହୁଁ ଜାଣିବ ନିଜ ଘର ଚୁଲିମୁଣ୍ଡ କଥା ।

*- ରଙ୍ଗିତା ଛକ, ରାଉରକେଲା-୭*

# ମାୟାବିନୀ

*-ବନଲତା ସିଂହ*

ଖରାଦିନର ଅପରାହ୍ନ । ଅସହ୍ୟ ତାତିରୁ ରକ୍ଷା ପାଇବାକୁ ନଦୀବନ୍ଧ ଲୋକାରଣ୍ୟ । ଅସ୍ତାଚଳ ସୂର୍ଯ୍ୟଙ୍କ ରଶ୍ମିରେ ନଦୀଧାରର ଅଳ୍ପ ପାଣି ନାଲି ରଙ୍ଗରେ ରଞ୍ଜିତ ହୋଇ ବେଶ୍ ମନୋରମ ଦୃଶ୍ୟ ସୃଷ୍ଟି କରୁଛି । ଧୀର ଶୀତଳ ସମୀର ସଭିଙ୍କ ଦେହକୁ ସ୍ପର୍ଶ କରି ରୋମାଂଚ ସୃଷ୍ଟି କରି ଚାଲିଯାଉଛି ।

ନଦୀବନ୍ଧରେ ଥିବା ସିମେଂଟ ବେଂଚ୍‌ରେ ବସିଛନ୍ତି ଶୀତାଂଶୁ ମହାପାତ୍ର । ବିଶିଷ୍ଟ ସାହିତ୍ୟିକ, ମାଳିକା ଗବେଷକ । ଖୁବ୍ ଅଳ୍ପ ବୟସରେ ଜଣେ ଗବେଷକ ହୋଇ ସେ ସାହିତ୍ୟ ଜଗତରେ ଆଲୋଡନ ସୃଷ୍ଟି କରିଛନ୍ତି । ସବୁଠି ତାଙ୍କ ଚର୍ଚ୍ଚା । ତାଙ୍କ ପାଖରେ ଜଣେ କଲେଜ ପଢୁଆ ଯୁବକ ବସି ଭ୍ରାମ୍ୟମାଣ ଦୁରସଂଚାର ଯନ୍ତ୍ର (ମୋବାଇଲ୍) ଯୋଗେ ତାଙ୍କ କଲେଜ ସଙ୍ଗିନୀଙ୍କ ସହିତ ଗପ କରୁଥାଆନ୍ତି । କଲେଜ ଛାତ୍ରଟି ତାଙ୍କର ପ୍ରେୟସୀକୁ ଥଟ୍ଟାପୂର୍ଣ୍ଣ ଭାଷାରେ ପ୍ରଶ୍ନ ପଚାରୁଥାଆନ୍ତି.... ତୁମେ ମୋତେ ଏତେ ଭଲପାଅ ? ମୋ ବିନା ତୁମେ ବଂଚି ପାରିବନି ? ମୋ ସୁଖଦୁଃଖର ସାଥୀ ତୁମେ ହେବ ? ସେପଟୁ କଇଁ କଇଁ ହୋଇ ଝିଅଟିର କାନ୍ଦଣା ସ୍ୱର ଶୁଭୁଥାଏ । କଲେଜ ପିଲାଟି କହିଲା... ହଉ... ହଉ... ତୁମେ ଆଉ କାନ୍ଦନି । ମୁଁ ମଧ୍ୟ ତୁମକୁ ବହୁତ ଭଲପାଏ । ଆଉ କିଛିଦିନ ଗଲେ ଆମେ ଜୀବନସାଥୀ ହେବା । ତୁମେ ଅପେକ୍ଷା କର । ମୁଁ ଖଣ୍ଡେ ଛୋଟିଆ ମୋଟିଆ ଚାକିରି କରିସାରିଲେ ଆମର ବାହାଘର ହେବ । ହେଲା... ଫୋନ୍ ରଖ ।

ସବୁ ଶୁଣୁଥିଲେ ଶୀତାଂଶୁ । ସେ ଯୁବକଟିକୁ ଚାହିଁ କହିଲେ, ବାବୁ... ତୁମେ କଲେଜରେ ପଢୁଛ ? ତୁମ ନାମ କ'ଣ ?

ଯୁବକଟି ବିରକ୍ତ ହୋଇ ଶୀତାଂଶୁ ମୁହଁକୁ ଚାହିଁଲା । ଧଳା ଟ୍ରାଉଜର ସାଙ୍ଗକୁ ଧଳା ପଞ୍ଜାବୀ । ଆଖିରେ କଳା ଚଷମା । ହାତରେ ଖଣ୍ଡେ ବାଡ଼ି, କିନ୍ତୁ ଚେହେରାରୁ ଜଣାପଡୁଥାଏ, ସେ ପୌଢ଼; କିନ୍ତୁ ବିଦ୍ୱାନର ଆଭାସ ତାଙ୍କ ମୁଖମଣ୍ଡଳକୁ ତେଜୀୟାନ୍ କରୁଥାଏ । ଯୁବକଟି କହିଲା... ଆଜ୍ଞା... ମୁଁ ତୃତୀୟ ବର୍ଷ କଳାର ଛାତ୍ର । ମୋ ନାଁ ବଂଶୀଧର । ମୁଁ ମୋ ବାନ୍ଧବୀଙ୍କ ସହିତ କଥା ହେଉଥିଲି ।

ଶୀତାଂଶୁ ଯୁବକଙ୍କ ପିଠିରେ ହାତ ଥାପୁଡ଼ାଇ କହିଲେ... ଅତି ଉତ୍ତମ । ଆଚ୍ଛା ବଂଶୀଧର, ତୁମେ ଗୁରୁଜନଙ୍କୁ ସମ୍ମାନ ଦିଅ ? ମାନେ ତାଙ୍କ କଥା ମନଦେଇ ଶୁଣ ?

ଯୁବକଟି କହିଲା... ହଁ... ଆଜ୍ଞା, ମୁଁ ବଡ଼ମାନଙ୍କୁ ସମ୍ମାନ ଦିଏ ।

ଶୀତାଂଶୁ କହିଲେ... ତେବେ ଚାଲ । ଏହି ପାଖରେ ମୋର ଘର । ସେଠାରେ ବସି ଆମେ ଟିକେ ଆଲୋଚନା କରିବା । ମାନେ ନିଜ ନିଜ ଭିତରେ, କଥାରେ... କଥାରେ ସମ୍ପର୍କ ସୃଷ୍ଟି କରିବା । କ'ଣ ତୁମେ ରାଜି ?

ଯୁବକଟି ଆଗ୍ରହରେ କହିଲା... ଆଜ୍ଞା ଚାଲନ୍ତୁ । ମୋ ହାତ ଧରନ୍ତୁ । ମୁଁ ଆପଣଙ୍କୁ ଘରେ ପହଂଚାଇ ଦେବି ।

... ନାହିଁ...ନାହିଁ, ମୋର ସାହାଯ୍ୟ ଦରକାର ନାହିଁ । ମୋର ଏ ବାଡ଼ିଟି ମୋତେ ବହୁତ ସାହାଯ୍ୟ କରେ । ମୁଁ ଆଗେ ଆଗେ ଯାଉଛି... ତୁମେ ମୋ ପଛରେ ଆସ- କହି ଆଗରେ ଚାଲିଲେ ଶୀତାଂଶୁ ମହାପାତ୍ର, ଆଉ ପଛରେ ବଂଶୀଧର । ଦରଜା ଖଟ୍ ଖଟ୍ କରିବାରୁ ଜଣେ ମଧ୍ୟବୟସ୍କ ଲୋକ ଆସି ଦରଜା ଖୋଲିଲା । ଆଗରେ ଶୀତାଂଶୁ ଯାଇ ବୈଠକ ଘରେ ବସି ଯୁବକକୁ ସୋଫାରେ ବସିବାକୁ କହି, ଭାଗବତକୁ (ଚାକର) ଡାକି ଦୁଇ କପ୍ ଚା' ଆଣିବାକୁ କହିଲେ । ଏ ଗରମରେ ବଂଶୀଧରର ଚା' ପିଇବାକୁ ଇଚ୍ଛା ନଥିଲେ ବି ସେ ମହାଶୟଙ୍କୁ ସମ୍ମାନ କରି ଚା'କୁ ଅପେକ୍ଷା କଲେ ।

ଭାଗବତ ଯଥା ସମୟରେ ଚା' ଦୁଇ କପ୍ ଆଣି ମେଜ ଉପରେ ଥୋଇଦେଇ ଚାଲିଗଲା । ବଂଶୀଧରକୁ ଚା' ପିଇବାକୁ କହି ନିଜେ କପ୍‌ଟିକୁ ମୁହଁ ପାଖକୁ ନେଲେ ଶୀତାଂଶୁ । ଚା' ପିଆ ପର୍ବ ସରିଲା । ଆରମ୍ଭ କଲେ... ଶିତୁବାବୁ ଓରଫ୍ ଶୀତାଂଶୁ ମହାପାତ୍ର ନିଜର ଅତୀତର କାହାଣୀ....

ସେଦିନ ମୁଁ କଲେଜ ଯାଉଥାଏ । ଏହି ସମୟରେ ହଠାତ୍ କଳାହାଣ୍ଡିଆ ବାଦଲ ଘୋଟିଆସି ବର୍ଷିଗଲା । ପ୍ରବଳ ବର୍ଷା ଆଖପାଖରେ କେଉଁଠି ଗୋଟିଏ ଦୋକାନ ଦେଖାଯାଉ ନଥାଏ । ମୁଁ ମୋ ସାଇକେଲ୍‌ଟି ଧରି ଚାରିଆଡ଼କୁ ଚାହିଁ ଦେଖିଲି ଏକ ବିରାଟ ବରଗଛ ଶାଖା ପ୍ରଶାଖା ମେଲାଇ ଠିଆହୋଇଛି, ମୁଁ କାଳ ବିଳମ୍ବ ନ କରି ଛତା ଖୋଲି ସାଇକେଲ ନେଇ ଗଛମୂଳରେ ଠିଆହୋଇଗଲି । ମୋ ପରି ମଧ୍ୟ ଅନେକ ପଥିକ ଠିଆ ହୋଇଥାନ୍ତି । ଗୋଟିଏ ସତର ଅଠର ବର୍ଷର ଝିଅଟିଏ ଦଉଡ଼ି ଆସି ସେହିଠାରେ ଠିଆହେଲା । ସେ ବର୍ଷାରେ ସମ୍ପୂର୍ଣ୍ଣ ଭିଜି ଯାଇଥାଏ । ତା'ର ବହି ବ୍ୟାଗ୍‌ଟିକୁ ନିଜର ଓଢ଼ଣି ତଳେ

ଘୋଡ଼ାଇବାକୁ ଚେଷ୍ଟା କରୁଥାଏ । ମୁଁ ଏ ଦୃଶ୍ୟ ଦେଖି ତାକୁ ମୋ ଛତା ତଳକୁ ଡାକିଲି । ସେ ପ୍ରଥମେ ସଙ୍କୋଚ କରୁଥିଲା । ମୁଁ ବାଧ କରିବାରୁ ସେ ଆସି ଛତାତଳେ ଠିଆ ହେଲା । ତା'ର ବର୍ଷା ଭିଜା ପଞ୍ଜାବୀ ତଳୁ ତା'ର ଉଦ୍ଦାମ ଯୌବନ ପରିସ୍ଫୁଟିତ ହେଉଥାଏ । ସମସ୍ତଙ୍କ ଆଖି ସେଇଠି ଅଟକି ଯାଉଥାଏ । ମୁଁ ମଧ୍ୟ ସେଥିରୁ ବାଦ ଯାଇନି । ଏହି ସମୟରେ ପ୍ରଚଣ୍ଡ ନାଦରେ ଘଡ଼ଘଡ଼ି ମାରି ସେ ସ୍ଥାନଟିକୁ ଦୋହଲାଇ ଦେଲା । ସେ ଝିଅଟି ଭୟରେ ମୋତେ କୁଣ୍ଢାଇ ପକାଇଲା । ମୁଁ ଅପ୍ରତ୍ୟାଶିତ ଭାବେ ଚମକି ପଡ଼ିଲି । ସେ ପରେ ଲାଜରେ ମୋତେ କ୍ଷମା ମାଗିଲା । ମୁଁ ତାଙ୍କୁ ଇଙ୍ଗିତରେ ସାନ୍ତ୍ୱନା ଦେଲି । ସେ ଆଶ୍ୱସ୍ତ ହେଲା ।

ବର୍ଷା ଛାଡ଼ିଗଲା । ଯେଝା ବାଟରେ ଯେଝା ଚାଲିଗଲେ । ମୁଁ କିଛି କହିବା ପୂର୍ବରୁ ସେ ମୋତେ ନତମସ୍ତକରେ ଧନ୍ୟବାଦ ଜଣାଇ ଯିବାକୁ ଉଦ୍ୟତ ହେଲା । ମୁଁ ତାକୁ ପଚାରିଲି... ତୁମ ନାଁ କ'ଣ ? ତୁମେ ତ ପୁରା ତିନ୍ତି ଯାଇଛ । ବର୍ତ୍ତମାନ କୁଆଡ଼େ ଯିବ ?

ସେ କହିଲା... ଆଜ୍ଞା... ମୁଁ ବସାକୁ ଫେରିଯାଉଛି । ଆଉ ଆଜି କଲେଜ ଯିବିନି । ମୋ ନାଁ ନିରୁପମା ମଲ୍ଲ । ଆମ ଘର କଟକ ଜିଲ୍ଲା ଆଠଗଡ଼ରେ । ମୁଁ ବାପାମା'ଙ୍କର ଗୋଟିଏ ଝିଅ । ମୁଁ ପ୍ରଥମ ବର୍ଷ କଳା ଛାତ୍ରୀ । ଏକ ନିଃଶ୍ୱାସରେ ସେ ଏତକ କହି ସାଇକେଲ୍ ଚଳାଇବାକୁ ଯାଆନ୍ତେ... ମୁଁ କହିଲି ମୋର ପରିଚୟ... ମୁଁ ଶୀତାଂଶୁ ମହାପାତ୍ର । ମୋତେ ଶିତୁବାବୁ ଡାକନ୍ତି । ମୁଁ ଶେଷବର୍ଷ କଳା ଛାତ୍ର । ମୋର ଘର ଏହି ଟାଉନ୍‌ରେ ମହାନ୍ତି ଛକରେ ।

ବାସ୍, ତା'ର ମୋର ସେଦିନ ଶେଷ ଦେଖା । ଆଉ ମୁଁ ତା'ର ଖୋଜ ଖବର ରଖିନି । ମୁଁ ମୋର ପାଠପଢ଼ାରେ ବ୍ୟସ୍ତ ରହିଲି । ପରୀକ୍ଷା ସରିଲା । ଫଳ ମଧ୍ୟ ବାହାରି ସାରିଲା । ମୁଁ ପ୍ରଥମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଛି ବୋଲି ଆମ ଘରେ ସମସ୍ତେ ଖୁସି । ସେଦିନ ଖରାବେଳେ ହଠାତ୍ କଲିଂବେଲ ବାଜି ଉଠିଲା । ଆମ ଘରର କେହି ଜଣେ ସଦସ୍ୟ କବାଟ ଖୋଲିଲେ । ଅପ୍ରତ୍ୟାଶିତ ଭାବେ ସେ ମୋ କୋଠରିକୁ ପଶିଆସି ମୋତେ ନମସ୍କାର କରି କହିଲା... ମୁଁ ନିରୁପମା । ଆପଣ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ବି.ଏ. ପାସ୍ କରିଛନ୍ତି ଶୁଣି ପଚାରି ପଚାରି ଆପଣଙ୍କୁ ଅଭିନନ୍ଦନ ଦେବାକୁ ଚାଲିଆସିଲି ।

ମୁଁ କହିଲି... ଯାହା ହେଉ, ବହୁତ ଭଲ କଲ । କିଛି ସମୟ କଥାବାର୍ତ୍ତା ମଧ୍ୟରେ ଭାଗବତ ଚା' ଜଳଖିଆ ଆଣି କରି ଦେଲା । ସେ ଲାଜ କରୁଥିଲେ ମଧ୍ୟ କିଛି ଟା ଖାଇଲା । ମୁଁ ହୃଦୟ ମଧ୍ୟରେ ତା' ଉପସ୍ଥିତିକୁ ଗ୍ରହଣ କରିପାରୁ ନଥିଲି । କାରଣ ମୁଁ ଜଣେ ଗବେଷକ । ଗବେଷଣା ହେଲା ମୋର ପ୍ରଧାନ କାମ । ଏଣୁ ମୋ କୋଠରିଟି ଭିତରପଟୁ ପ୍ରାୟ ବନ୍ଦ ରହେ । ମୁଁ ବେଶି ଗପ କରିବାକୁ ଭଲ ପାଏନି କି ଫୋନ୍‌ରେ କାହା ସହିତ ଗପି ସମୟ ନଷ୍ଟ କରିବାକୁ ଭଲପାଏନି । ଏକଥା ଆମ ଘରେ ସମସ୍ତେ ଜାଣିଛନ୍ତି । ମୋର ସମ୍ପର୍କ ସାହିତ୍ୟିକ, ସାହିତ୍ୟ ଓ ବୁଦ୍ଧିଜୀବୀଙ୍କ ପାଖରେ । ମୋର କୋଠରିଟି ବହି ପତ୍ରରେ ଭରପୁର । ତାହା ମଧ୍ୟ ଇତସ୍ତତଃ ହୋଇ ପଡ଼ିଥାଏ । ସେଦିନ ନିରୁପମା ବଡ଼ ବିଚକ୍ଷଣ ବୁଦ୍ଧି ପ୍ରୟୋଗ କରି ମୋ ମୋବାଇଲ୍ ନମ୍ବରଟି ନେଇଗଲା । କାରଣ ସେ ଅନ୍ୟଠାରୁ ବୁଝି ନେଇଛି ଯେ, ମୁଁ ବେଶି ଗପ କରେନି କି ଫୋନ୍ ନମ୍ବର କାହାକୁ ଦିଏନି । ହଉ... ଏଥର ଆସୁଛି କହି ସେ ଉଠିଲା ଯିବାପାଇଁ । ମୁଁ ତାକୁ ସମ୍ମାନ ଜଣାଇ ତାକୁ ଟିକେ ବାଟେଇ ଦେବାକୁ ଆସିଲି ।

ବାଟରେ ମୋତେ କହିଲା... ଆପଣ ମୋତେ ବହୁତ ଭଲ ଲାଗନ୍ତି– କହି ସାଇକେଲ୍ ଧରି ଚାଲିଗଲା । ସମୟେ ସମୟେ ସେ ମୋ ପାଖକୁ ଫୋନ୍ କରେ । କିନ୍ତୁ ମୁଁ ଫୋନ୍ ଉଠାଏନି । ମାମୁଙ୍କ ଝିଅ ବାହାଘରକୁ ଘରେ ସମସ୍ତେ ଯାଇଥିଲେ । ମୁଁ ଘରେ ଏକା ଥାଏ । ଦିନ ତିନିଟା ସମୟ ହେବ । ସେ ହଠାତ୍ ପଶି ଆସିଲା । ମୁଁ ଗୋଟିଏ ବହିରୁ ଜରୁରୀ ଲେଖା ସଂଗ୍ରହ କରୁଥାଏ । ମୁଁ ବ୍ୟସ୍ତ ଭିତରେ ତାକୁ ଖାଲି ବସ ବୋଲି କହି ପୁଣି ମୋ କାମରେ ଲାଗିଗଲି । ମୁଁ କିଛି ସାହାଯ୍ୟ କରିବି କି ? କହି ମୋର ଅତି ପାଖକୁ ପଳାଇ ଆସିଲା । ମୁଁ ତାକୁ ଟିକେ ମୁହଁ ଟେକି ଚାହିଁଲାରୁ ସେ ନିର୍ଲଜ ଭାବରେ ମୋ ଗାଲରେ ଗୋଟେ ଚୁମା ଦେଇଦେଲା । ମୁଁ ଆଶ୍ଚର୍ଯ୍ୟ ହୋଇ ତା' ମୁହଁକୁ ଅନାଇଲି । ମୋ ରାଗ ପଂଚମକୁ ଉଠିଗଲା । ମୁଁ ବିରକ୍ତ ହୋଇ କହି ଉଠିଲି... ଏ କି ଫାଜିଲାମି ? ତା'ପରେ ମୁଁ ଉଠି ଚାଲିଯିବାକୁ ବସିଲି; କିନ୍ତୁ ସେତେବେଳକୁ ମୁଁ ତା'ର ବାହୁବନ୍ଧନରେ ରହିସାରିଥିଲି । ସେ ମୋତେ କୁଣ୍ଢାଇ ଧରି ପ୍ରେମ ନିବେଦନ କରୁଥିଲା । ମୁଁ ବହୁତ ଚେଷ୍ଟା କଲି ତାକୁ ଠେଲିଦେଇ ଚାଲିଆସିବାକୁ; କିନ୍ତୁ ମୁଁ ପୁରା ଦୁର୍ବଳ ହୋଇସାରିଥିଲି । ମୁଁ ମୋ ସତ୍ତା ହରାଇ କାମ ନିଆଁରେ ଦଗ୍ଧ ହୋଇ ତା'ର ସଦୁପଯୋଗ କରିବାକୁ ବାଧ ହୋଇସାରିଥିଲି । କିଛି ସମୟ ପରେ ମୁଁ ଆଖି ଖୋଲି ଦେଖିଲି ସେ ସଂଯତ ହେଉଛି । ତା'ପରେ କ୍ଷମା କରିବେ କହି ପବନ ବେଗରେ ବାହାରି ଚାଲିଗଲା ।

ମୋତେ କିଛି ଭଲ ଲାଗିଲାନି । କେଉଁ କାମରେ ବି ମନ ଲାଗିଲାନି । ଏଣୁ ସବୁ ରଖିଦେଇ ଆସି ଶୋଇଲି । ନିଦ ମଧ୍ୟ ହେଲାନି; କିନ୍ତୁ ଆଖି ବୁଜି ତା'ରି କଥା ଭାବିଲି । 'ନିରୁପମା' କିଏ, ସେ ? ଏହି ରହସ୍ୟମୟୀ ଝିଅ ? ଅଦିନିଆ ମେଘ ପରି

ଉଉଁଛି ତ ବର୍ଷୁଛି । ସେ ମୋର କ୍ଷତି କରିବାକୁ ଚାହୁଁନି ତ ? ପ୍ରଳୟଙ୍କାରୀ ହୋଇ ମୋତେ ନେଇ ସମୁଦ୍ରରେ ବୁଡ଼େଇ ଦେବନି ତ ? ମୁଁ ଜାଣେ ନାରୀ, ମାଆ, ଭଗିନୀ, ସଙ୍ଗିନୀ ପୁଣି ସହଧର୍ମିଣୀ । ତା'ପରେ ତା'ର ଆଉ ଗୋଟେ ରୂପ, ସେ ମାୟାବିନୀ । ଏ ଝିଅଟା ସେଇଆ ନୁହେଁ ତ ? ମୋତେ ଭାରି ଭୟ ଲାଗୁଥାଏ । କିନ୍ତୁ ମୁଁ ତା'ର ମାୟାଜାଲରେ ପଡ଼ିଗଲି ।

ମୁଁ ଧୀରେ ଧୀରେ ତାକୁ ଏତେ ଭଲ ପାଇ ବସିଲି ଯେ, ତା' ଓଠର ଚେନାଏ ହସ ମୋ ହୃଦୟରେ ହସର ବନ୍ୟା ଆଣିଦିଏ । ତା' ଆଖିର ଟୋପାଏ ଲୁହ ମୋ ଦଶ ଇନ୍ଦ୍ରିୟକୁ ଅଚଳ କରିଦିଏ । ଆଉ ତା' ଦେହରୁ ବିନ୍ଦୁଏ ଝାଳ ବାହାରିଲେ ମୋ ଅଙ୍ଗରୁ ଝର ଝର ହୋଇ ରୁଧିର ବହିଯାଏ । ସେ ବାରମ୍ବାର ମୋ ପାଖକୁ ଫୋନ୍ କରେ । ମଝିରେ ମଝିରେ ମୋର ବାରଣ ସତ୍ତ୍ୱେ ଆମ ଘରକୁ ଆସେ । ଧୀରେ ଧୀରେ ଆମ ଘରେ ସମସ୍ତେ ଜାଣିଲେ, ତା'ର ଘରର ସନ୍ଧାନ ନେଇ । ସେ ଆମ ଜାତି ନୁହେଁ କହି ସମ୍ପର୍କକୁ ଏଇଠି ଶେଷ କର ବୋଲି ମୋର ପରିବାର ମୋତେ ଚେତାବନୀ ଦେଲେ । ମୁଁ କିନ୍ତୁ ଗୋଡ଼ ଖସାଇ ତା'ର ପ୍ରେମରୂପୀ ଅଥଳ ନଈରେ ବୁଡ଼ି ସାରିଥିଲି । ଏଣୁ ମୋ ବାପା, ମାଆ, ଭଉଣୀକୁ ଛାଡ଼ି ଘରର ସବୁ ସମ୍ପର୍କକୁ ଛିଣ୍ଡାଇ ବାହାରି ଆସିଲି । ଆଉ ବିଭାଘର ପୂର୍ବରୁ ଚାକିରିଟିଏ ଖୋଜି ବସିଲି । ଯାହା ହେଉ, ମୋର ଯୋଗ୍ୟତା ଅନୁସାରେ ମୋତେ ସେଲ୍‌ଟ୍ୟାକ୍ସ ବିଭାଗରେ ଭଲ ଚାକିରିଟିଏ ମିଳିଗଲା ।

ତାକୁ କିଛିଦିନ ଅପେକ୍ଷା କରିବାକୁ କହି ମୁଁ ଲାଗିପଡ଼ିଲି ଘରକରଣା ଜିନିଷ କିଣି ଘର ସଜାଡ଼ିବାରେ । ଦିନେ ରାତିରେ ତା' ସହିତ ଫୋନ୍‌ରେ ଗପିଲାବେଳେ ମୁଁ ତାକୁ ପଚାରିଲି, ଆଚ୍ଛା ନିରୁ... ତୁମେ ଏତେ ବାଟ ଆଗେଇଲଣି ଯେତେବେଳେ ଆମର ତ ନିଶ୍ଚୟ ବାହାଘର ହେବ । ମୁଁ ବ୍ରାହ୍ମଣ ପରିବାରର ହେଲେ ମଧ୍ୟ ଜାତି , ଗୋତ୍ର, ପରିବାର ଛାଡ଼ି ତୁମକୁ ବାହାହେବି ବୋଲି ଚାଲିଆସିଲି; କିନ୍ତୁ ତୁମକୁ ମୋର ଗୋଟିଏ ପ୍ରଶ୍ନ । ଯଦି ବାହାଘର ପରେ ମୋର ଗୋଡ଼ ହାତ ଦୁର୍ଘଟଣାରେ କଟିଯାଏ, ତେବେ ତୁମେ କ'ଣ କରିବ ? ସେ ବିରାଙ୍ଗନା ପରି କହିଲା... ମୋ ହାତ ଗୋଡ଼ରେ ମୁଁ ତୁମକୁ ସବୁ କାମ କରିବାକୁ ଦେବି । ମୁଁ କହିଲି... ଆଉ ଯଦି ମୋ ଆଖି ନଷ୍ଟ ହୋଇଯାଏ ? ସେ କହିଲା... ତୁମେ ମୋ ଆଖିରେ ଦେଖିବ । ମୁଁ ତୁମକୁ ଏତେ ଖୁସି ଦେବି ଯେ, ତୁମେ ସବୁବେଳେ ସ୍ୱର୍ଗରେ ଥିଲା ଭଳି ଭାବିବ ।

ଯାହା ହେଉ କିଛି ମାସ ପରେ ମୁଁ ତାକୁ ବାହାହୋଇ ମୋ ଘରକୁ ପ୍ରେମନଗରୀରେ ପରିଣତ କରିଦେଲି । ଯୁଆଡ଼େ ଚାହିଁଲି, ତା' ମୁହଁ ମୋତେ ଦିଶିଲା । ଅତୀତର ସବୁ ସମ୍ପର୍କକୁ ଜଳାଞ୍ଜଳି ଦେଇ ଏ ସମ୍ପର୍କକୁ ଜୀବନର ସର୍ବସ୍ୱ ଭାବି ମୋର ଘରଦ୍ୱାର, ବ୍ୟାଙ୍କ୍ ବାଲାନ୍ସ, ଗାଡ଼ି ସବୁ ତା'ରି ନାଁରେ କରିଦେଲି । ଦିନେ ସରକାରୀ କାମରେ ବାହାରକୁ ଯାଉଥିଲା ବେଳେ ମୋର ବଡ଼ ଧରଣର ଦୁର୍ଘଟଣା ହେଲା । ମୋର ଚେତା ଫେରିଲାବେଳକୁ ମୁଁ ଏକ ଘରୋଇ ନର୍ସିଂହୋମ୍‌ରେ ଥିଲି । ସେ ମଧ୍ୟ ଅକ୍ଳାନ୍ତ ପରିଶ୍ରମ କରି ମୋର ଦିନରାତି ସେବା କରୁଥାଏ । କିଛିଦିନ ପରେ ମୁଁ ଆରୋଗ୍ୟ ଲାଭ କଲି; କିନ୍ତୁ ଦୁର୍ଭାଗ୍ୟ, ମୋର ଆଖି ବାହାର ଜଗତକୁ ଦେଖିବାରେ ବଂଚିତ ହେଲା । ଭଗବାନ୍ ବୋଧେ ତା'ର ପରୀକ୍ଷା ନେବାକୁ ମୋତେ ଏପରି ଦଣ୍ଡ ଦେଲେ । ନର୍ସିଂହୋମ୍‌ରୁ ବିଦାୟ ନେଇ କଳା ଚଷମା ପିନ୍ଧି ଘରକୁ ଆସିଲି ଅନ୍ଧର ଆଖ୍ୟା ନେଇ ।

କିଛିଦିନ ଚାଲିଗଲା । କିନ୍ତୁ ତା'ର ବ୍ୟବହାରରେ ତ୍ରୁଟିପୂର୍ଣ୍ଣ ଆଭାସ ପାଇଲି । କଥାଗୁଡ଼ାକ ଫୁଲରୁ କଂଟା ପରି ଲାଗିଲା । କ'ଣ ବା ଆଉ କରିପାରିବି ? ସବୁଗୁଡ଼ାକ ହସି ହସି ସହିଯିବାକୁ ବାଧ୍ୟ ହେଲି । କିଛିଦିନ ପରେ ଦିନେ ମୁଁ ରାତିରେ ଶୋଇଛି, ହଠାତ୍ ନିଦ ଭାଙ୍ଗିଗଲା । କିଛି ଦୂରରେ କାହାର ହସଖୁସିପୂର୍ଣ୍ଣ କଥା ହେବାର ଶୁଣିଲି । କିନ୍ତୁ କଥା ଏତେ ଅସ୍ପଷ୍ଟ ଥିଲା ଯେ, ମୁଁ ଭଲ କରି ଶୁଣିପାରିଲିନି । ସେ ଆସି ମୋ ପାଖରେ ଶୋଇଲା । କିନ୍ତୁ ତା'ର ନିଃଶ୍ୱାସ ପ୍ରଶ୍ୱାସରେ କ୍ଳାନ୍ତି ଅନୁଭବ କଲି । କିଛି ନ କହି ପୁଣି ଶୋଇବାର ଅଭିନୟ କଲି । ତା' ପରଠାରୁ ଖାଲି ଯନ୍ତ୍ରଣାର ଔଷଧ ଖାଇଲି ।

ସରକାରଙ୍କର ସୁପାରିସ୍‌ରେ ମୁଁ ଚାକିରି ଅର୍ଦ୍ଧବେତନରେ କରୁଥାଏ । ଦିନେ ଅଫିସ୍‌ରୁ ଫେରିଲାବେଳକୁ ଘରେ ତିନି ଚାରି ଜଣଙ୍କ ସହିତ ତା'ର ମଧ୍ୟ କଥା ଶୁଣିବାକୁ ପାଇଲି । ମୁଁ କିଏ ସେ ବୋଲି ପଚାରିଲାରୁ, ସେ ସେଇଠି ବସ ବୋଲି କହିଲା ଏବଂ ଗୋଟିଏ କାଗଜରେ ଦସ୍ତଖତ କରିବାକୁ କହିଲା । ମୁଁ କି କାଗଜ ବୋଲି ପଚାରିଲାରୁ ସେ ଛାଡ଼ପତ୍ର କାଗଜ ବୋଲି କହିଲା । ଆଉ କହିଲା, କୋର୍ଟରୁ ଓକିଲ ନୋଟିସ୍ ନେଇ ଆସିଛନ୍ତି । ତୁମେ ଶୀଘ୍ର ଘର ଖାଲି କର । ମୁଁ ତାହା ସହିତ ଯୁକ୍ତି ତର୍କ କଲି ନାହିଁ କି ଆଶ୍ଚର୍ଯ୍ୟ ହେଲି ନାହିଁ । କାରଣ ମୁଁ ବହୁତ ଦିନରୁ ତା' ବ୍ୟବହାରକୁ ଅନୁଶୀଳନ କରି ବୁଝି ସାରିଥିଲି ଯେ, ଏଇଆ ଦିନେ ହେବ । କଥାଟିଏ ଅଛି... ପିନ୍ଧାବସ୍ତ୍ର ଅନ୍ୟକୁ ଦେଇ, ଶିବ ପଳାଇଲେ ଲଙ୍ଗଳା ହୋଇ । ମୁଁ ଏଥି ମଧ୍ୟରେ ମୋର ସାଙ୍ଗସାଥୀଙ୍କୁ ଧରି ଏହି ଘରଟିକୁ କିସ୍ତି ରେ କିଣି ସାରିଥିଲି, କିନ୍ତୁ ତା'ର ଅଜାଣତରେ ।

ତେଣୁ କିଛି ସମୟ ନିରବ ରହି ତାକୁ ପଦେ ପଚାରିଲି, ତୁମ ମନରେ ଏଇଆ ଥିଲା ? ସେ କହିଲା... ହଁ ତୁମ ପରି ଅନ୍ଧ ସ୍ୱାମୀ ପାଖେ ରହି କ'ଣ ଅନ୍ଧ ଛୁଆ ଜନ୍ମ କରିବି ? ମୁଁ ଅନ୍ୟତ୍ର

ବିବାହ କରି ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବାକୁ ଚାହୁଁଛି । ତା'ପରେ ମୁଁ ଗୋଟିଏ ମିନି ଟ୍ରକ୍ ଟିଏ ଯୋଗାଡ଼ କରି, ଯେଉଁ ସାରସ୍ୱତ ସମ୍ପତ୍ତି ମୋ ପାଖରେ ଥିଲା, ଆଉ ନିଜର ବ୍ୟାବହାରିକ ଜିନିଷକୁ ଧରି... ହେ... ମାୟାବିନୀ ନମସ୍ତେ କହି ଚାଲିଆସିଲି ଏହି ଘରକୁ । ଘରର ପୁରୁଣା ଚାକର ଏହି ଭାଗବତ ଖବର ପାଇ ମୋ ନିକଟକୁ ଚାଲିଆସିଲା ।

ବଂଶୀଧର ପଥର ମୂର୍ତ୍ତିଟି ପରି ସବୁ ଶୁଣୁଥିଲା । ଏଥର ପାଟି ଖୋଲି ପଚାରିଲା... ଆଜ୍ଞା ଆଜିର ଉନ୍ନତ ବିଜ୍ଞାନ ଯୁଗରେ ଆଖି କ'ଣ ଠିକ୍ ହୋଇପାରିଲାନି ? ଶୀତୁବାବୁ କହିଲେ, ଭଲ ପ୍ରଶ୍ନଟିଏ ପଚାରିଲ । ବୋଧ ହୁଏ ମୋର ଭଲ ସମୟ ଆସିଥିଲା । ଥରେ ବିଦେଶରୁ ଆଖି ଡାକ୍ତର ଆସିଥିଲେ । ମୋ ସାଙ୍ଗମାନେ ମୋତେ ଜୋର୍ କରି ନେଇ ଦେଖାଇବାରୁ, ସେମାନେ ଆଖି ନିଶ୍ଚୟ ଭଲ ହୋଇଯିବ କହିଲେ ଏବଂ ଚିକିତ୍ସା କରି ପୁଣି ମୋ ଆଖି ଫେରି ପାଇଲି; କିନ୍ତୁ ଏ ମାୟାବିନୀମାନଙ୍କୁ ଦେଖିବାକୁ ନୁହେଁ । ମୁଁ ଏ ସୁନ୍ଦର ପୃଥିବୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମୋ ମନ ଇଚ୍ଛାରେ ଦେଖେ । ଅନ୍ୟ ସମୟରେ କଳା ଚଷମା ପିନ୍ଧି ଅନ୍ଧର ଅଭିନୟ କରେ । ଯଦି ପ୍ରେମରେ ଅନ୍ଧ ହୋଇ କିଏ ବାଟବଣା ହେଉଥାଏ, ତା'ହେଲେ ମୁଁ ତାକୁ ଠିକ୍ ବାଟ ଦେଖାଇବାକୁ ଚେଷ୍ଟା କରେ । ତେବେ ବଂଶୀଧର, ମୁଁ ବର୍ତ୍ତମାନ ବହୁତ ଖୁସିରେ ଅଛି । ଏଣୁ, ହେ... ଯୁବକ... ପ୍ରେମ କରିବା ପାପ ନୁହେଁ କି ରୂପ ମଧ୍ୟରେ ଗୁଣ ଆଖିକୁ ଆସେନା । ମୋର ଅଙ୍ଗେ ଲିଭେଇବା କଥାରୁ ଯାହା ଶିଖିଲି... ତାହା ହିଁ ମୋର ଉପଦେଶ ।

ଯୁବକଟି ଦୀର୍ଘ ନିଃଶ୍ୱାସ ପକାଇ ବଡ଼ଭାଇ ପ୍ରଣାମ କହି ମୋର ପାଦ ଛୁଇଁକରି ଚାଲିଗଲା ।

– ଶିଖରପୁର, କଟକ



# ମନ ଗହ୍ୱନର କଥା

*- ଡକ୍ଟର ବିଦ୍ୟୁତ ପ୍ରଭା ମିଶ୍ର*

ସ୍ୱାଧୀନ ! ସ୍ୱାଧୀନ ! ସବୁଆଡ଼େ ଆଜି ସନିଆ ଶୁଣୁଛି ଏହି ଶବ୍ଦଟିକୁ । ଆଜି ଅଗଷ୍ଟ ପନ୍ଦର । ସବୁଆଡ଼େ ଧୋବଧାଉଳିଆ ବାବୁମାନେ ସର୍ ସାର୍ ହୋଇ ତରବରିଆ ଭାବେ ଗାଡ଼ିରୁ ଓହ୍ଲେଇ ପଡ଼ି ପତାକା ଉତ୍ତୋଳନରେ ବ୍ୟସ୍ତ । ସବୁଆଡ଼େ ମାଇକି ଶବ୍ଦ ଫାଟିପଡୁଛି । କେଉଁଠି ବନ୍ଦେ ମାତରମ୍ ତ କେଉଁଠି ଜାତୀୟ ସଂଗୀତ ବୋଲା ଯାଉଛି । ପୁଣି ଭାରତମାତାକି ଜୟ ଧ୍ୱନିରେ ସମଗ୍ର ଭାରତବର୍ଷ ଦୋହଲି ଯାଉଛି । ଆଣ୍ଠୁ ଉପରକୁ ଗାମୁଛା ଖଣ୍ଡେ ପିନ୍ଧି ମୁଣ୍ଡରେ ଗାମୁଛା ବାନ୍ଧି ବିଲକୁ ଯାଉଥିବା ବାଟରେ ପୋଲିସ୍ ପଡ଼ିଆରେ ଏପରି ବିରାଟ ସଭାକୁ ଦେଖି ଅଟକିଗଲା ସନିଆ । ମାଇକ୍‌ରେ ଆମ ମନ୍ତ୍ରୀ ସାହେବ କ'ଣ ସବୁ ଭାଷଣ ଦେଉଛନ୍ତି । ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ପ୍ୟାରେଡ଼୍‌ରେ ବ୍ୟସ୍ତ, ପୋଲିସ୍ ବିଭାଗ ଆଜି ସଜାଗ ହୋଇ ଉଠିଛନ୍ତି । ଏସବୁ ଦେଖି ସନିଆ ଟିକେ ଅଟକି ଗଲା । ମନ୍ତ୍ରୀ ସାହେବ ବଡ଼ ଜୋରରେ ଭାଷଣ ଦେଉଛନ୍ତି । କରତାଳିରେ ଫାଟିପଡୁଛି ପଡ଼ିଆ । ଶହ ଶହ ଲୋକ ଭିଡ଼ରେ ଠେଲା ପେଲା ହୋଇ ଆଗକୁ ଯିବାରେ ବ୍ୟସ୍ତ, ମନ୍ତ୍ରୀଙ୍କୁ ପାଖରୁ ଦେଖିବା ପାଇଁ । ଏସବୁ ଦେଖି ହସ ଲାଗିଲା ସନିଆକୁ । ମନ୍ତ୍ରୀ ଉଚ୍ଚସ୍ୱରରେ କହୁଛନ୍ତି, ଆମେ 'ଗରିବ ହଟାଅ' ଅଭିଯାନ କରୁଛୁ । ଆମେ ଚାଷୀମାନଙ୍କୁ ଋଣଛାଡ଼ କରିଛୁ । ଇନ୍ଦିରାଆବାସ ଯୋଜନା କରିଛୁ । ଏ ସରକାର ଚାଷୀ ମୂଲିଆ ସବୁ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଦୁଇଟଙ୍କାରେ ଚାଉଳ ଯୋଗାଇ ଦେଇଛି । ବେକାରୀମାନଙ୍କୁ ଚାକିରି ଦେଇଛୁ । ତେଣୁ ଏ ସରକାର ଆପଣମାନଙ୍କ ସାହାଯ୍ୟ ନେଇ ଆସିଛି ପୁଣି ଆଗାମୀ ଦିନରେ ମଧ୍ୟ ଆପଣମାନଙ୍କର ସହଯୋଗ ଆମ ପାଇଁ ରହିଛି ଓ ରହିବ ମଧ୍ୟ । ମଝିରେ ମଝିରେ ମନ୍ତ୍ରୀ ମହୋଦୟ ସବୁ ଲୋକଙ୍କୁ ଚାହିଁ ହାତଯୋଡ଼ି ପକାଉଥିଲେ । ନମ୍ରତାର ବି ମୁଣ୍ଡ ଝିଙ୍କି ଯାଉଥିଲା ତଳକୁ । ଲୋକମାନେ ବି ମନ୍ତ୍ରୀଙ୍କ ଏତାଦୃଶ ବ୍ୟବାହାର ପାଇଁ ବେଶ୍ ସନ୍ତୁଷ୍ଟ ଥିବାର ଜଣାପଡୁଥିଲା କରତାଳିରୁ । ମଝିରେ ମଝିରେ ଚେଲାମାନେ ମନ୍ତ୍ରୀ ମହୋଦୟ କି ଜିନ୍ଦାବାଦ୍ । ଆମର ଭାଇ ତମର ଭାଇ ଅମୁକ ଭାଇ ଜିନ୍ଦାବାଦ୍ । ହସ ମାଡ଼ିଲା ସନିଆକୁ, ଟଂଟିଫଟା ଶବ୍ଦ ତା ଭିତରେ ପୁଣି ଏ ଜିନ୍ଦାବାଦ୍ ଶୁଣି । ଭାବିଲା କାହିଁକି ଏମାନେ ଟଂଟି ଫଟେଇ ଜିନ୍ଦାବାଦ୍ ଦେଉଛନ୍ତି ? କ'ଣ ବା ଲାଭ ଏମାନଙ୍କର ? ସତରେ କ'ଣ ଏମାନେ ମନ୍ତ୍ରୀଙ୍କ କାର୍ଯ୍ୟକଳାପରେ ଏତେ ସନ୍ତୁଷ୍ଟ ।

ମୋର ମନକୁ ମୁଁ ପଚାରେ ? କି ସ୍ୱାଧୀନ ଆମେ ? ସେଦିନ ଗାନ୍ଧିବୁଢ଼ା ଆଣ୍ଠୁ ଉପରକୁ ଲୁଗାଖଣ୍ଡେ ପିନ୍ଧି ଏ ଦେଶକୁ ଏକ ସୁନାର ଭାରତରେ ପରିଣତ କରିବାରେ ସ୍ୱପ୍ନ ଦେଖିଥିଲେ । ତାଙ୍କର ମୂଳ ଲକ୍ଷ୍ୟ ଥିଲା ସବୁଲୋକ ଗଣ୍ଡେ ଖାଇବାକୁ ଓ ଖଣ୍ଡେ ପିନ୍ଧିବାର ମୌଳିକ ଅଧିକାର ପାଇବେ । କିନ୍ତୁ ଆଜି ସେହି ସ୍ୱପ୍ନ ସବୁ ପାଣିଫୋଟକା ପରି ମିଳେଇ ଯାଇଛି । ଆଜି ଗାନ୍ଧିଙ୍କ କଥାକୁ କିଏ ବା ମନେ ପକାଉଛି ? ଖାଲି ଏମିତିଆ ଦିନରେ ତାଙ୍କ ନାମରେ ଜୟ ଜୟକାର ଶୁଣାଯାଏ । ଆଜି ସ୍ୱାଧୀନ କେବଳ ଏଇ ଧୋବଧାଉଳିଆ ବାବୁମାନେ, ଯେଉଁମାନେ ଟଙ୍କା ଦେଇ ସ୍ୱାଧନତାକୁ ନିଜ ହାତମୁଠାରେ ରଖିପାରିଛନ୍ତି । କିନ୍ତୁ ମୋ ପରି ଲୋକ କି ସ୍ୱାଧୀନ ? ସେତେବେଳେ ଯେତିକି ଦାରିଦ୍ର୍ୟତା ଥିଲା ଆଜି ବି କିଛି କମିନି । ଏସନ ମୋର ପିଇସୀ ନାନୀ ଖାଇବାକୁ ଗଣ୍ଡେ ନ ପାଇ ମାତ୍ର କେଇ ଟଙ୍କା ରେ ନୂଆ ହୋଇ ଜନ୍ମ ହୋଇଥିବା କଅଁଳିଆ ପିଲାଟିକୁ ବିକିଦେଲା ଜଣେ ବାବୁଙ୍କ ହାତରେ । କେତେ କାରୁଣ୍ୟ ଥିଲା ସତେ ତା'ର ମୁହଁରେ ? ସେ କ'ଣ ସ୍ୱାଧୀନ ଭାବେ ଚାହୁଁନଥିଲା ତା'ର ପିଲାକୁ ମଣିଷ ପରି ମଣିଷଟେ କରି ଗଢ଼ିବାକୁ । ତା' ପୁଅକୁ ପାଠ ପଢ଼େଇ ଅନ୍ୟ ପିଲାମାନଙ୍କ ପରି ଯୋଗ୍ୟ କରେଇବାକୁ । ସେ କ'ଣ ସ୍ୱପ୍ନ ଦେଖି ନଥିବ ନୂଆ କରି ଜନ୍ମ ହୋଇଥିବା ପିଲାଟିକୁ ନେଇ ? କାନ୍ଦ କାନ୍ଦ ଲୁହ ଭିଜା ଆଖିରେ ସେ ବି ଟେକି ଦେଇଥିଲା ତା'ର ନବଜାତ ଶିଶୁଟିକୁ ମାତ୍ର କେଇ ଟଙ୍କାରେ, କାରଣ ସେ ଜାଣିଥିଲା ଅନ୍ୟ ଦୁଇଟା ପିଲାଙ୍କୁ ଗଣ୍ଡେ ଖାଇବାକୁ ଯେଉଁଠି ଦେଇପାରୁନି ସେଠି ଆଉ ଗୋଟିଏ ପିଲାକୁ ଏମିତି ଭୋକ ଉପାସରେ ମାରିବା ଅପେକ୍ଷା ବରଂ ଗଣ୍ଡେ ଖାଇ ବଂଚିଯିବା ପାଇଁ ସେ ସେଦିନ ଏପରି କରିବା ପାଇଁ ସଂକଳ୍ପ ନେଇଥିଲା କାରଣ ସେ ଜାଣିଥିଲା ଆମପରି ଲୋକମାନଙ୍କ ପାଇଁ ସ୍ୱପ୍ନ ଦେଖିବା ସବୁ ବିଫଳ । ପାଠ ପଢ଼େଇ ମଣିଷ କରିବା କଷ୍ଟସାଧ୍ୟ, ପାଠ ପଢ଼େଇବା ତ ଦୂରର କଥା ବଂଚିବା ପାଇଁ ଗଣ୍ଡେ ଖାଇବାକୁ ଦେବା ମଧ୍ୟ କଷ୍ଟସାଧ୍ୟ । ଏ ତ ଗଲା ଗରିବ ହଟାଅ ଅଭିଯାନର ଉଦାହରଣ । ମନ୍ତ୍ରୀ ମହୋଦୟ କହିଲେ ଆମେ ଗରିବ ହଟାଅ ଯୋଜନାରେ ସଫଳ ହୋଇଛୁ । ସେଥିରେ ଲୋକମାନଙ୍କର କରତାଳି ଥିଲା ସବୁଠୁ ଅଧିକ । ବୋଧହୁଏ ସବୁ ଗରିବ ହଟିଯାଇଛନ୍ତି ତାଙ୍କ ରାଜ୍ୟରୁ । ଆମ ପରି ଲୋକମାନେ ଯେଉଁମାନେ ଦିନରାତି ପାଣି, ଖରା, କାକରରେ

ପରିଶେଷରେ ନିଜ ଉପରୁ ଆସ୍ଥା ହରେଇ ଅଧିକ ଋଣଭାରରୁ ମୁକ୍ତି ପାଇଁ ଆତ୍ମହତ୍ୟାକୁ ହିଁ ବାଛି ନେଉଛନ୍ତି । ଏଇ କ'ଣ ଗରିବ ହଟାଅ ଯୋଜନା ? ଏଇ କଣ ସ୍ୱାଧୀନତା ? ଆଉ ରହିଲା ଇନ୍ଦିରା ଆବାସ ଯୋଜନା । ଯାହା ମନ୍ତ୍ରୀ ମହୋଦୟ କହିଲାବେଳେ ବେଶ୍ କରତାଳିରେ ଫାଟିପଡୁଥିଲା ଏ ପଡ଼ିଆଟି । ଆମ ଗାଁରେ ଯେତେ ଲୋକ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା କଥା ସେତିକି ହୋଇ ପାରିନାହାନ୍ତି । କେତେଜଣ ଏହି ଯୋଜନାରେ ସରକାରଙ୍କଠାରୁ ଟଙ୍କା ପାଇଛନ୍ତି ? ଅନେକ କୋଠାଘର ଥିବା ଲୋକମାନେ ମଧ୍ୟ ବେଶ୍ ଲାଭଜନକ ହୋଇଛନ୍ତି ଏହି ଯୋଜନାରେ । ଏଇ କ'ଣ ସ୍ୱାଧୀନତା ? ଗଲା ପାଂଚବର୍ଷ ହେଲାଣି ମାଳତୀ ନାନୀ ଭତ୍ତା ପାଇଁ କେତେ ଏଇ ମନ୍ତ୍ରୀଙ୍କ ପାଖରେ କାକୁତିମିନତି ହୋଇ କହିଛି ପ୍ରତ୍ୟେକ ଥର ମନ୍ତ୍ରୀ କହିଛନ୍ତି ତୁମେ ପ୍ରକୃତରେ ପାଇବାର ଯୋଗ୍ୟ କି ନାହିଁ ଏକଥା ମୁଁ କାଗଜପତ୍ର ଦେଖିଲା ପରେ ହେବ । କିନ୍ତୁ ଯାହାର ପୁଅମାନେ ରୋଜଗାରିଆ, କୌଣସି ଅସୁବିଧା ନାହିଁ ଚଳିବାରେ ସେମାନେ ବି ବାର୍ଦ୍ଧକ୍ୟ ଭତ୍ତାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏଇ କ'ଣ ସ୍ୱାଧୀନତା ? ବିପିଏଲ୍ ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ମୁଁ କେତେ କାକୁତି ମିନତି ନ ହୋଇଛି ଏ ମନ୍ତ୍ରୀଙ୍କ ପାଖରେ, କିନ୍ତୁ ଆଜିଯାଏ ମଧ୍ୟ ହୋଇପାରିନାହିଁ । ଏଇ କ'ଣ ଗରିବ ହଟାଅ ଯୋଜନା ? ଏମିତି ସ୍ୱାଧୀନତା ଶବ୍ଦଟା ଗୁରେଇତୁରେଇ ହୋଇ ତା' ମୁଣ୍ଡଟାକୁ ଖାଇଯାଉଥିଲା ସେଦିନ । ଇଆଡ଼େ ମନ୍ତ୍ରୀଙ୍କ ଭାଷଣ, ସିଆଡ଼େ ଠେଲାପେଲା । ମାଇକିର ଶବ୍ଦଟା ବି ତା' କାନକୁ ଭାରି ଭୀଷଣ ଲାଗୁଥିଲା । କି ସ୍ୱାଧୀନତାର ଭାଷଣ ଏଠି ଚାଲିଛି ? ଯାହା ପାଇଁ ଏତେ ଆୟୋଜନ ? ଏତେ ଲୋକ ଏ ଭାଷଣକୁ ଶୁଣି ପିଇଗଲା ପରି ଚାହିଁଛନ୍ତି ।

ପଛକୁ ଟିକିଏ ଘୁଂଚିଗଲା ସନିଆ । ତା' ଦେହରେ ବାଜିଲା କାହାର କଅଁଳିଆ ପରସ । ସେ କେହି ନୁହେଁ ତା'ର ସ୍ତ୍ରୀ ନିଉଛଣା ଭାଷଣ ଶୁଣୁଛ ? କି ଯାଏ ଆମର ଏ ଭାଷଣରେ । ଭାଷଣରେ କ'ଣ ପେଟ ପୂରେ ? ଏଠି ଭାଷଣ ସବୁ ବାକ୍ୟ ଭିତରେ ରହିଯାଏ । ଗରୀବ ସେମିତି ଗରୀବ ହୋଇ ରହିଥାନ୍ତି । ଖଟିଖିଆ ସେମିତି ଆଜୀବନ ଖଟି ଖାଏ । ଚାଷୀ ସେମିତି ଲହୁଲୁହ ଢାଳି ସୁନାର କ୍ଷେତକୁ ଉଜୁଡ଼ିଯିବା ଦେଖି ବେକରେ ରସି ଦିଏ । ତଥାପି ଏ ବାବୁମାନେ ବରଷକୁ ଥରେ ଦୁଇଥର ଏମିତି ସଭା ସମିତିରେ ବଡ଼ ବଡ଼ ଭାଷଣମାନ ଦେଇଚାଲନ୍ତି ଓ ଲୋକମାନେ ଭୋକ ଉପାସରେ ପେଟରେ ଓଦାକନା ଲଦି ମଧ୍ୟ ଏ ଭାଷଣ ଶୁଣି ତାଳି ମାରନ୍ତି । ସେଦିନ ଯେଉଁ ସ୍ୱାଧୀନତା ପାଇଁ ଆମ ଦେଶର ମହାପୁରୁଷମାନେ ସ୍ୱପ୍ନ ଦେଖିଥିଲେ ଏଥଟା ସେଇଆ ନୁହେଁ । ଆମ ପାଇଁ ଏଠି କିଛି ବି ସ୍ୱାଧୀନ ନୁହେଁ । ଏଠି ଗରିବ ଆମେ ନିଜେ ସ୍ୱାଧୀନ ଭାବେ ବଂଚିବାର ପ୍ରୟାସ କରୁଛୁ । ଅଳ୍ପ ପଇସା ହେଲେ ବି ଆମ ମନରେ କୌଣସି କଳୁଷତା ନାହିଁ । ଆମ ଭିତରେ ନାଁ ଅଛି ଭିନ୍ନତା ନା ଅଛି ଭଲପାଇବାର ଆବିଳତା । ଏଠି ବଡ଼ବଡ଼ିଆମାନେ ପ୍ରେମ ନାମରେ ସ୍ତ୍ରୀକୁ ମଧ୍ୟ ଠକି ଚାଲନ୍ତି, ପଇସା ପାଇଁ ନିଜ ଲୋକର ମନରେ ବିଷ ଭରି କଷ୍ଟ ଦିଅନ୍ତି କିନ୍ତୁ ଆମ ଭଲପାଇବାରେ କେବେ ଆବିଳତା ନାହିଁ କି ଆମ ସମ୍ପର୍କରେ କେବେ ବାଧକ ନାହିଁ । ଭିଡ଼ ଭିତରେ ସନିଆ ପାଖକୁ ଆଉଜିଗଲା ଗୁରେଇ । ଟାଣିନେଲା ସନିଆକୁ କିଚିରି ମିଚିରି ହୋହାଲ୍ଲା ଶବ୍ଦ ଭିତରୁ । ବାହାରି ଆସିଲେ ସେମାନେ ଭିଡ଼ ଭିତରୁ । କେବଳ ସ୍ୱାଧୀନ ଭାବେ ଆଗକୁ ଚାଲୁଥିଲେ କ୍ଷେତକୁ ଯିବା ପାଇଁ ନା ମନରେ କିଛି କଷ୍ଟ ନା ଦୁଃଖ । ସ୍ୱାଧୀନ ଭାବେ ସେ ଜାଣିଛନ୍ତି ହାତରେ ଥିବା ଦାଆ ଓ କାଖରେ ପଖାଳ କଂସାକୁ । ମାଟି ଉପରେ ପାଦ ଦୁଇଟା ତରତର ଥିଲା ଓ ମୁଣ୍ଡ ଉପରେ ଆକାଶଟା ଯେମିତି ମାପୁଥିଲା ଏମାନଙ୍କର ସରଳତା ଓ ଭଲ ପାଇବାର ସ୍ୱାଧୀନତାକୁ... ।

– କଲେଜଛକ, କଟକ

# ସ୍ମୃତି ଓ ଅନୁଭୂତି

*- ସାସ୍ୱତି ସାମଲ*

ଆଜି ପବିତ୍ର ଅକ୍ଷୟ ତୃତୀୟା ଦିବସ ରେ ମୁଁ ମୋ ଆରାଧ୍ୟ ଶ୍ରୀ ଶ୍ରୀ ଜଗନ୍ନାଥ ଙ୍କ ପାଦ ତଳେ ଶତ ଶତ ପ୍ରଣାମ ଜଣେଇ ନିଜ ଜୀବନର ଏକ ଅବିସ୍ମରଣୀୟ ସ୍ମୃତିକୁ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରୁଚି ।

ଘଟଣା ଟି ୨୦୧୭ ଜାନୁଆରୀ ମାସ ର କଥା, ଶୀତ ଦିନ ଛୁଟି ରେ ଆମେ ସପରିବାର କେରଳ ବୁଲିବାକୁ ଯାଇଥାଉ ଦିଲ୍ଲୀରୁ କୋଚି ପହଂଚିବା ପରେ ପ୍ରଥମେ କୋଚିନ୍, ତାପରେ ମୁନ୍ନାର, ଅଲ୍ଲେପି, କୋଭଲମ୍, ଥିରୁବନ୍ଦପୁରମ୍ ଓ ଶେଷରେ କନ୍ୟାକୁମାରୀ ଦର୍ଶନ ସହିତ ଆମର ଦଶ ଦିନ ର ଭ୍ରମଣ ଶେଷ ହେବ । ପଛରେ ଅସୁବିଧା ନହୁଏ ସେଥିପାଇଁ କେଉଁଠି କେତେ ଦିନ ରହିବା, କେଉଁ କେଉଁ ସ୍ଥାନ ଦର୍ଶନ କରିବା ସବୁକିଛି ର ବିବରଣୀ ଆମେ ପ୍ରଥମରୁ ପ୍ରସ୍ତୁତ କରିସାରିଥିଲୁ । କୋଚିର ଦୁର୍ଗ, ମୁନ୍ନାର ରେ ଚା ବଗିଚା ଓ ସେଠାକାର ପ୍ରାକୃତିକ ଶୋଭା, ଅଲ୍ଲେପି ରେ ହାଉସବୋଟ୍ ରେ ରହିବା, କୋବଲାମ୍ ସମୁଦ୍ରକୂଳ ଓ ଥିରୁବନ୍ଦପୁରମ୍ ର ପ୍ରସିଦ୍ଧ ପଦ୍ମନାଭସ୍ୱାମୀ ସହିତ ଅନେକ ମନ୍ଦିର ଦର୍ଶନ କରି ସାରି ଭାବିଲି ସତରେ କେତେ ସୁନ୍ଦର କେରଳ, "God's own country " ନାମ ଟି ଦିଆଯିବା ପଛରେ ଯଥାର୍ଥତା ଅଛି ।

ପୂର୍ବରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଆମକୁ ଶେଷ ଦିନ ଥିରୁବନ୍ଦପୁରମ୍ ରୁ କନ୍ୟାକୁମାରୀ ଯାଇ ସେଠାର ସମସ୍ତ ସ୍ଥାନ ବୁଲି ସାରିବା ପରେ ସେହି ଦିନ ପ୍ରତ୍ୟାବର୍ତନ କରିବାକୁ ଥିଲା, କାରଣ ତା'ପର ଦିନ ସକାଳୁ ବିମାନ ଯୋଗେ ଦିଲ୍ଲୀ ଫେରିବାକୁ ହେବ ।

ଥିରୁବନ୍ଦପୁରମ୍ ରୁ କନ୍ୟାକୁମାରୀ ପ୍ରାୟ ୧୦୦ କିଲୋମିଟର ହେବ, ଗାଡ଼ିରେ ଗଲେ ୩ ଘଂଟା ଲାଗିବ । ଆମେ ସକାଳ ପ୍ରାୟ ସାତଟା ବେଳେ କନ୍ୟାକୁମାରୀ ଅଭିମୁଖେ ବାହାରିଲୁ । ବାଟରେ ଦୁଇ, ତିନି ଟି ସ୍ଥାନ ଦର୍ଶନ କରି ସେଠି ପହଂଚିଲା ବେଳକୁ ଘଂଟା ରେ ଗୋଟାଏ ବାଜିବା ଉପରେ, ସମସ୍ତଙ୍କୁ ଭୋକ ବି ଲାଗିଲାଣି, ଆଉ ଅଧିକ ସମୟ ନଷ୍ଟ ନ କରି ଆମେ ମାନେ ଜଲଦି ଜଲଦି ଅଳ୍ପ କିଛି ଖାଇ ଦେଇ ମୋଟର୍ ବୋଟ୍ ଯୋଗେ ବିବେକାନନ୍ଦଙ୍କ ସ୍ମାରକୀ ଦେଖିବାକୁ ଗଲୁ । ତିନି ସମୁଦ୍ର ମିଳନ ସ୍ଥଳ, ସ୍ମାରକୀ ଓ ଅନ୍ୟ ଦର୍ଶନୀୟ ସ୍ଥାନ ଦେଖିସାରିଲା ବେଳକୁ ସନ୍ଧ୍ୟା ସମୟ ନିକଟ ହେଲାଣି । ସେ ସ୍ଥାନ ର ଶାନ୍ତ ବାତାବରଣ ମନ ଭିତରେ ଏକ ଅପୂର୍ବ ଆନନ୍ଦ ସୃଷ୍ଟି କରୁଥାଏ, ଇଚ୍ଛା ହେଉଥାଏ ଆଉ କିଛି ସମୟ ରହି ପ୍ରକୃତି ର ଏହି ଅନୁପମ ସୌନ୍ଦର୍ଯ୍ୟ କୁ ଉପଭୋଗ କରିବାକୁ କିନ୍ତୁ ନିରୁପାୟ ଆମକୁ ଏବେ ଥିରୁବନ୍ଦପୁରମ୍ ଫେରିବାକୁ ହେବ ।

ସେଠାରୁ ଫେରିଲା ପରେ ସ୍ୱାମୀ କହିଲେ "ଶୀଘ୍ର ଚାଲ, ଗାଡ଼ି ରେ ପୁଣି ତିନି ଚାରି ଘଂଟା ଲାଗିବ । ପହଂଚୁ ପହଂଚୁ ବୋଧେ ରାତି ବାରଟା ବାଜିବ । ମୋ ମନ ଥାଏ ସମୁଦ୍ର କୂଳ ସ୍ଥିତ ମା' କନ୍ୟାକୁମାରୀ କୁ ଦର୍ଶନ କରିବାକୁ । ଆସିଲା ବେଳେ ମନ୍ଦିର ବନ୍ଦ ଥିଲା ସେଥିପାଇଁ  ଯାଇ ହଲାନି । ଏବେ ମା'ଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁ ମାନଙ୍କ ଧାଡ଼ି ଲାଗିଛି । କିନ୍ତୁ କାଳେ ଫେରିବା ପାଇଁ ବିଳମ୍ବ ହେବ ସେ କଥା ଭାବି ମୁହଁ ଖୋଲି କିଛି କହି ପାରୁନଥାଏ । ସେ ତ ଜଗତର ମା' । ତାଙ୍କ ସନ୍ତାନର ମନ କଥା କୁ ସେ କେମିତି ବୁଝି ନ ପାରିବେ । ହଠାତ୍ ସ୍ୱାମୀ କହିଲେ, "ତମେ ଆସିଲାବେଳେ ମନ୍ଦିର ଯିବା ପାଇଁ କହୁଥିଲ ନା ଗୋଟେ କାମ କର ପୁଅ ଓ ମୁଁ ବାହାରେ ଅଛୁ ତମେ ଭିତରକୁ ଯାଇ ଜଲଦି ମା'ଙ୍କ ଦର୍ଶନ କରି ଆସ । ମୁଁ କହିଲି " ତମେ ଯିବନି, ମୁଁ ଏକୁଟିଆ ଯିବି ।" ସେ କହିଲେ "ପରିସ୍ଥିତି ବୁଝିବାକୁ ଚେଷ୍ଟା କର ସମସ୍ତେ ଗଲେ ଆମକୁ ମୋବାଇଲ, ଚପଲ, ବ୍ୟାଗ୍ ପ୍ରଭୃତିକୁ କେଉଁଠି ରଖିବାକୁ ହେବ ସେଥିପାଇଁ ସମୟ ଦରକାର, ତମେ ଏକା ଗଲେ ଜଲଦି ଆସିପାରିବ ।" ଆଉ କିଛି ନକହି ମୁଁ ଅତିଶୀଘ୍ର ଚାଲି ଚାଲି ଯାଇ ଦେଖିଲି ଦୁଇଟି ଧାଡ଼ି ଲାଗିଛି ଗୋଟେ ଛୋଟ ଅନ୍ୟ ଟି ବଡ଼, ଜଲଦି ରେ କାହାକୁ କିଛି ନ ପଚାରି ଛୋଟ ଧାଡ଼ି ରେ ଛିଡ଼ା ହୋଇଗଲି । କିଛି ସମୟ ପରେ ଧୀରେ ଧୀରେ ଧାଡ଼ି ଟି ଆଗକୁ ବଢ଼ି ଚାଲିଲା । କିନ୍ତୁ ମା'ଙ୍କ ମୁଖ୍ୟ ମନ୍ଦିର ଆଉ ଅଳ୍ପ ବାଟ ଅଛି ଦେଖିଲି ଜଣେ ପଣ୍ଡିତ ଏକ ରସିଦ୍ ବହି ଧରି ବସିଛନ୍ତି । ଆଗପଛ ଲୋକ ଙ୍କୁ ପଚାରି ଜାଣିଲି ମୁଁ ଯେଉଁ ଧାଡ଼ିରେ ଛିଡ଼ା ହୋଇଛି ସେଇଟା V.I.P ଧାଡ଼ି, ପଚାଶ ଟଙ୍କା ର ରସିଦ୍ କାଟି ଭକ୍ତମାନେ ମା'ଙ୍କ ଦର୍ଶନ ନିକଟରୁ ଓ ଜଲଦି କରିପାରିବେ । ଅନ୍ୟଟି ସାଧାରଣ ଧାଡ଼ି ରସିଦ୍ କାଟିବାକୁ ପଡ଼ିବ ନାହିଁ । ସେତେବେଳେ ମୁଁ ମୋ ପର୍ସ, ମୋବାଇଲ ସବୁ ବାହାରେ ରଖି ଆସିଥିବା କଥା ମନେ ପଡ଼ିଲା । ଜଲଦି ରେ କେବଳ ଦଶଟଙ୍କା ହାତରେ ଧରି ପଳାଇ ଆସିଛି । ଏବେ ମୁଁ କ'ଣ କରିବି, ଧାଡ଼ିରେ ବହୁତ ଆଗକୁ ଆସି ସାରିଲିଣି, ଫୋନ୍ ବି ପାଖରେ ନାହିଁ ଯେ

ସ୍ୱାମୀଙ୍କ ଜଣେଇ ପାରିବି । ବର୍ତ୍ତମାନ ମୋ ପାଖରେ ଦୁଇଟି ବିକଳ୍ପ ଅଛି, ପ୍ରଥମଟିରେ ପଛକୁ ଫେରି ବାହାରୁ ଟଙ୍କା ଆଣି ପୁଣି ଆରମ୍ଭରୁ ଧାଡ଼ିରେ ଛିଡ଼ା ହେବି ନଚେତ ଏ ଧାଡ଼ିରୁ ବାହାରି ଯାଇ ସାଧାରଣ ଧାଡ଼ିରେ ଦର୍ଶନ ନିମନ୍ତେ ଛିଡ଼ା ହେବି । ସମୟ ଅଭାବରୁ ଉଭୟ କ୍ଷେତ୍ର ରେ ମାଙ୍କ ଦର୍ଶନ ମିଳିବା ଅସମ୍ଭବ ପ୍ରାୟ ମୋତେ ଲାଗୁଥାଏ । ଏହା ଭିତରେ ମୋ କିଛି ଆଗରେ ଥିବା ଦୁଇ ଜଣ ଦମ୍ପତିଙ୍କୁ ପଣ୍ଡିତ ଜଣକ ଫେରାଇ ସାରିଲେଣି । ପଚାରି ବୁଝିଲି ସେମାନେ ବି ମୋ ପରି ବାହାରେ ପର୍ସ ଛାଡ଼ି ଆସିଛନ୍ତି । ଏହା ଦେଖି କେତେକ ଶ୍ରଦ୍ଧାଳୁ ଅନ୍ୟ ଧାଡ଼ି କୁ ଚାଲିଗଲେଣି, ଭାବିଲି ଯାହା ହବାର ଥିବ ଦେଖାଯିବ ସେଇ ମା ହିଁ ଭରଷା । ଯଦି ନଛାଡ଼ିବେ ବିନା ଦର୍ଶନ ରେ ଫେରିଯିବି, ଯାହା ମା'ର ଇଚ୍ଛା ଏମିତି ଭାବୁ ଭାବୁ ମୋ ପାଳି ଆସିଗଲା ମୁଁ ଚୁପ୍‌ଚାପ୍ ମା'ଙ୍କୁ ଡାକି ଦଶଟଙ୍କା ପଣ୍ଡିତ ଙ୍କ ହାତକୁ ବଢ଼େଇ ଦେଲି । ଅତି ଆଶ୍ଚର୍ଯ୍ୟର କଥା ସେ ମୋତେ କିଛି ନ କହି ମୋ ହାତ କୁ ରସିଦ୍ ସହ ମା'ଙ୍କର ଗୋଟେ ଫଟୋ ଓ ସିନ୍ଦୁର ପ୍ୟାକେଟ୍ ଟିଏ ବଢ଼େଇ ଦେଇ ଆଗକୁ ଯିବାକୁ ଠାରି ଦେଲେ । ମୁଁ ଅତି ଖୁସି ରେ ଆଉ ପଛକୁ ନ ଦେଖି ମୁଖ୍ୟ ମନ୍ଦିର ଭିତରକୁ ପଶିଗଲି ।

ମା'ଙ୍କ ଦର୍ଶନ ସାରି ଫେରିବା ବେଳେ ଭାବୁଥାଏ, ଏପରି କିପରି ସମ୍ଭବ ହେଲା । ଏ କି ଅପୂର୍ବ ଲୀଳା ମା'ର । ତା ସନ୍ତାନ ମାନଙ୍କ ପାଇଁ ତା ମନରେ କେତେ ସ୍ନେହ କେତେ ମମତା, ଆଖିରୁ ଦୁଇ ଧାର ଲୁହ ଗଡ଼ି ଆସିଲା । ସ୍ୱାମୀ ପଚାରିଲେ "କଣ ହେଲା, ଶୀଘ୍ର ଚାଲ ରାସ୍ତା ଉପରେ ଗାଡ଼ି ବେଶି ସମୟ ଛିଡ଼ା ହୋଇ ପାରିବିନି । ଅଳ୍ପ ସମୟ ପରେ ଆମେ କନ୍ୟାକୁମାରୀ ଛାଡ଼ି ଥିରୁବନ୍ଦପୁରମ୍ ଅଭିମୁଖେ ଯାତ୍ରା କଲୁ ମାତ୍ର ଏହି ଅଲୌକିକ ଘଟଣା ଟି ମୋ ପାଇଁ ଏକ ଅବିସ୍ମରଣୀୟ ସ୍ମୃତି ହୋଇ ରହିଗଲା ।

– ବସନ୍ତ କୁଞ୍ଜ, ନିୟୁଦିଲ୍ଲୀ

# ବିଗତ ଓ ଅନାଗତର୍ ମଝାମଝି

*– ବିନୟ ମହାପାତ୍ର*

ତୁମ ଶବକୁ କୁଣ୍ଢେଇ ଧରି ମଥା ବାଡ଼େଇ କାନ୍ଦିବାକୁ ଭାରି ମନ ହୁଏ । ମନ କେବେ ଉଦାସ ଆଖିରେ ଆକାଶକୁ ଚାହିଁରହେ । ବେଳେ ବେଳେ ମନେ ମନେ ହସେ । ତୁମେ କେତେ ଭଲ ଥିଲ ଅବା କେତେ ଖରାପ ଥିଲ ଭାବି ହୁଏ । କିନ୍ତୁ ଯେତେ ଭାବିହେଲେ କଣ ହେବ, ତୁମେ ଯେ ଚାଲି ଯାଉଛ । ଏ ଜୀବନରେ ତୁମେ ଆଉ କେବେବି ଫେରିବନି, ବରଂ ଦି'ଘଡ଼ି ପରେ, ତୁମର ପଚାଶବରୁ ଦୁର୍ଗନ୍ଧ ଉଠିବା ଆରମ୍ଭ ହୋଇଯିବ ! ହେ ମୋର 'ଗତକାଲି' ମୋତେ ତୁମକୁ ଭୁଲିବାକୁ ଦିଅ । ତୁମେ ଯେତେ ଯାହା ଘାଆ ଦେଇଥିଲ ସେଥିରୁ କିଛି ଶୁଖି ସାରିଲାଣି, ଆଉ କିଛି ଶୁଖି ଶୁଖି ଆସୁଛି । କିନ୍ତୁ ତୁମର ସ୍ମୃତି ପୁଣି ସେଇ ପୁରୁଣା ଘାଆଗୁଡ଼ିକୁ ସତେ ଯେପରି ଆଉ ଥରେ ରାମ୍ପି ଦେଉଛି, ପୁଣି ତାଜା କରିଦେଉଛି । ମନ ହେଉଛି, ଘାଆର ଯେତେ ଦାଗ, ଯନ୍ତ୍ରଣାର ଯେତେ ବାହାନା ସବୁ କିଛି ମନରେ ସାଇତି ରଖିବି । କାରଣ, ଘାଆର ଦାଗ ଦେଖାଇ କଷ୍ଟର ବାହାନା କଲେ, କେତେ ସମବେଦନାର ଆହା ର ବର୍ଷା ହୋଇଯାଏ । କିନ୍ତୁ ତୁମକୁ ଭୁଲି ମୁଁ ଆଉଥରେ ଚାଲିବାକୁ ତ ଚେଷ୍ଟା ବି କରି ପାରିବି ! ହେ ମୋର 'ଗତକାଲି' ଦୟାକରି ତୁମେ, ମୋତେ ତୁମ ସ୍ମୃତିର ବନ୍ଧନରୁ ମୁକ୍ତି ଦେଇଦିଅ ।

ହେ 'ଅନାଗତ' ତୁମେ କେମିତି ଆସିବ, କଣ ଆଣିବ କିଛି ବି ତ ଜାଣିନି । କିନ୍ତୁ ମୋ ମନରେ ଏତେ ଉତ୍କଣ୍ଠା, ଏତେ ଆଶଙ୍କା କାହିଁକି ? ମୋ ମନ, ବିନା କିଛି ପ୍ରଚେଷ୍ଟାରେ ଏତେ ଆଶା କାହିଁକି ବାନ୍ଧି ନେଉଛି ? ଯେମିତି ତୁମେ ମୋର ସୁନେଲି ରୂପେଲି ସପନମାନଙ୍କ ପରି ବହୁତ ସୁନ୍ଦର ହେବ, ତୁମେ ମୋ ପାଇଁ ଅନେକ ସୁଖର ସମ୍ଭାର ନେଇ ଆସିବ, ମୋର ସବୁ ସ୍ୱପ୍ନକୁ ପୁରା କରିଦେବ ! ପୁଣି କେବେ କି ଆଶଙ୍କାରେ ମନେ ମନେ ଡରିଯାଏ । କାଳେ ତୁମେ ମୋର 'ବିଗତ' ପରି ବିଭତ୍ସ ହେବ, ପୁଣି ନୁଆ ଘାଆ ଦେଇଯିବ । ଟିକେ ତଟସ୍ଥ ହୋଇ ପୁଣି ଭାବେ, ସତରେ ମୋ ଜୀବନ କେତେ ନିର୍ଲଜ ସତେ ? ମୁଁ ଏଯାଏ ବିହନ ବି ବୁଣିନି, କିନ୍ତୁ ଫସଲ କାଟିବାକୁ ମୋ ଦାଆରେ ଧାର ଦେଇ ଚାଲିଛି ! ମୁଁ କେତେ ଦୁର୍ବଳ, ଏବେ ଯାଏ 'କାଲି'ର ଶବଯାତ୍ରାରେ ମୋ 'କାଲି'ର ଶବବାହକ ହୋଇ ଚାଲିବା ଜାରି ରଖିଛି ।

ମୁଁ କେମିତି ଭୁଲିଯାଉଛି, ମୋର 'ଆଜି'ର ସକଳ ପ୍ରଚେଷ୍ଟା ମୋ ପାଇଁ ସୁନେଲି ଇତିହାସ ଆଉ ଉଜ୍ଜ୍ୱଳ ଭବିଷ୍ୟତ ଆଣି ପାରିବ । ହେଲେ ଯିଏ ଚାଲି ଯାଇଛି, ସେ କେବେ ବି ଫେରି ଆସିବନି କିନ୍ତୁ ମୁଁ ତାକୁ ଭୁଲି ପାରୁନି । ଯିଏ ମୋ ଜୀବନରେ ଏଯାଏ ଆସିନି, ଯିଏ କେବଳ ଆସିବାକୁ ଅଛି, ସେଇ 'ଅନାଗତ' ଭବିଷ୍ୟତ ବିଷୟରେ କଳ୍ପନାର ଚାନ୍ଦୁଆ ବୁଣିବାରେ ମୁଁ ବ୍ୟସ୍ତ ଅଛି । ସେଇ ଅନାଗତର ରୂପରେଖ ପ୍ରସ୍ତୁତି ପାଇଁ କିଛିବି ତ ଚେଷ୍ଟା କରୁନି । ବିଗତ ଏବଂ ଅନାଗତର ମଝାମଝି ଠିଆ ହୋଇ ମୁଁ କିପରି ପେଶି ହୋଇଯାଉଛି ସତେ । 'ଯିଏ ଯାଇଛି' ଏବଂ 'ଯିଏ ଆସିନି' ସେମାନଙ୍କ ଚିନ୍ତାରେ ମୁଁ ମୋର ଆଜିର କାମ ଭୁଲିଗଲି ? ମୋର 'ଆଜି' ଟିକୁ ମନ ଭରି ଜୀଇଁବାକୁ ବି ଭୁଲିଗଲି । ଜୀବନରେ ଏ ଯାଏ ପରିଶ୍ରମର ମଞ୍ଜିଟିଏ ବି ବୁଣିନି, କିନ୍ତୁ ନିର୍ଲଜପରି ଆସନ୍ତା କାଲି ସାଗ ତୋଳିବି ବୋଲି ମୋର ଚାଙ୍ଗୁଡ଼ି ସଜାଡ଼ି ସାରିଲିଣି ।

ପଟିଆ, ଭୁବନେଶ୍ୱର

# ରୂପାଜହ୍ନ

- ଶ୍ରୀମତୀ ସୁଷମା ରାଣୀ ରଥ

ଲନ୍‌ରେ ବସି ଚା ପିଉଥିଲେ ଦିପିକା । ବୟସ ତାଙ୍କର ୬୫ ବର୍ଷ । ଅପରାହ୍ନରେ ବାହାରେ ବସି ଅତୀତକୁ ରୋମନ୍ଥନ କରିବାରେ ତାଙ୍କୁ ଆନନ୍ଦ ମିଳେ । ପଦି ଆସି ଡାକିଲା, "ମାଆ ଆସ ଆମ ଘରେ ସଂଧ୍ୟା ଦୀପ ଲାଗିଲାଣି, ପ୍ରାର୍ଥନା କରିବ" ଏହି ପଦି ହିଁ ତାଙ୍କର ଘର ସମ୍ଭାଳିଛି । ଘର ବାହାର ଦୋକାନ ବଜାର ସବୁ କିଛି ।

ଦିନ ଥିଲା ସେ ଦୂର ସହରରେ ରହି ପାଠ ପଢୁଥିଲେ । ପରେ ସରକାରୀ ଶିକ୍ଷୟିତ୍ରୀ ଚାକିରି, ବାପାଙ୍କର ପ୍ରାଇଭେଟ୍ ଚାକିରୀ । ବାପାଙ୍କର ଅବସର ପରେ ପରେ ଘରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ପଡ଼ିଲା ।

ବାପା ବୋଉଙ୍କର ମେଡ଼ିସିନ୍, ଭାଇର କଲେଜ ପଢ଼ା, ଭଉଣୀର ସ୍କୁଲ ପଢ଼ା, ସବୁ କିଛି ସେ ସମ୍ଭାଳି ନେଲେ । ଭାଇ ପାଠ ପଢ଼ି ସାରି ଏବେ ସୁଦୂର ଦିଲ୍ଲୀରେ ଏକ ପ୍ରତିଷ୍ଠିତ କମ୍ପାନୀରେ କାର୍ଯ୍ୟରତ । ଭଉଣୀ ବାହାଘର ପରେ ଏବେ ଆମେରିକାରେ । ବାପା ବୋଉଙ୍କର ବାରମ୍ବାର କହିବା ସତ୍ତ୍ୱେ ସେ ବିବାହ କରି ନଥିଲେ । କାହା ମୁଣ୍ଡରେ ଏ ପରିବାର ବୋଝକୁ ଲଦିଦେଇ ସେ ନିଜର ସୁଖୀ ସଂସାର ଗଢ଼ିଥାଆନ୍ତେ ?

ଯୌବନ ବେଳେ ସେ ଖୁବ୍ ସୁନ୍ଦରୀ ନ ଥିଲେ ବି ଅସୁନ୍ଦର ନଥିଲେ । ସରକାରୀ ଚାକିରି ଲାଗି ସେ ବିଭିନ୍ନ ଜାଗାକୁ ବଦଳି ହୋଇଥିଲେ । ତାଙ୍କର ସମବୟସୀଗଣ ଏକ ଏକ କରି ସମସ୍ତେ ବାହା ହୋଇ ଗଲେ । ବେଳେବେଳେ ମନ ତଳର ନିଭୃତ କୋଣରେ ତାଙ୍କର ଉଙ୍କି ମାରେ ଏକ ସୁନାର ଛୋଟ ସଂସାରଟିଏ ।

ସ୍ୱାମୀ ପୁତ୍ର କନ୍ୟାଙ୍କୁ ନେଇ ସ୍ୱପ୍ନ ଦେଖନ୍ତି ଏକ ଭରପୁର ସଂସାରର ଦିପିକା କିନ୍ତୁ ବାସ୍ତବବାଦୀ ଦିପିକା କେବେ ସେ ସ୍ୱପ୍ନରେ ବିଭୋର ହୋଇ ନାହାନ୍ତି । ବେଳେବେଳେ ନିଭା, ତାଙ୍କ ପିଲା ବେଳର ସାଙ୍ଗ ତାଙ୍କୁ ଦେଖା କରିବାକୁ ଆସୁଥିଲା । ଅଯଥାରେ ଶିଶୁ ପୁତ୍ରକୁ ଗେଲ କରୁ କରୁ କହେ, "ଜାଣିଛୁ ଦିପିକା ଏ ପିଲା ବହୁତ ଦୁଷ୍ଟ ହୋଇଛି । ଜମା ଛାଡୁନି । କେମିତି କେମିତି ଯେ ମୁଁ ତାକୁ ସମ୍ଭାଳିଛି ମୁଁ ଜାଣେ । ଆଉ ତୁ କେବେ ସଂସାର କରୁଛୁ ?" ନିଭା କାହିଁକି ପ୍ରତି ସାଙ୍ଗସାଥୀଙ୍କ ହସ, ଥଟ୍ଟା ମଜାକୁ ସେ ଅଳ୍ପ ହସି ଏଡ଼ାଇ ଦେଇଛନ୍ତି । କହିଛନ୍ତି "ମୋର ଏତେ ବଡ଼ ସଂସାର ଛାଡ଼ି ମୁଁ ଆଉ ସଂସାରୀ ହେବାକୁ ଚାହୁଁନି ।"

ଭାଇ ଭଉଣୀଙ୍କୁ ମଣିଷ କରି , ବାପା ବୋଉଙ୍କ ଦାୟିତ୍ୱ ସମ୍ଭାଳି କେତେବେଳେ ଯେ ତା ବୟସ ୨୪ ରୁ ୫୦ ଅତିକ୍ରମ କଲା ସେ ଜାଣି ପାରିଲେନି । ସଂସାରର ସିଡ଼ି ଚଢ଼ିବା ବେଳେ ସେ ପଛକୁ ଚାହିଁବାର ଅବକାଶ ପାଇନାହାନ୍ତି । ହଁ ରୁଟିନ୍ ବନ୍ଧା ଜୀବନରେ ନିଜକୁ ସାମିଲ୍ କରିନେଲେ । ସ୍କୁଲ୍‌ରୁ ଘର, ଘରୁ ସ୍କୁଲ, ଏବେ ବି ଶୁଭ୍ରକାନ୍ତଙ୍କ ଚେହେରା ତାଙ୍କ ମନ ଆଇନାରେ ଉଙ୍କି ମାରେ । ସେ ତାଙ୍କୁ ବିବାହ କରିବାର ପ୍ରସ୍ତାବ ଦେଇଥିଲେ ଯାହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲା । ନିଜ ସଂସାରର ଦ୍ୱାହି ଦେଇ । କାଳକ୍ରମେ ଆଗେ ବାପା, ତାପରେ ମାଆ, ଜଣ ଜଣ କରି ଆର ପାରିକି ଚାଲିଗଲେ । ଭାଇ ଏବେ ଦିଲ୍ଲୀରେ ଓ ଭଉଣୀ ସୁଦୂର ଆମେରିକାରେ । ଯେଝାର ଘର ଜଂଜାଳରେ ବ୍ୟସ୍ତ । ଘର କାମ ବୁଝା ସୁଝା କରିବା ପାଇଁ ଜଣେ ସାଙ୍ଗ ଜୁଟାଇ ଦେଲେ ପଦିକୁ । ପଦି ସ୍ୱାମୀ ପରିତ୍ୟକ୍ତା । ସ୍ୱାମୀ ଅନ୍ୟ ସ୍ତ୍ରୀ ସହିତ ସହର ଛାଡ଼ି ପଳାଇବା ପରେ ପଦି ଧୈର୍ଯ୍ୟ ହରା ନ ହୋଇ ବସ୍ତି ଅଂଚଳରେ ରହି ନିଜର ଗୁଜୁରାଣ ମେଂଟାଉଥିଲା ।

ଏବେ ସଂସାର କହିଲେ ସେ, ପଦି ଓ ତାର ଝିଅ ମନି । ରିଟାୟର୍ଡ଼ ପରେ ସେ ଏବେ ଘରେ ରହୁଛନ୍ତି । ପଦିର ଝିଅ ମନିକୁ ମଣିଷ କରିବାର ଦାୟିତ୍ୱ ସେ ନେଲେ । ସ୍ଥାନୀୟ ଇଂରାଜୀ ମାଧ୍ୟମ ସ୍କୁଲରେ ତାର ନାମ ଲେଖାଇଲେ । ସଂଧ୍ୟା ବେଳେ ତାକୁ ପାଠ ପଢ଼ାଇଲେ । ମନି ମେଧାବି । ସି.ବି.ଏସ୍.ଇ ବୋର୍ଡ଼ କରୀକ୍ଷାରେ ନବେ ପ୍ରତିଶତ ନମ୍ବର ପାଇ ସେ କଲେଜ ଗଲା । ସରକାରୀ ଇଞ୍ଜିନିୟରିଂ କଲେଜରେ ପାଠ ପଢ଼ି ଏବେ ବାଙ୍ଗାଲୋରରେ ଏକ ମଲ୍ଟି ନ୍ୟାସନାଲ୍ କମ୍ପାନୀରେ କାର୍ଯ୍ୟରତା । ମନେ ଅଛି ତାର ରାଉରକେଲା ରେ ଯାଇ ପାଠ ପଢ଼ିବା, ତାକୁ ସାଙ୍ଗରେ ନେଇ ଦିପିକା ରାଉରକେଲାରେ ଛାଡ଼ିଲେ । ଏବେ ସେ ନିଜେ ଯାଇ ତାର ଭଡ଼ା ଘରେ ରହି ଆସିଛନ୍ତି । ସେ କେମିତି ସୁବିଧାରେ ରହିବ, ତା'ର ବନ୍ଦୋବସ୍ତ କରି ଆସିଛନ୍ତି । ଆଜି ତାଙ୍କ ମନରେ କୌଣସି ଅବଶୋଷ ନାହିଁ । ମନି ତାଙ୍କୁ ବହୁତ ସ୍ନେହ କରେ । ଆଈ ଆଈ ବୋଲି ଗେହ୍ଲେଇ ହୁଏ ।

ଏବେ ମନି ଫୋନ୍ କରିଛି । କହିଛି ଆଉ ତୁମେ କେବେ ଆସିବ ? ମୋର ଏଠି ଜମା ମନ ଲାଗୁନି । ତୁମେ ମୋ ମାଆକୁ ନେଇ ଆସ । ଆମେ ଏଠି ରହିବା । ନିତି ସେ ତାଙ୍କ ସାଙ୍ଗରେ ଫୋନ୍‌ରେ କଥା ହୁଏ । ଗଲା ମାସରେ ଆସିଥିଲା ମନି । ତାଙ୍କ ପାଇଁ ବାଙ୍ଗାଲୋର ସିଲ୍କି ଶାଢ଼ୀ ଓ ନୂଆ ଶାଲ୍ ଆଣିଥିଲା । ବାହାଘର ବିଷୟରେ ପଚାରିବାରୁ କହିଲା "ନାଇଁ ଆଈ, ମୁଁ ଆଗେ ୫ ବର୍ଷ ଯାଏ ଜବ୍ କରି ସେଟେଲ୍ ହେଲା ପରେ ବାହାଘର ।"

ଏବେ ଦିପିକା ଶାନ୍ତିରେ ନିଶ୍ୱାସ ମାରୁଛନ୍ତି । ବିବାହ ନ କରି ମଧ୍ୟ ପଦି ଭଳି ଝିଅର ମାଆ ହୋଇଛନ୍ତି ଓ ମନି ଭଳି ସୁନ୍ଦରୀ ନାତୁଣୀ ପାଇଛନ୍ତି ।

"ଆଈ" ଫେରି ଚାହିଁଲେ ଦିପିକା, "ଆରେ ମନି ତୁ କେତେବେଳେ ?" ଏଇ ସାଙ୍ଗେ ସାଙ୍ଗେ ପହଂଚିଲି ତୁମକୁ ସରପ୍ରାଇଜ୍ ଦେବି ବୋଲି । ତିନି ଦିନ ଛୁଟି ନେଇ ଆସିଛି । ସେ ଆନନ୍ଦରେ ମନିକୁ କୋଳେଇ ନେଲେ । ମନି କହିଲା "ଏଥର କିନ୍ତୁ ମୋ ଜନ୍ମ ଦିନଟା ମୁଁ ତୁମ ସହିତ ପାଳିବି । ଏଥର ମୋତେ କ'ଣ ଗିଫ୍ଟ ଦେବ କହିଲ ? ତୁମର ବିନା ଆଶୀର୍ବାଦରେ ମୁଁ କେମିତି ସେଠି ମୋ ବାର୍ଥ ଡେ ମନାଇ ଥାଆନ୍ତି ?

ଆଖିରୁ ଦୁଇଧାର ଆନନ୍ଦାଶ୍ରୁ ତାଙ୍କ ଗଣ୍ଡ ଦେଇ ବହିଗଲା । ସେ ନାତୁଣୀକୁ ଛାତିକୁ ଆଉଜାଇ ନେଲେ । ଦୂରରୁ ପଦିର ପ୍ରାର୍ଥନା ଶୁଭୁଥିଲା । ଆକାଶରେ ରୂପା ଜହ୍ନ ଖିଲି ଖିଲି ହୋଇ ହସୁଥିଲା ।

ସାଆନ୍ତସାହି, କଟକ

# ଡାଏରୀ

- *ଅନିଲ ସାହୁ*

ରାତି ୧୦ଟା ରେ ଦୋକାନ ବନ୍ଦ କରି ଘରକୁ ଆସି ଦେଖେ ତ ସ୍ୱପ୍ନା ଶୋଇ ପଡ଼ିଛି । ଡ୍ରେସ ବଦଳି ଫ୍ରେସ ହୋଇ ସିଧା dining room କୁ ଯାଇ ଡାକିଲି ସ୍ୱପ୍ନା ଭୋକ ହେଲାଣି ଆସ ଖାଇବା । ।

- ସେପଟରୁ ସ୍ୱର ଶୁଭିଲା ଖାଇବା ରଖି ଦେଇଛି ଖାଇନିଅ । ।

- ପ୍ରଥମ ଥର ପାଇଁ ଏମିତି କଥା ଶୁଣି ଆଶ୍ଚର୍ଯ୍ୟ ଲାଗିଲା । । ଆଚ୍ଛା କହିଲ ମୁଁ କ'ଣ ତୁମକୁ ଏକା ଛାଡ଼ି କେବେ ଖାଇଛି । ।

- ଭାବିନିଅ ଆଜି ଠାରୁ ତୁମେ ଅଲଗା ଖାଇବ ଆଉ ମୁଁ ଅଲଗା ଖାଇବି । ।

- ତୁମ କଥା ଶୁଣି ମୋତେ ଲାଗିଲା ମୋ ଅଜାଣତରେ ମୁଁ ତୁମ ମନରେ କିଛି ଆଘାତ ଦେଇଛି । ମୁଁ ଟିକେ ରାଗି ଯାଇ କହିଲି ଖାଇବ ନା ନାହିଁ । ନହେଲେ ମୁଁ ବି ଯାଉଛି ଉପାଶ ଶୋଇବି । । ମୋ କଥା ଶୁଣି ଖାଇବା ପାଇଁ ଆସିଲ । ।

ତୁମର ଏଇ ଗୁଣଟା ମୋତେ ବହୁତ ଭଲ ଲାଗିଲା ସ୍ୱପ୍ନା । । ଆଜି ଯାଏ ତୁମେ ମୋର କୌଣସି କଥାକୁ କେବେ ଅମାନ୍ୟ କରିନ । । ଖାଇବା ପାଇଁ ଇଚ୍ଛା ନ ଥିଲେ ବି ବାଧ ବାଧକତାରେ ଅଳ୍ପ ଦିଟା ଖାଇ ଚାଲି ଆସିଲ । ମୁଁ ବି ଭଲରେ ଖାଇ ପାରିଲିନି । । ଅଧା ଖାଇବାରୁ ଉଠି ଶୋଇବା ଘରକୁ ଆସିଲି । ।

- ଏବେ ତ କୁହ ସ୍ୱପ୍ନା କାହିଁକି ଏତେ ଅଭିମାନ ? କ'ଣ ହୋଇଛି ତୁମର ? ?

- ମୁଁ କାହିଁକି କାହା ଉପରେ ଅଭିମାନ କରିବି ? ମୋର କିଛି ହୋଇନି । ।

- ମୋ ମୁହଁକୁ ଥରେ ଚାହିଁ କୁହ ତ ତୁମର କିଛି ହେଇନି । ।

- ଅଭିମାନ ସ୍ୱରରେ କହିଲ ସୋନା କିଏ ? ତା ପରିଚୟ କ'ଣ ? ?

ତୁମେ ଏମିତି ଅପ୍ରତ୍ୟାଶିତ ପ୍ରଶ୍ନଟିଏ ପଚାରିବ ବୋଲି ମୁଁ କେବେ ଭାବି ନଥିଲି । କିଛି ବି ଉତ୍ତର ଦେଇ ପାରିଲିନି । ନୀରବ ରହିଲି । ।

- ମୁଁ କ'ଣ ତୁମକୁ ପଚାରୁଛି ଶୁଭୁଚି ନା ନାହିଁ । ସୋନା କିଏ ତା ସହିତ ତୁମ ସମ୍ପର୍କ କ'ଣ ? ?

- ତାହେଲେ ତୁମେ ଆଜି ସେ ଡାଏରୀ ପଢ଼ିଛ । ତାହେଲେ ଏ କଥା ବି ଜାଣି ଥିବ ସୋନା କିଏ, ତା ପରିଚୟ କଣ ଆଉ ତା ସହିତ ମୋ ସମ୍ପର୍କ କ'ଣ ? ?

- ହଁ ହଁ ସବୁ ଜାଣିଛି । କିନ୍ତୁ ତୁମ ମୁହଁରୁ ଶୁଣିବାକୁ ଚାହେଁ । ।

- ତା ହେଲେ ଶୁଣ......... ଦିନ ଥିଲା ସୋନାକୁ ମୁଁ ପାଗଳ ପରି ଭଲ ପାଉଥିଲି । ସୋନା ମୋ ଜୀବନ ଥିଲା । ମୁଁ ଶରୀର ହେଲେ ସେ ମୋ ଆତ୍ମା, ମୁଁ ଭ୍ରମର ହେଲେ ସେ ମୋ ଫୁଲ । ଦୁହେଁ ଦୁହିଁଙ୍କୁ ଖୁବ୍ ଭଲ ପାଉଥିଲୁ । ।

- ତା ହେଲେ ମୋତେ ଏ ସବୁ କ'ଣ ପାଇଁ ଲୁଚାଇ ଥିଲ ? ?

- ମୁଁ ତୁମକୁ କିଛି ଲୁଚେଇନି ସ୍ୱପ୍ନା, ବାସର ରାତି ଦିନ ମୁଁ ତୁମକୁ କଣ କହିଥିଲି ସେ ସବୁ ବୋଧ ହୁଏ ତୁମର ମନେ ନାହିଁ । ମୁଁ କେବେ ତୁମ ଅତୀତ ଜାଣିବାକୁ ଚାହୁଁନି କି ଚାହିଁବିନି । ପ୍ରତିଟି ମଣିଷର ଅତୀତ ଜୀବନ ସହିତ ଏମିତି କିଛି ସ୍ମୃତି ଜଡ଼ିତ ହୋଇ ରହି ଥାଏ ଯାହା ହସ, ଖୁସି ବଦଳରେ ଦୁଃଖ, ଯନ୍ତ୍ରଣା ଅଧିକ ଦେଇ ଥାଏ । । ମୁଁ ବର୍ତ୍ତମାନକୁ ନେଇ ବଂଚିବାକୁ ଚାହେଁ । । ଅଗ୍ନିକୁ ସାକ୍ଷୀ କରି ତୁମ ହାତ ଧରିଛି । ସୁଖ ଦୁଃଖରେ ତୁମ ସାଥିରେ ରହିବି । ବୟସର ସାୟହ୍ନରେ ବି ତୁମ ହାତ ଛାଡ଼ିବି ନାହିଁ ।

ସ୍ୱପ୍ନା... ତୁମେ ଯଦି ଚାହୁଁଛ ମୋ ଅତୀତ ବିଷୟରେ କିଛି ଜାଣିବାକୁ ତା ହେଲେ ବିନା ସଙ୍କୋଚରେ ପ୍ରଶ୍ନ କରିପାର । । କିନ୍ତୁ ତୁମେ କହିଥିଲ ମୁଁ ତୁମ ଅତୀତ ବିଷୟରେ କିଛି ବି ଜାଣିବାକୁ ଚାହୁଁନି । । ମୁଁ ବି ବର୍ତ୍ତମାନକୁ ନେଇ ବଂଚିବାକୁ ଚାହେଁ । । ବଂଚିବି ତ ତୁମ ପାଇଁ, ମରିବି ତ ତୁମ ପାଇଁ । ।

ତାହେଲେ କୁହ ମୋର ଭୁଲ ରହିଲା କେଉଁଠି ? ? ବିବାହର ଏତେ ଦିନ ପରେ ନା ତୁମ ମନରେ କେବେ କଷ୍ଟ ଦେଇଛି, ନା ତୁମ ଅଜାଣତରେ କୌଣସି ଝିଅ ସହ ସମ୍ପର୍କ ରଖିଛି । ।

ମୋ କଥା ଶୁଣି ସ୍ୱପ୍ନାର ଅଭିମାନ ଚେହେରାଟା ଧୀରେ ଧୀରେ ବଦଳି ଗଲା । ମୋ ପ୍ରତି ଥିବା ସ୍ନେହ, ବିଶ୍ୱାସ ଓ ଭଲ ପାଇବାର କେଇ ବୁନ୍ଦା ଲୁହ ଆଖିରୁ ଝରି ପଡ଼ିଲା । ।

-ସତରେ ସଞ୍ଜୟ ତୁମେ ସୋନାକୁ ତୁମ ଜୀବନଠୁ ବେଶୀ ଭଲ ପାଉଥିଲ । ତୁମ ଡାଏରୀ ମୁଁ ସମ୍ପୂର୍ଣ୍ଣ ପଢ଼ିଛି । । ଯେ କେହିବି ତୁମ ଡାଏରୀ ପଢ଼ିବ ନ କାନ୍ଦି ରହି ପାରିବନି । । ତୁମେ ତାଙ୍କୁ ଦେଖା କରିବା ପାଇଁ ରାତି ୧୧ଟାରେ ପୁରୀରୁ ଆସିଥିଲ । ଯେଉଁ ଦିନ ସେ ପ୍ରଥମ ଥର ପାଇଁ ରୋଷେଇ କରିଥିଲେ ନିଜ ହାତରେ ତୁମକୁ ଖୁଆଇ ଦେବା ପାଇଁ ଖାଇବା ଲୁଚାଇ ରଖିଥିଲେ । ଆଉ ସୁଯୋଗ ଦେଖି ରାତି ୧୧ଟା ରେ ଡାକି ନିଜ ହାତରେ ଖୁଆଇ ଦେଇଥିଲେ । । ତୁମ ପାଇଁ ହାତରେ ଶଙ୍ଖା, ମଥାରେ ସିନ୍ଦୁର ନପିନ୍ଧି ବି ସାବିତ୍ରୀ ବ୍ରତ କରିଥିଲେ । ସାବିତ୍ରୀ ବ୍ରତ ପୂର୍ବ ଦିନ ସେ ତୁମକୁ ଶାଢ଼ୀ ମାଗି ଥିଲେ । ତୁମେ ତାଙ୍କୁ ଶାଢ଼ୀଟିଏ ଉପହାର ଦେଇଥିଲ । ସେ ଶାଢ଼ୀକୁ ନ ପିନ୍ଧି ଦେହରେ ଗୋଡ଼େଇ ହୋଇ ରାତି ଅଧରେ ଆସି ତୁମକୁ ପ୍ରଣାମ କରିଥିଲେ । । ଏତେ ଭଲ ପାଇବା ପରେ ବି କାହିଁକି ତୁମେ ତାଙ୍କୁ ବିବାହ କଲନି ? ?

- ତୁମେ ତା ହେଲେ ସେ ଡାଏରୀ ସମ୍ପୂର୍ଣ୍ଣ ଭାବରେ ପଢ଼ିଛ । ଆଛା କହିଲ ସ୍ୱପ୍ନା ତୁମେ କ'ଣ ଜାଣିଥିଲ ମୋତେ ବିବାହ କରିବ ବୋଲି । । ଜାଣି ନଥିଲ ନା । । ଦୁଇଟି ଅଜଣା ଅପରିଚିତ ମଣିଷ ଆଜି ଗୋଟିଏ ବନ୍ଧନରେ ବାନ୍ଧି ହୋଇ ଗଲେ । ମୁଁ ଶୁଣିଛି ବିବାହ ହେଉଛି ପବିତ୍ର ବନ୍ଧନ । ଏହା ଆଗରୁ ଭଗବାନ ସ୍ଥିରୀକୃତ କରିଥାନ୍ତି । ଯିଏ ଯା ହାଣ୍ଡିରେ ଚାଉଳ ପକେଇବା କଥା ନିଶ୍ଚୟ ପକେଇବ । ।

ହୁଏତ ଭଗବାନ ମୋ ଭାଗ୍ୟରେ ସୋନାକୁ ଲେଖି ନଥିଲେ । ।

- ସତରେ ସଞ୍ଜୟ ବିଚାରୀ ସୋନା କେଡ଼େ ଅଭାଗିନୀ, ତୁମକୁ ନିଜର କରି ପାରିଲାନି । ଆଉ ମୋତେ ଦେଖ ମୁଁ କେତେ ଭାଗ୍ୟବାନ ତୁମ ପରି ସ୍ୱାମୀଟିଏ ପାଇଛି । ।

- ଥାଉ ସ୍ୱପ୍ନା ଏତେ ଆଉ ଫୁଲେଇ ହୁଅନା । ମୋତେ କଥା ଦିଅ ସେ ଡାଏରୀକୁ ଆଉ କେବେ ପଢ଼ିବନି କି ମୋ ଆଗରେ ଅଭିମାନର ପାଚେରୀଟିଏ ଛିଡ଼ା କରିବନି । । ମୁଁ ଆଉ ସେ ଅତୀତକୁ ଫେରିବାକୁ ଚାହେଁନା । ବର୍ତ୍ତମାନକୁ ନେଇ ବଂଚିବାକୁ ଚାହେଁ ତୁମରି ସାଥୀରେ । ।

- ଈଶ୍ୱରାପାଳ, ଢେଙ୍କାନାଳ

# ନୀଳକଣ୍ଠ

- *ଗୀତାଞ୍ଜଳୀ ନାୟକ*

କୋଠରୀ ଭିତରକୁ ଆସି ମୁଁ ଏପଟ, ସେପଟ ଚାହିଁଲି । କରେଂଟ ଟା ଠିକ୍ କ'ଣ ଏତିକି ବେଳେ କଟିବାର ଥିଲା । ଆଉ ଲଣ୍ଠନ ର ବତୀଟିକୁ ଟିକିଏ ତେଜି ଧିରେ, ଧିରେ ଆଗକୁ ବଢ଼ିଲି । ଆଉ ବାରମ୍ବାର ପିଲାଟିର କାନ୍ଦଣା ମୋ କାନରେ ବାଜିଲା । ଆରେ 'ମା' ଟି କଣ କରୁଛି, ଯେ ପିଲାଟି ଏତେ କାନ୍ଦୁଛି ତାକୁ ଟିକେ ବୁଝଉନି । ମୁଁ ବାହାର କବାଟ ଖୋଲି ଦୂଆରକୁ ଟିକେ ଆସିଲି । ଆଉ ଚଉରା ମୂଳ ଚଉତରାରେ ଟିକେ ଥକା ମାରି ବସି ପଡ଼ିଲି । ହେଲେ ପିଲାଟିର କାନ୍ଦ ବନ୍ଦ ବଦଳରେ ବଢ଼ି ଚାଲିଲା । ରାହା ଧରି ପିଲାଟି କାନ୍ଦୁଥାଏ । ଆଉ କରେଂଟ ଆସିବା ଯାଏ ଅପେକ୍ଷା ନ କରି, ଲଣ୍ଠନ ଟିକୁ ହାତରେ ଧରି ଚାଲିଲି ସେହି ଘର ଆଡ଼େ । ବାହାରେ ଛୋଟିଆ ଘରଟିଏ । ଏଇ ଜରିଅଖାର କାନ୍ଥ, ଆଉ ଉପରେ ପଲିଥିନ୍ ବନ୍ଧା ଘରଟିଏ । ତା ଭିତରେ ଛୁଆଟି କାନ୍ଦୁଛି । ହେଲେ ଏ ଲୋକ ଦିଜଣ କୁଆଡ଼େ ଗଲେ ? ବହୁ ସମୟ ଅପେକ୍ଷା କଲି, ପିଲାଟିକୁ ଛାଡ଼ିଦେଇ ଏମାନେ ଗଲେ କୁଆଡ଼େ ? ମନ ହେଲା ଧରିକି ଟିକେ ବୁଝେଇ ଦେବି । ଧରିଲାରୁ ପିଲାଟି ଟିକେ ଚୁପ୍ ହେଇଗଲା । ଶୀତଦିନ ରାତି ପିଲାଟି ଥରୁଥାଏ । ପିଲାଟିକୁ ଆଣି କମ୍ବଳ ଟି ଘୋଡ଼େଇ ଦେଲି । ଆଉ ଖିର ଟିକେ ଖୋଜୁ ଖୋଜୁ ଭାବିଲି ମୋ ଘରେ ଖିର ବା ଆସିବ କୋଉଠୁ ? ମୁଁ ତ ଏକୁଟିଆ ଚାକିରି ଖୋଜିବାକୁ ଆସି ଏଠି ରହି ଟିଉସନ୍ କରି ନିଜ ଖର୍ଚ୍ଚ, ଆଉ ଫର୍ମଫିଲପ ଇତ୍ୟାଦି ଖର୍ଚ୍ଚ, ଆଉ ନିଜ ଖର୍ଚ୍ଚ ଜେନ ତେନ ପ୍ରକାରେଣ ଚଳିଯାଏ । ମୋ ଘରେ ଛୁଆଟି ଖାଇବ କ'ଣ ? ଚିନି ଟିକେ ଆଣି ପାଣିରେ ଗୋଳେଇ ପିଇବାକୁ ଦେଇ ଦେଲି । ପିଲାଟି ଯେମିତି ସାତଜନ୍ମ ରୁ ଭୋକିଲା ଥିଲା । ଢକ ଢକ କରି ପିଲାଟି ସବୁତକ ଚିନି ପାଣି ପିଇଦେଲା । ରାତିରେ ବହୁତ ସମୟ ଧରି ଅପେକ୍ଷା କଲି । ହେଲେ କାହିଁ ସେ କାମ କରୁଥିବା ସ୍ୱାମୀ, ସ୍ତ୍ରୀ ଦି ଜଣ ଜାକ କାହିଁ ଦେଖା ଜାଉ ନାହାନ୍ତି ତ ? ଶେଯରେ ଶୋଇ ଶୋଇ ମୁଁ କଡ଼ ଲେଉଟାଉ ଥିଲି । କିନ୍ତୁ ନିଦ୍ରାଦେବୀ କୌଣସି ପ୍ରକାରେ ମୋ ପ୍ରତି ପ୍ରସନ୍ନା ନ ଥିଲେ । ଭାବିଲି କିଛି ପଢ଼ି ଦେବି, ପଢ଼ିବାକୁ ଗଲାବେଳେ ମୁଣ୍ଡକୁ କିଛି ପଶୁ ନଥାଏ । ଛୁଆଟି କିନ୍ତୁ ଚିନି ପାଣି ଟିକକ ପିଇଦେଇ କାନ୍ଦି କାନ୍ଦି ଥକି ପଡ଼ିଥିବା ପିଲାଟି ବହୁତ ଗାଢ଼ ନିଦରେ ଶୋଇ ପଡ଼ିଛି । ସକାଳକୁ ଅପେକ୍ଷା କରି କରି ରାତିଟି ମୋର କଟିଗଲା । ମୁଁ ପିଲାଟିକୁ ତଳ ଘର ମାଉସୀଙ୍କ ପାଖରେ ଛାଡ଼ିଦେଇ ବସଷ୍ଟାଣ୍ଡରୁ ଖୋଜି ଖୋଜି ଷ୍ଟେସନ୍ କୁ ଧାଇଁ ଗଲି । ସେଠାରେ ଦେଖିଲା ବେଳକୁ ସେ ସ୍ୱାମୀ ସ୍ତ୍ରୀ ଦି ଜଣ ସମ୍ବଲପୁର ଟ୍ରେନ୍‌କୁ ଅପେକ୍ଷା କରିଥାନ୍ତି । ମୁଁ ତାଙ୍କ ପାଖକୁ ଯାଇ ପଚାରିଲି ପିଲାଟିକୁ ଏମିତି ଅଳିଆ ଗଦାରେ ଫୋପଡ଼ିଲା ପରି ରାତିସାରା ପକେଇ ଦେଇ କାହିଁକି ପଳଉଛ ? 'ମା' ତାର ଉତର ଦେଲା, କହିଲା ଆମେ ସେ ଛୋଟା ପିଲାଟିକୁ ନେଇ କୁଆଡ଼େ ଯିବୁ ? ଆଉ କାମ ନ କଲେ ଆମେ ଖାଇବୁ କ'ଣ ? ଆମେ ଆସିଥିଲୁ ଏଠି କାମ କରି କିଛି ପଇସା ନେଲେ, ଘର ବଖରେ କରି ରହିବୁ । ଘର ପାଇଁ କିଛି ପଇସା ହେଇଗଲାଣି । ତେଣୁ ଆମେ ଆମ ଘରକୁ ଜାଉଛୁ । ମୁଁ ଯେତେ ଅନୁରୋଧ କଲି, ସବୁ ଅନୁରୋଧ ତାଙ୍କ ପାଇଁ ମୂଲ୍ୟହୀନ ଥିଲା । ସେ ମୋର କୌଣସି କଥାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲେ । ଓଲଟା କହିଲା ପିଲାଟିକୁ କେଉଁଠି ପକେଇ ଦିଅ । ମୁଁ ନିରାଶାରେ ଘରକୁ ଫେରିବା ସମୟରେ ପଚାରିଲି । ତୁମ ଦୁଇଜଣଙ୍କ ନାଁ କ'ଣ ? ଆଉ ଘର ଠିକଣା ବୁଝିଲି, ଆଉ ନିରାଶା ମନ ନେଇ ଫେରି ଆସିଲି । ମାଉସୀ ଖିର ଟିକିଏ ପିଏଇ ପିଲାଟିକୁ ରଖିଥାନ୍ତି । ବହୁତ ଲୋକଙ୍କୁ ପଚାରିଲି । ପିଲାଟିକି କିଏ କାଳେ ଆପଣେଇ ନେବ ? ସମସ୍ତେ ମନା କରିଦେଲେ, ବାଧ ହୋଇ ଆମ ଗାଁ କୁ ନେଇ ଆସିଲି । ବୋଉଟି ମୋର ଭାରି ଉଦାର ହୃଦୟର । ତାକୁ ସବୁ କଥା କହିଲି । ମୋ ବୋଉ ତାକୁ ଆଦରରେ କୋଳେଇ ନେଇ କହିଲା । ମୁଁ ଅଛି ତୁ ତାକୁ ଛାଡ଼ି ଯା, ମୁଁ ତାକୁ ରଖିବି । ତୁ ବ୍ୟସ୍ତ ହେବୁନି । ମୋ ବୋଉ ତ ସବୁ ଜୀବ ପ୍ରତି ଭାରି ଦୟା କରେ । ତେଣୁ ତା କଥା ଆଉ କାମ ଭିତରେ ମୋର ତିଳେ ବି ସନ୍ଦେହ ନାହିଁ । ଛାଡ଼ିକି ଆସିଲି ଭାରି । ଇଂଟରଭ୍ୟୁ ଦେଉଥାଏ । ଏମିତି ଦିନେ ଆମ 'ମା', ପୁଅ ଙ୍କ ପାଇଁ ଭାଗ୍ୟ ଦେବୀ ଶୁଭ ଖବରଟିଏ ଧରି ଆମକୁ ଭେଟି ଦେବା ପାଇଁ ମହା ଅନେନ୍ଦରେ ଯେମିତି ମୋ ପାଖକୁ ଆସିଲେ । ପୋଷ୍ଟ ପିଅନ୍ ଆସି ମୋ ହାତକୁ ବଢ଼େଇ ଦେଲା ଜଇନିଂ ଲେଟର ଟି । ମୁଁ ଭୁବନେଶ୍ୱର ରେ କ୍ଳର୍କ ଭାବେ ଜଇନିଂ କଲି । ତାର ୪ ବର୍ଷ ପରେ ବୋଉ ମୋର ବାହାଘର କରିଦେଲା । ମୋ ବୋଉ ଛୁଆଟିର ନାଁ ନୀଳକଣ୍ଠ ଦେଇଥାଏ । ମୋ ସଂସାର ବଢ଼ି ଚାଲିଲା । ହେଲେ ମୋ ବୋଉ ପରି ମୋ ସ୍ତ୍ରୀ ମଧ ନୀଳକଣ୍ଠ ର ବେସ୍ ଆଦର ଯତ୍ନ ନିଏ, କେହି ଜାଣିପାରି ବେନି ଯେ ତାକୁ ଆମେ ପାଇକି ଆଣିଛୁ ବୋଲି । କି ସିଏ ପଙ୍ଗୁ ବୋଲି ତାକୁ ଆମ ଘରଲୋକ ମଧ କେତେବେଳେ ଭାବିବାକୁ ଦିଅନ୍ତି ନାହିଁ । ପାଠରେ ସେ ଏତେ ଭଲ ପଢୁଥିଲା ସତେ ଯେମିତି ସରସ୍ୱତୀଙ୍କ ବରପୁତ୍ର । ସ୍କୁଲ ସାରେ, ଟିଉସନ୍ ସାରେ ସମସ୍ତେ ଭାରି ପ୍ରଶଂସା । ଏମିତି ଗୋଟେ ଦିନ ଆସିଲା । ଆମ ମାନଙ୍କର ସ୍ୱପ୍ନ ସତ ହେଲା । ତା ଗୋଡ଼ ତାର ଆଉ କୌଣସି ବାଧା ସୃଷ୍ଟି କଲା ନାହିଁ । କାରଣ ଆମ ନୀଳକଣ୍ଠ ଆଜି ସେହି ସୋପାନରେ ପହଂଚିଛି । କେତେ ଜଣଙ୍କ ଭିତରେ ଜଣେ ହେଇଛି । ଦିଲ୍ଲୀ ଏମ୍ସ୍ ରେ ପଢ଼ିବା ପାଇଁ ଗଲା । କେତେ ଜଣ ପାଠୁଆ ଙ୍କୁ ପଛରେ ପକେଇ ପଢ଼ିବା ପାଇଁ ଗଲା । ପଢ଼ିସାରି ଯୋଗ୍ୟ ହେଇ ଫେରିଲା । ବାହାରେ ତା ପାଇଁ ଅନେକ

ଚାକିରି କରିବା ପାଇଁ ଆସିଲା ସତ, କିନ୍ତୁ ନୀଳକଣ୍ଠ ର କୌଣସି ମାନସମ୍ମାନ କି ପଇସା ପାଇଁ ଲାଳାୟୀତ ନ ଥିଲା । ସେ ସ୍ଥିର କଲା । ଯେଉଁ ଗୋଡ଼ ପାଇଁ ଦିନେ 'ମା' ମୋର ଛାଡ଼ି ଚାଲିଯାଇଥିଲା । ସେହି ମାଟି 'ମା' ଓଡ଼ିଶା ପାଇଁ ସେବା କରିବି । ମାଟି ମା'ର ଗରିବ ଦୁଃଖି, ରଙ୍କି ଅସହାୟ ମାନଙ୍କ ସେବାରେ ପ୍ରାଣ ପଣେ ଲାଗିଗଲା । ଯେଉଁ ଗୋଡ଼ ପାଇଁ ଦିନେ ବାପା, ମା ମୋତେ ଗୋଟେ ଅଳିଆ, ଆବର୍ଜନା, ଅପରିଷ୍କାର ଜିନିଷ ଭାବି ଅଳିଆ ଗଦାରେ ଫୋପାଡ଼ି ଦେଇଥିଲେ । ସେହି ପିଲାମାନଙ୍କ ପାଇଁ ସବୁ ରବିବାର ମାଗଣାରେ ସବୁ ଜିଲ୍ଲା କୁ ଯାଇ ଚିକିତ୍ସା ଆରମ୍ଭ କଲା । ମୁଁ ମଧ ଛୁଟିଦିନରେ ତାକୁ ସାହାଯ୍ୟ ପାଇଁ ପ୍ରାୟ ସାଙ୍ଗରେ ଚାଲିଯାଏ । ସେବା ପରର ଯେଉଁ ଆଶୀର୍ବାଦ, ଆଉ ଯେଉଁ ଗରିବ ଅସହାୟ ବାପା, ମା' ଙ୍କର ମନର ଆନନ୍ଦ ଦେଖିଲେ, ଆମ କ୍ଲାନ୍ତ, ଭୋକ, ଶୋଷ ଆମେ ଭୁଲିଯାଉ ଥିଲୁ । ଘରକୁ ଫେରିଲା ବେଳକୁ ଆମେ ଯେମିତି ଅନୁଭବ କରୁ କାହିଁ କେତେ ଅମୂଲ୍ୟ ଧନ, ରତ୍ନର ଭରପୁର ଗଣ୍ଠିଲି ନେଇ ଫେରୁଛୁ । ଓଃ କି ଶାନ୍ତି, କି ଆନନ୍ଦ, ଦିନେ ଆମେ ସମ୍ବଲପୁର କ୍ୟାମ୍ପରେ ଜାଇ ଥାଉ । ଦେହଟା ମୋର ଟିକେ ଭଲ ନ ଥିଲା । ନୀଳକଣ୍ଠ କହିଲା 'ଦାଦା' ଚାଲ ଯିବା । ତମର ସେଠି ଲୋକଙ୍କ କାମ କଲେ ଆପେ ଆପେ ଦେହ ଠିକ୍ ହେଇଯିବ । ହଉ ଚାଲ କହି ବାହାରିଲୁ । ଗୋଟିଏ ସ୍କୁଲ ଘରେ କ୍ୟାମ୍ପ ପଡ଼ିଲା । ବହୁତ ଲୋକ ହେଇଥିଲେ । ଶେଷରେ ଗୋଟେ ସ୍ତ୍ରୀ ଲୋକକୁ ଟୋକେଇରେ ବୋହି, ବୋହି କେତେ ଜଣ ଆଣିଥାନ୍ତି । ସମ୍ପୂର୍ଣ୍ଣ ପାରାଲିସିସ୍ ରେ ଗୋଡ଼ ଦୁଇଟା ଅଚଳ । କାଇଁ କୋଉଠି ଏ ଦୁଇଜଣଙ୍କୁ ଦେଖିଲା ପରି ମନେ ହେଉଛି । ବହୁତ ଚେଷ୍ଟା କଲି । ହେଲେ ମନେ ପଡ଼ିଲା ନାହିଁ । ଯେତେବେଳେ ରେଜିଷ୍ଟରରେ ଗାଁ, ନାଁ, ଠିକଣା ଏବଂ ତାର ନାଁ କହିଲା ମୋ ମୁଣ୍ଡ ଟିକେ ବୁଲାଇ ଦେଲା । ମୋ ପାଦତଳୁ ମାଟି ଖସିବା ପରି ଲାଗିଲା । ଏ କ'ଣ ? ଏ କି ଅମୃତ ସଂଯୋଗ ? ଯୋଉ ଗୋଡ଼ ଯୋଗୁଁ ପୁଅଟିକୁ ଛାଡ଼ି ଦେଇ ମା ଚାଲି ଯାଇଥିଲା । ସେହି 'ମା'ର ଗୋଡ଼କୁ ଆଜି ପୁଅ ତାର ବିଦ୍ୟା, ପରିଶ୍ରମ ବଳରେ ଅଚଳ ଗୋଡ଼ରେ ଶକ୍ତି ସଂଚାର କରିବାରେ ଲାଗି ପଡ଼ିଛି । ସତରେ ଏ ବଡ଼ ବିଚିତ୍ର ସଂଯୋଗ ଭଗବାନଙ୍କର । ଭଗବାନ ଙ୍କର ବୋଧେ ସବୁ ଅକର୍ମଣ୍ୟ ଶିଶୁ ଜନ୍ମ ଦେଇଥିବା 'ମା' ମାନଙ୍କ ପାଇଁ ଶିକ୍ଷା ଥିଲା । ଆମ କାମ ସାରିଦେଇ ଆମେ ଫେରି ଆସିଲୁ । ବାଟରେ ମୁଁ ନୀଳକଣ୍ଠକୁ ସବୁ କଥା କହିଲି । ସେ ପୁଣି ଥରେ ଦେଖିବାକୁ ମନ କଲା । ପର ସପ୍ତାହରେ ପୁଣି ରବିବାର କ୍ୟାମ୍ପ କଲୁ ସେହି ଜାଗାକୁ । ଆଉ ନୀଳକଣ୍ଠ ତା 'ମା' ପାଇଁ ସବୁ ଖର୍ଚ୍ଚ ବହନ କରି ନିଜ ଗାଡ଼ିରେ କଟକ ଆଣିବାର ବ୍ୟବସ୍ଥା କଲା । କିନ୍ତୁ ଆମେ ଆମ ପରିଚୟ ଦେଲୁ ନାହିଁ । ସେ କିଛି ଦିନ ରହି ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ନିଜ ଗୋଡ଼ରେ ଚାଲିକି ଗଲା । ଏବଂ ଆର ମାସରେ ଚେକ୍ଅପ୍ ପାଇଁ ଆସିବାକୁ କହିଲା । ନୀଳକଣ୍ଠ ର ଯେମିତି ଯୁଗ ଯୁଗର ତପସ୍ୟା ଆଜି ସଫଳ ହେଇଛି । ମତେ ଆସି ଆନନ୍ଦରେ କୁଣ୍ଢେଇ ପକେଇଲା । ଆନନ୍ଦର ଅଶ୍ରୁ ଗୋଡ଼ାକ ବୋଲ ନମାନି ବହି ଚାଲିଥାନ୍ତି । ମାସକ ପରେ ପୁଣି ତାର 'ମା' ଆସିଥାଏ ଚେକ୍ଅପ୍ ପାଇଁ । ସବୁ କିଛି ଠିକ୍ ଠାକ୍ ଥିଲା । ତା 'ମା' ଖୁସିରେ ଗଲା । ତା ପରେ ପରେ ଆଉ ଜଣେ ଛୋଟଛୁଆ କୁ ଧରି ତାର ବାପା, ମା ଆସିଲେ । ସେ ବି ନୀଳକଣ୍ଠ ପରି ଦୁଇଗୋଡ଼ ଜନ୍ମରୁ ଅଚଳ । ବାପା, ମା ନୀଳକଣ୍ଠ ପାଖରେ ଦେଖେଇଲେ । ଔଷଧ ପତ୍ର ନେଇ ବାହାରେ ଅପେକ୍ଷା କରିଥାନ୍ତି ।

ସବୁ ଦିନର ନୂଆ ନୂଆ ଘଟଣା ନୀଳକଣ୍ଠ ଆସି ମୋ ଆଗରେ କୁହେ । ଆମେ ଦୁଇଜଣ ବସି ସନ୍ଧ୍ୟାରେ ମୁଢ଼ି ଚୋବେଇ ଚୋବେଇ ସୁଖ, ଦୁଃଖ ହେଉ । ଆଜି କିନ୍ତୁ ଏକ ନିଆରା ଚିକିତ୍ସା ମୋ ଆଗରେ କହିଲା ।

ମୁଁ ପଚାରିଲି ସେମାନେ କାହିଁକି ଅପେକ୍ଷା କରିଥିଲେ ? ନୀଳକଣ୍ଠ କହିଲା, ମୁଁ ସେ ଦୁଇଜଣ ଙ୍କୁ ପଚାରିଲି ତୁମେ ତ ଦେଖେଇ ସାରିଲଣି । ପୁଣି କାହିଁକି ଅପେକ୍ଷା କରୁଛ ? ସେମାନେ କହିଲେ ଏ ଛୁଆଟିକୁ ଆମେ ଆଜି ଶେଷ ଥର ପାଇଁ ଦେଖିବୁ । ଆମ ଭାଗ୍ୟରେ ଆଉ ତା ସାଙ୍ଗରେ ଦେଖା ଏ ଜନ୍ମରେ ହେବ କି ନାହିଁ କେବଳ ସେ ଭଗବାନଙ୍କୁ ଜଣା । କାହିଁକି ନାଁ ଏ ହତଭାଗା ଠାରୁ ଆମେ ଆଜି ଦୂରେଇ ଯିବୁ । ତେଣୁ ମନ ବୁଝୁନି ତ ଦିନସାରା ଟିକେ ପାଖରେ ରଖି ଦେଖିବୁ । ବସ୍ ଟାଇମ୍ ହେଇଗଲେ ତାକୁ ଅନାଥ ଆଶ୍ରମରେ ଛାଡ଼ି ଦେଇ ଯିବୁ, ହେଲେ ଏ ଅକର୍ମଣ୍ୟ ପିଲାଟିକୁ ଛାଡ଼ିବା ଛଡ଼ା ଆମର ଉପାୟ ନାହିଁ । ମନ ବା ବୁଝୁଛି କୋଉଠୁ । ଆମେ ରଖିକି କ'ଣ କରିବୁ ? ମୁଁ ଦୁଇଜଣଙ୍କ କଥା ଶୁଣିଲା ପରେ ମୋ ହୃଦୟଟା ସେହି ଦିନ ମୋ 'ମା' ଛାଡ଼ି ଯାଇଥିବାର ବ୍ୟାକୁଳ କ୍ରନ୍ଦନର ଲୁହଟା ଆଖିଦେଇ ନ ବୋହି ମନଟାକୁ କିଏ ଯେମିତି ଖିନ୍ ଭିନ୍ କରିଦେଉ ଥାଏ । ଧୈର୍ଯ୍ୟ ଧରି କହିଲି

ଅସହାୟ ଛୋଟ ଛୁଆଟିକୁ ଅନାଥ ଆଶ୍ରମରେ ଛାଡ଼ନି । 'ମା', ବାପାଙ୍କ ସ୍ନେହରୁ ବଂଚିତ କରନି । ସେ ବିକଳାଙ୍ଗ ହେଲା ବୋଲି କ'ଣ ତାର 'ମା', ବାପା, ଘର ସବୁଥିରୁ ସେ ଏମିତି ଛାଡ଼ିଯିବ । ସେ ନିଷ୍ପାପ ଶିଶୁର ଦୋଷ କ'ଣ ? ସେ କୌଣସି ପ୍ରକାରେ ବୁଝିବା ପରିସ୍ଥିତିରେ ନ ଥିଲେ । ସେ କହିଲେ ଆମେ ସ୍ଥିର କରି କଥାବାର୍ତ୍ତା କରି ଆସିଛୁ । ବାଧ ହୋଇ ମୋର ଦୁଇଗୋଡ଼ର ପ୍ୟାଂଟ୍ ଟେକି ଗୋଡ଼ ଦୁଇଟି ଦେଖେଇଲି । ଓ କହିଲି ଏ ନକଲି ଗୋଡ଼ ଦେଖି ଏଥର ତ ଟିକେ ଛୁଆଟି ପ୍ରତି ଦୟା କର । ଆଉ ଏଥର ତୁମେ ମାନେ ମୋ ବିଷୟରେ ନିଶ୍ଚୟ ସବୁ ବୁଝିଯାଇଥିବ । ମୋର ନକଲି ଗୋଡ଼ ଦେଖି ସବୁ ବୁଝି ଗଲେ । ଆଉ ମୁଁ କହିଲି ଯିଏ ତୁମ ପୂର୍ବରୁ ମୋ ଚାମ୍ବର ରୁ ବାହାରି ଗଲା ସେ ମୋ 'ମା', ମୋ ମା ମଧ ତୁମ ମାନଙ୍କ ଭଳି ମତେ ଗୋଟେ ଜାଗାରେ ଫୋପାଡ଼ି ଦେଇ ଯାଇଥିଲା । ଆଉ ଆଜି ମୁଁ ଅପାହିଚ୍ ନୁହେଁ । କାହା ସାହାରରେ ମୁଁ ବଂଚିନି, ବରଂ ମୁଁ ଲକ୍ଷ ଲକ୍ଷ ରୋଗୀଙ୍କର ସାହାରା ବନି ଯାଇଛି । ଏମିତି କେତେ ବେସାହାରାଙ୍କ ଓଠରେ ଆଶ୍ୱସନାର

ହସ ଖେଳେଇଛି । ଦୁଇଜଣ ସବୁ ବୁଝିଗଲେ । ଆମକୁ କ୍ଷମା କରିଦିଅ କହି ଚାଲିଗଲେ, ଛୁଆଟି 'ମା' କାନ୍ଧରେ ପଡ଼ି ହସୁଥାଏ । ସତରେ ଦାଦା ଆଜି ମୋ ପାଖରେ ଦୁଇଟା ଖୁସି ତୁମ ସାଥୀରେ ମୁଁ ବାଂଟି ବହୁତ ଆତ୍ମସନ୍ତୋଷ ଲାଗୁଛି
ଗୋଟେ ମୋ 'ମା' ସମ୍ପୂର୍ଣ୍ଣ ଭଲ ହେଇ ଗଲା । ଅନ୍ୟଟି ଛୋଟ ଛୁଆଟିକୁ ଘର ବାପା, 'ମା' ମିଳିଗଲେ ।

ସତରେ ନୀଳକଣ୍ଠ ର ସବୁ କଥା ଶୁଣି ସାରି ମନେ ମନେ ଭାବିଲି । ମୁଁ ତୁ କୋଳେଇ ନେଇ ଜୀବନର ବହୁତ ବଡ଼ ଧର୍ମ କରିଛି । ନୀଳକଣ୍ଠ ଟି ଆମର ଠିକ୍ ଦେବ ଦେବ ମହାଦେବଙ୍କ ପରି । ନିଜେ 'ମା', ବାପା ସ୍ନେହରୁ ବଂଚିତ ହୋଇ ମଧ୍ୟ ଅନ୍ୟ ଦୁଃଖ ସହିପାରୁନି । ଆଉ ବାପା, 'ମା' ସ୍ନେହରୁ ବଂଚିତ ପିଲାର ହୃଦୟ କେତେ ଯେ ଦୁଃଖି କେବଳ ସିଏ ଜାଣେ । ତା ପରେ ପୁଣି ଗୋଡ଼ର ଦୁଃଖ । ସତରେ ନିଜେ ନୀଳକଣ୍ଠ ସାଜି ଗରଳ ତକ ନିଜେ ପିଇଦେଇ ମହେଶ୍ୱରଙ୍କ ପରି ଦୁନିଆକୁ ହସ ଖୁସି ବାଂଟି ବାଂଟି ଚାଲିଛି । ବାଂଟିବାରେ ସେ ଟିକିଏ ବି କୁଣ୍ଠା ନାହିଁ । ସତରେ ଏ ସମାଜକୁ ନୀଳକଣ୍ଠ ପରି ମନ ସବୁ ଡାକ୍ତରଙ୍କର ହେଇ ଜାଆନ୍ତା କି ?ରୋଗୀ ମାନେ ବଡ଼ ବଡ଼ ଡାକ୍ତର ମାନଙ୍କୁ ଦେଖେଇବା ଠାରୁ ବଂଚିତ ହୁଅନ୍ତେ ନାହିଁ । ଆଉ ରୋଗୀ ଟି ଉପଯୁକ୍ତ ଚିକିତ୍ସା ପାଇ ରୋଗ ମୁକ୍ତ ହୁଅନ୍ତା । ସତରେ କ'ଣ ନୀଳକଣ୍ଠ ପରେ ଏମିତି ଡାକ୍ତର ସୃଷ୍ଟି ହେବେ ?

'ମା', ବାପା ବୁଝିବା ଦରକାର ଯେ ଗୋଡ଼ ନ ଥାଉ, ହାତ ନ ଥାଉ ଆମେ ତାକୁ ଜନ୍ମ ଦେଇଛୁ, ଭଗବାନ୍ ଙ୍କର କୋଉ ଆଶୀର୍ବାଦ ନେଇ କିଏ ଆସିଛି କାହାକୁ ବା ଜଣା ତେଣୁ ଜନ୍ମ ଦେଇଛୁ ଯେତେବେଳେ ତାକୁ ତ ଲାଳନ ପାଳନ ଦାୟିତ୍ୱ ବାପା, 'ମା' ଙ୍କର ନାଁ, ଭଲ ଛୁଆଟିକୁ ପାଳିବା ଆଉ ବିକଳାଙ୍ଗ ଅସହାୟ ଛୁଆଟିକୁ ପକେଇ ଦେବା ଏହା କ'ଣ ଆମର ମାନବିକତା ? ଆମ ରକ୍ତକୁ ଆମେ କେମିତି ପକେଇ ଦେଇ ଜାଇ ପାରିବା ? ଆଜି ତୁମର କିଛି ଦୁର୍ଘଟଣା ରେ ଗୋଡ଼ କି ହାତ କଟିଗଲେ କ'ଣ କରିବ ? ତେଣୁ ବିକଳାଙ୍ଗ ପ୍ରତି ଏତେ କଠୋର ନିର୍ଦ୍ଦୟ ହୁଅନ୍ତୁ ନାହିଁ । କିଏ ଜାଣେ ତୁମ ପୁଅ ବି କାହିଁକି ନୀଳକଣ୍ଠ ନ ହେବ । ନିଜ ଉପରେ ଏବଂ ଭଗବାନଙ୍କର ଦାନ ଉପରେ ଭରସା ରଖ, ଆଉ ସବୁ ପରେ 'ମା' ଟି ତାର ମମତାକୁ କିପରି ଅଳିଆ ଗଦାରେ ପକେଇବା ଭାବି ପାରୁଛି ? ତା ହୃଦୟ ର ଟୁକୁଡ଼ାକୁ ଦୂରେଇ ଦେଲାବେଳେ ତା ପାଟିରୁ ଥରେ ଆହା ପଦ କିପରି ନ ବାହାରୁଛି ?

ନୀଳକଣ୍ଠ ର କେଇପଦ କଥା ସତରେ ସବୁବେଳେ କାନରେ ମୋର ଶୁଭୁଥାଏ । କହେ 'ଦାଦା' ଆମେ ମାନେ ଡାକ୍ତର ହେଇଛୁ ପଇସା ରୋଜଗାର ଟା ଯେମିତି ଆମର ଧର୍ମ ନ ହେଉ । ରୋଗୀ, ଅସହାୟ ଙ୍କର ଓଠରେ ଆମେ ହସ ଫୁଟାଇବା, ତାଙ୍କ ଯନ୍ତ୍ରଣା ଦୂର କରିବା ଆମର କର୍ତବ୍ୟ ଏବଂ ଧର୍ମ ହେଉ । ସତରେ ସେ କେତେ ମହାନ୍ ।

- ବାଲି ସାହି, କଟକ





CBSE XII
2018 RESULT
ROUT CLASSES
For Mathematics
MATH SCORE
Akankshya Baisakh
DAV PUBLIC SCHOOL, CDA, Cuttack
98/100
Sidhartha
DAV, Chandrasekharpur, BBSR
96/100
Amit Pradhan
DAV Public School, CDA, Cuttack
95/100
Madhusmita Agasti
DAV PUBLIC SCHOOL, CDA, Cuttack
94/100
Nitu Mohapatra
91/100
Sarthak Satapathy
Mother's Public School, BBSR
90/100
Triparna Mishra
Delhi Public School
89/100
Bidyut
DAV Public School, Unit-8, BBSR
89/100
Namrata Jena
83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

### ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ୍ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ